

ଭୋଟର ତାଲିକାରୁ ନାମ କାଟିବା ପାଇଁ ମମତା ଦାୟୀ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 187 ଭାଗ ୩୪ | ସଂଖ୍ୟା ୧୮୭ | Monday 28 September 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୨୮ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଗଞ୍ଜେଇ ପ୍ୟାକେଟ୍‌ରେ ୟୁପି ବିଚାରପତିଙ୍କ ଠିକଣା

ଭବାନୀପାଟଣା,୨୭।୯: ଆଜି ସ୍ଥାନୀୟ ପୁଲିସ୍ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ୍ କରିଥିବା ବେଳେ ୪ କ୍ୱିଣ୍ଟାଲ୍‌ରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିଛି। ତେବେ ଏହି ଗଞ୍ଜେଇ ପ୍ୟାକେଟ୍ ଉପରେ ଉତ୍ତର ପ୍ରଦେଶର ଜଣେ ବିଚାରପତିଙ୍କ ଘର ଠିକଣା ରହିଥିବାରୁ ଏହା ଉତ୍ତର ପ୍ରଦେଶ ଚାଲାଣ ହେଉଥିବା ଜଣାପଡ଼ିଛି। ଉକ୍ତ ପ୍ୟାକେଟ୍‌ରେ ଉତ୍ତର ପ୍ରଦେଶର ବୁଲନ୍ଦ ସହର ନିବାସୀ ଅତିରିକ୍ତ ଦୌରାଜଜ୍‌ଙ୍କ ଠିକଣା ଲେଖାଥିଲେ ହେଁ ସେଥିରେ କୌଣସି ପ୍ରେରକଙ୍କ ଠିକଣା ନଥିଲା। ଗଞ୍ଜେଇ ଚାଲାଣକାରୀମାନେ ପୁଲିସ୍ ଆଖିରେ ଧୂଳି ଦେବା ଉଦ୍ଦେଶ୍ୟରେ ହାଇ ପ୍ରୋଫାଇଲ୍ ବ୍ୟକ୍ତିବିଶେଷଙ୍କ ଠିକଣା ବାଛୁଥିବା ପୁଲିସ୍ କହିଛି। ତେବେ ପ୍ରେରକଙ୍କ ଠିକଣା ନ ଥିବାରୁ ଏହି ଗଞ୍ଜେଇ କିଏ ପଠାଇଛି, ସେନେଇ ପୁଲିସ୍ କିଛି ଜାଣିପାରିନାହିଁ। କିନ୍ତୁ ଏହାର ପ୍ରେରକଙ୍କୁ ଠାବ କରିବା ସକାଶେ ପୁଲିସ୍ ଅଧିକ ତଦନ୍ତ ଚଳାଇଛି।

ଏସଆଇଆର ବିବାଦରେ ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ

# ଗୋଳିଆ ପାଣିରୁ କଂଗ୍ରେସ ମାଛ ଧରୁଛି

ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବଦନାମ କରି ଅରାଜକତା ସୃଷ୍ଟି କରିବା ଲକ୍ଷ୍ୟ

ଜଣେ ହେଲେ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିନି

୧୫ ମାସରେ ଯୋଡ଼ି ହୋଇଛନ୍ତି ୨.୩୭ କୋଟି ଜେନ୍-ଜି ଭୋଟର

'ଚାଲୁଣି କହୁଛି ଛୁଞ୍ଚିକୁ' କହି କଂଗ୍ରେସକୁ ମୁଖ୍ୟମନ୍ତ୍ରୀଙ୍କ ଆକ୍ଷେପ

ସାମ୍ବିଧାନିକ ବ୍ୟବସ୍ଥା ଧ୍ୱଂସ କରିବାକୁ ଚାହୁଁଛି ହତୋତ୍ସାହିତ କଂଗ୍ରେସ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ କଂଗ୍ରେସର ଅଭିଯୋଗ ଉପରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୀର୍ଘ ବ୍ୟବଧାନ ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ପୁନଃସଂଶୋଧନ କରାଯାଉଥିବା କହି ଏହା ଡିଜିଟାଲ୍ ଓ ଘରକୁ ଘର ସତ୍ୟାପନ ପ୍ରକ୍ରିୟାରେ ହେଉଥିବା ସେ କହିଛନ୍ତି। ନିର୍ବାଚନ କମିଶନଙ୍କ ଅନୁସାରେ ଏସଆଇଆରର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାଁ ଭୋଟର ତାଲିକାରୁ ବାଦ୍ ନ ପଡ଼ିବା ଏବଂ ଅଯୋଗ୍ୟ ନାମ ସାମିଲ ନହେବା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ନିଜ ସ୍ୱାର୍ଥ ପାଇଁ ନିର୍ବାଚନ କମିଶନଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ନିର୍ବାଚନ କମିଶନ ପକ୍ଷରୁ ପ୍ରାୟ ଦୀର୍ଘ ୨୫ ବର୍ଷ ପରେ ସାରା ଦେଶରେ ସ୍ପେସିଆଲ୍ ଇନ୍‌ଟେନ୍ସିଭ୍ ରିଭିଜନ୍ (ଏସଆଇଆର୍) କାର୍ଯ୍ୟକାରୀ ହୋଇଛି। ଏହା ଅତ୍ୟନ୍ତ ସ୍ୱଚ୍ଛ ଓ ଡିଜିଟାଲ ଟେକ୍ନୋଲୋଜିର ପ୍ରୟୋଗରେ ଦକ୍ଷତାର ସହ କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ, ବିଶେଷକରି କଂଗ୍ରେସ ଏହାକୁ ବିରୋଧ କରି ନାନା ପ୍ରକାର କୁତ୍ସାରଟନା କରୁଛି ଏବଂ ସାରା ଦେଶରେ ଗୋଟିଏ ନେଗେଟିଭ୍ ମାହୋଲ ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନ କମିଶନ ଭଳି ଗୋଟିଏ ସାମ୍ବିଧାନିକ ସଂସ୍ଥାକୁ ନିଜର ସ୍ୱାର୍ଥ ପାଇଁ ବଦନାମ କରିବାକୁ ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ମାଝୀ କହିଛନ୍ତି।

ସେ କହିଛନ୍ତି, ପ୍ରଚାର କରାଯାଉଛି ଯେ ୧୩ କୋଟି ଲୋକଙ୍କ ଭୋଟ୍ ଦେବାର ଅଧିକାର ଛିନ୍ନ କରାଯାଇଛି। କିନ୍ତୁ ବାସ୍ତବିକ ତଥ୍ୟ ହେଉଛି, ଏଥିରୁ ୨.୮ କୋଟି ଲୋକ ମୃତ, ୩ କୋଟି ଅନୁପସ୍ଥିତ ଓ ୬.୩ କୋଟି ଲୋକ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି। ୧ କୋଟି ଲୋକଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଥିଲା। ତେଣୁ ଏଗୁଡ଼ିକ ନାଁ କାଟି ଦିଆଯାଇଛି ବୋଲି କହିବା ଅତ୍ୟନ୍ତ ଅବିବେକି ଓ ଗଣତନ୍ତ୍ରର ପରିପନ୍ଥୀ। ଏହି ତାଲିକା ପ୍ରସ୍ତୁତି ଓ ଯାଞ୍ଚ ସମୟରେ ସାରା ଦେଶରେ ପୃଷ୍ଠା-୬



## ସୋମବାର 'ନୋ ମିଟିଂ ଡେ'

ଲୋକଙ୍କ ସମସ୍ୟା ଶୁଣିବେ ଅଧିକାରୀ

ଆପତ୍ତି ଅଭିଯୋଗ ଶୁଣିବା ବାଧ୍ୟତାମୂଳକ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟକୁ ନିଜର ଦୁଃଖ ଓ ସମସ୍ୟା ଜଣାଇବାକୁ ଆସୁଥିବା ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ଓ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ସରକାରୀ ଅଧିକାରୀମାନେ ଯେପରି ଲୋକଙ୍କୁ ପର୍ଯ୍ୟାପ୍ତ ସମୟ ଦେବେ ଓ ସେମାନଙ୍କ ଅଭିଯୋଗର ତୁରନ୍ତ ଶୁଣାଣି କରିବେ, ସେଥିପାଇଁ ରାଜ୍ୟ ସରକାର ସୋମବାରକୁ 'ନୋ ମିଟିଂ ଡେ' ବା 'ବୈଠକବିହୀନ ଦିବସ' ଭାବେ ଘୋଷଣା କରିଛନ୍ତି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଶୁଣାଣି ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ବହୁ ସମୟରେ ଦେଖାଯାଏ ଯେ ରାଜ୍ୟର ବିଭିନ୍ନ ଦୁର୍ଗମ ତଥା ଗ୍ରାମାଞ୍ଚଳରୁ ଲୋକେ ନ୍ୟାୟ ପାଇବା ଆଶାରେ ନିଜ ନିଜ ଜିଲ୍ଲାର ଜିଲ୍ଲାପାଳ, ଏସପି କିମ୍ବା ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥାଆନ୍ତି। ମାତ୍ର ଅଧିକାରୀମାନେ ବିଭିନ୍ନ ସରକାରୀ ବୈଠକ ବା ରିଭ୍ୟୁ ମିଟିଂରେ ବ୍ୟସ୍ତ ରହୁଥିବାରୁ ସାଧାରଣ ଲୋକେ ସେମାନଙ୍କୁ ଭେଟି ନ ପାରି ନିରାଶ ହୋଇ ଘରକୁ ଫେରିଥାନ୍ତି। ବାବୁଙ୍କୁ ଦେଖା କରିବାକୁ ଦିନ ଦିନ ଧରି ଅଫିସ ବାରଣ୍ଡାରେ ଅପେକ୍ଷା କରିବାକୁ ପଡ଼େ। ଜନସାଧାରଣଙ୍କ ଏହି ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏଣିକି ପ୍ରତି ସୋମବାର ରାଜ୍ୟ ସଚିବାଳୟଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବ୍ଲକ୍ ଅଫିସ୍ ପର୍ଯ୍ୟନ୍ତ କୌଣସି ସ୍ତରରେ ବିଭାଗୀୟ କିମ୍ବା ପ୍ରଶାସନିକ ବୈଠକ ଡକାଯାଇପାରିବ ନାହିଁ। ସପ୍ତାହର ପ୍ରଥମ କାର୍ଯ୍ୟଦିବସକୁ ସମ୍ପୂର୍ଣ୍ଣ ରୂପେ ଜନଶୁଣାଣି ପାଇଁ ଉତ୍ସର୍ଗ କରାଯିବ। ସମସ୍ତ ବିଭାଗୀୟ ସଚିବ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସୋମବାର ନିଜ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଓ ଅଭିଯୋଗ ଶୁଣିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି କେହି ଅଧିକାରୀ ଏହି ନିୟମର ପୃଷ୍ଠା-୬

## ନେପାଳରେ ଆଉ ଏକ ହିମସ୍ଖଳନ
## ୨ ମୃତ, ୧୦ ନିଖୋଜ



କାଠମାଣ୍ଡୁ,୨୭।୯: ନେପାଳର ତିବ୍ବତ-ହିମାଳୟ ସୀମାରେ ହିମହ୍ରଦ ଭୁଶୁଡ଼ିବା ଯୋଗୁ ତ୍ରିଶୂଳୀ ନଦୀରେ ସୃଷ୍ଟି ହୋଇଥିବା ଭୟାବହ ବନ୍ୟା ବିଭୀଷିକାର ଠିକ୍ ମାସକ ପରେ ନେପାଳରେ ଆଉ ଏକ ହିମସ୍ଖଳନଜନିତ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏଥର ତିବ୍ବତ ସୀମାନ୍ତବର୍ତ୍ତୀ ପଶ୍ଚିମ ନେପାଳରେ ଅବସ୍ଥିତ ହିମଲୁଙ୍ଗ ହିମଲ ବେସ୍-କ୍ୟାମ୍ପ୍‌ରେ ହିମସ୍ଖଳନ ଘଟିଛି। ଆଜି ଭୋର୍ ସମୟରେ ଘଟିଥିବା ଏହି ଭୟାବହ ହିମସ୍ଖଳନରେ ଏଯାବତ୍ ୧୦ ଜଣ ନିଖୋଜ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଦୁଇ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ପର୍ବତାରୋହଣ ଅଭିଯାନର ଆୟୋଜକମାନେ ସ୍ପଷ୍ଟ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ନେପାଳ ଉଚ୍ଚ ପାର୍ବତ୍ୟ ଜିଲ୍ଲା ମନାଙ୍ଗରେ ଏହା ଘଟିଥିବା ବେଳେ ନିଖୋଜଙ୍କ ମଧ୍ୟରେ ସ୍ଥାନୀୟ ପର୍ବତାରୋହୀ ଓ କେତେକ ଗାଇଡ୍ ସାମିଲ୍ ଅଛନ୍ତି। ଅଭିଯାନ ଆୟୋଜନକ ମିଙ୍ଗମା ଗାଲୟେ ଶେର୍ପା କହିଛନ୍ତି ଯେ ନିଖୋଜଙ୍କ ମଧ୍ୟରେ ତାଙ୍କର ଦୁଇ ଜଣ ରୋଷେଇ କର୍ମଚାରୀ ରହିଛନ୍ତି।

ହିମଲୁଙ୍ଗ ଗିରିଶୃଙ୍ଗ ନେପାଳର ତୀବ୍ବତ ସୀମାରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ମିଟର (୨୩ ହଜାର ଫୁଟରୁ ଅଧିକ) ଉଚ୍ଚରେ ଅବସ୍ଥିତ। ହିମସ୍ଖଳନ ହେବା ପୂର୍ବରୁ କିଛିଦିନ ଧରି ଏଠାରେ ଭାରି ତୁଷାରପାତ ଲାଗି ରହିଥିଲା। ଗତ ଗୁରୁବାରଠାରୁ ଏଠାରେ ପ୍ରବଳ ବର୍ଷା ଲାଗି ରହିଥିଲା। ଏହି କାରଣରୁ ପାହାଡ଼ିଆ ରାସ୍ତାସବୁ ଧୋଇଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଥିବା ଖବର ମଧ୍ୟ ଆସିଥିଲା। ଶେର୍ପା ମିଗମାଙ୍କ ଅନୁଯାୟୀ, ଗତ ସପ୍ତାହରେ ଜାରି ହୋଇଥିବା ପାଣିପାଗ ସତର୍କତା ପରେ ପର୍ବତାରୋହୀ ଦଳ ଓ ରଶି ଲଗାଉଥିବା ଦଳଙ୍କୁ ପର୍ବତର ଢାଲୁଗୁଡ଼ିକରୁ ଫେରାଇ ଅଣାଯାଇଥିଲା। ତେବେ କେତେ ଜଣ ଫେରିବାକୁ ଅନିଚ୍ଛା ପ୍ରକାଶ କରି ପର୍ବତରେ ରହିଯାଇଥିଲେ।

ପ୍ରାପ୍ତ ସୂଚନାନୁଯାୟୀ, ୧୦ଜଣିଆ ଅନ୍ତର୍ଜାତୀୟ ଦଳର ସଦସ୍ୟମାନେ ଆଜିର ହିମସ୍ଖଳନ ପରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ବ୍ରିଟିଶ୍-ନେପାଳ ତାରକା ପର୍ବତାରୋହୀ ନିର୍ମଲ୍ ପୁର୍ଜା, ପୁର ବାହାଦୁର ଗୁରୁଙ୍ଗ, ନଓ୍ୱାଙ୍ଗ ଥିଣ୍ଡୁ ଶେର୍ପା, ଓମାନର ପର୍ବତାରୋହୀ ନାଧିରା ଏଆଇ ହାର୍ଥୀ, ଚାଇନା ପର୍ବତାରୋହୀ ଓ୍ୱାଙ୍ଗ ଝୋଙ୍ଗ, ପାକିସ୍ତାନୀ ଗାଇଡ୍ ସୋହେଲ ସାଖି ଓ ଆମେରିକୀୟ ପର୍ବତାରୋହୀ ମାଲୋରି ଜେଇସ୍ ଅଛନ୍ତି।

ପାଗ ଅବସ୍ଥା ବିଗୁଡୁଥିବା କାରଣରୁ ପର୍ଯ୍ୟଟନ କର୍ତ୍ତୃପକ୍ଷ ଟ୍ରେକର ଓ ପର୍ବତାରୋହଣକାରୀଙ୍କୁ ସେମାନଙ୍କ କାର୍ଯ୍ୟକଳାପ ବନ୍ଦ ରଖିବାକୁ ଅନୁରୋଧ କରିଛନ୍ତି। ସେହିଭଳି ପର୍ଯ୍ୟଟନ କାର୍ଯ୍ୟକଳାପକୁ ସ୍ଥଗିତ ରଖିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି। ପୃଷ୍ଠା-୬

ସମ୍ବଲପୁର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ସାଂସଦ

# ସମୂହ ବିକାଶ ପାଇଁ କାମ କରିବାକୁ ଆହ୍ୱାନ

ଡବଲ୍ ଇଞ୍ଜିନ୍ ସରକାରର ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ

ସମ୍ବଲପୁର ମ୍ୟୁନିସିପାଲିଟି ଓ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବ ସ୍ୱଚ୍ଛତା ଅଭିଯାନ



ସମ୍ବଲପୁର,୨୭।୯(ସଂଚାର ବ୍ୟୁରୋ): ଲୋକଙ୍କ ସେବା କରିବା ପାଇଁ ଜନସାଧାରଣ ଆମକୁ ଦାୟିତ୍ୱ ଦେଇଛନ୍ତି। ଯେଉଁମାନେ ଆମ ବିଚାରଧାରାକୁ ପ୍ରଶ୍ନ କରୁଥିଲେ, ଜନସାଧାରଣ ସେମାନଙ୍କୁ ସମୁଚିତ୍ ଜବାବ ଦେଇସାରିଛନ୍ତି। ରାଜନୀତିରେ ସମସ୍ତଙ୍କୁ ଏକାଠି ନେଇ ଚାଲିବା ଓ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉପରକୁ ଉଠି ସମୂହ ବିକାଶ ପାଇଁ ଭାବିବା ଆମର ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ଆଜି ସ୍ଥାନୀୟ ଦେବେଇପାଲିଠାରେ ଆୟୋଜିତ ବିଜେପିର 'ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ'ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଏହି ବୈଠକରେ ସଙ୍ଗଠନାତ୍ମକ ସୁଦୃଢ଼ୀକରଣ ଓ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିବା ସହ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ବିଜେପିର ତୃଣମୂଳ ସ୍ତରରେ ଅତ୍ୟନ୍ତ ମଜବୁତ୍ ସଙ୍ଗଠନ ରହିଛି। ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ, ମ୍ୟୁନିସିପାଲିଟି, ଏନଏସି ଓ ସମବାୟ ନିର୍ବାଚନ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସହକାରରୁ ସମୃଦ୍ଧି' ଆହ୍ୱାନରେ ଦେଶରେ ସମବାୟ ଆନ୍ଦୋଳନର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଭାରତ ସରକାର ସମବାୟ ଆଇନରେ ସଂଶୋଧନ ଆଣିବା ପରେ ପୁରୁଣା ସମବାୟ ସମିତିଗୁଡ଼ିକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରାଯାଉଛି। ସମବାୟ କ୍ଷେତ୍ରରେ ସାଧାରଣ ଲୋକଙ୍କ ସହଭାଗିତା ବୃଦ୍ଧି କରିବା ପାଇଁ ଅତିଶୀଘ୍ର ଜିଲ୍ଲାରେ ଏକ ବୃହତ୍ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ।

ଏବେ ବିଜେପି ପକ୍ଷରୁ 'ସେବା ପକ୍ଷ' ପାଳନ କରାଯାଉଥିବା ବେଳେ ଏହି ଅବସରରେ ଦଳର କାର୍ଯ୍ୟକର୍ତ୍ତା ଗରିବ, ଯୁବ, ମହିଳା, ଜନଜାତି ଓ ଅସହାୟ ବର୍ଗଙ୍କ ନିକଟରେ ପହଞ୍ଚି ସେମାନଙ୍କ ସେବା କରିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ପହଞ୍ଚାଇବେ। ବିଶେଷକରି ସ୍ୱଚ୍ଛତା, ପୋଷଣ ବା ପୁଷ୍ଟିକର ଖାଦ୍ୟ ଓ ନିଶାମୁକ୍ତି ଅଭିଯାନକୁ ପ୍ରତ୍ୟେକ ନାଗରିକଙ୍କୁ ସାମିଲ କରି ଏକ ବ୍ୟାପକ ପୃଷ୍ଠା-୬

ଜଳବନ୍ଦୀ ଗାଁରେ ପହଞ୍ଚିଲେ ମୋହନ

# ମାନିଲେନି କାଦୁଅ, ବନ୍ୟା ପ୍ରଭାବିତଙ୍କ ଦୁଃଖ ଶୁଣିଲେ

ରିଲିଫ କେନ୍ଦ୍ରରେ ରନ୍ଧାଯାଇଥିବା ଡାଲ୍‌ମାର ମାନ ପରଖିଲେ

ପ୍ରଭାବିତ ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶ ମାର୍ଗରୁ ଦକ୍ଷିଣ ଓଡିଶାର ବନ୍ୟା ସ୍ଥିତି ଆକଳନ କରିବା ସହ ବୋଟରେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଥିଲେ। ଏପରିକି କାଦୁଅରେ ପଶି ପାଣି ଘେରରେ ଥିବା ଗାଁକୁ ଯାଇ ସେଠାରେ ଲୋକଙ୍କ ସହ କଥା ହୋଇଥିଲେ। ଏଥିସହ ରିଲିଫ ଖାଦ୍ୟର ମାନ ପରଖିବା ପାଇଁ ନିଜେ ଖାଇଥିଲେ ମଧ୍ୟ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ୪ ଦିନରେ ୩ ଥର ଭୂସ୍ଖଳନ ହୋଇଥିବା ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ସହ ହେଲିକପ୍ଟରରେ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହାପରେ ସେ କୋରାପୁଟ ଜିଲ୍ଲାର କୋଟପାଡ଼ରେ ପହଞ୍ଚିଥିଲେ।

ଗଭୀର ଅବପାତ ଯୋଗୁଁ ଲଗାଣ ବର୍ଷାରେ ରାସ୍ତା ବୁଡ଼ିବା ପରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ଏହି ଅଞ୍ଚଳ। ଜଳବନ୍ଦୀ ଅବସ୍ଥାରେ ୪ଟି ପଞ୍ଚାୟତର ୧୫ରୁ ଅଧିକ ଗାଁ ରହିଛି। ୩ ଦିନ ହେଲା ଲୋକଙ୍କୁ ଜଳବନ୍ଦୀ ସ୍ଥାନରୁ ସ୍ଥାନାନ୍ତର ପାଇଁ ଓଡ୍ରାଫ ଓ ଅଗ୍ନିଶମ ବାହାନୀ ଲାଗିଛନ୍ତି। ଅଗ୍ନିଶମ ବାହିନୀର ୨ଟି ଓ ଓଡ୍ରାଫର ୪ଟି ବୋଟ୍ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି। ଜୟପୁରରୁ ସଡ଼କପଥରେ କୋଟପାଡ଼ ଯାଇ ସେଠାରୁ ବୋଟ୍‌ରେ ବସି ଜଳବନ୍ଦୀ ଗାଁ ଚାନ୍ଦିଲିରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ। କାଦୁଅ ପଚପଚ ଗୋଡ଼ରେ ଲୋକଙ୍କ ଗହଣରେ ବସି ଲୋକଙ୍କ ଦୁଃଖ ଶୁଣିଥିଲେ। ଚାନ୍ଦିଲି ହାଇସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କ ସହ କଥା ହେବା ପରେ ରିଲିଫ କେନ୍ଦ୍ରରେ ରନ୍ଧାଯାଇଥିବା ଡାଲ୍‌ମାର ସ୍ୱାଦ ମଧ୍ୟ ଚାଖିଥିଲେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ। ଚାନ୍ଦିଲିରୁ ଫେରିବା ପରେ ଜୟପୁର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପୃଷ୍ଠା-୬

## ଆଜି ମୈଦାନକୁ ଓହ୍ଲାଇବେ ସୁଜାତା



ଏମ୍‌ଏମ୍‌ଡିଆର୍ ବିରୋଧରେ ଆନ୍ଦୋଳନକୁ କରିବେ ସମ୍ବୋଧନ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ବିଜେଡିରେ ଯୋଗ ଦେବା ପରେ ପ୍ରଥମ ଥର ପାଇଁ ଆସନ୍ତାକାଲି (ସୋମବାର) ମୈଦାନକୁ ଓହ୍ଲାଇବେ ସୁଜାତା କାର୍ତ୍ତିକେୟନ। ଦଳରେ ଜଣେ ସାଧାରଣ କର୍ମୀ ଭାବେ ଯୋଗ ଦେଇଥିବା ସୁଜାତା ବନ୍ୟା ପରିଚାଳନାଠାରୁ ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ସୋସିଆଲ ମିଡିଆରେ ନିଜର ବିବୃତ୍ତି ରଖି ରାଜ୍ୟ ଓ କେନ୍ଦ୍ରର ବିଫଳତାକୁ ଟାର୍ଗେଟ କରୁଥିଲେ। ହେଲେ ଆସନ୍ତାକାଲି ପ୍ରଥମ ଥର ପାଇଁ ସେ ଖୋଲା ମଞ୍ଚରୁ ଡବଲ ଇଞ୍ଜିନ ସରକାର ବିରୋଧରେ ଗର୍ଜିବେ। ସୁଜାତା ବିଜେଡିରେ ଯୋଗଦେବା ପରେ ଦଳରେ ତାଙ୍କ ଭୂମିକାକୁ ନେଇ ଚର୍ଚ୍ଚା ହେଉଛି। ତେବେ ଆସନ୍ତାକାଲି ସୁଜାତା ପ୍ରଥମ ଥର ଖୋଲା ମଞ୍ଚକୁ ଓହ୍ଲାଇବା ରାଜନୈତିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତାକାଲି ବିଜେଡି ପକ୍ଷରୁ ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ବିରୋଧରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶର ଆହ୍ୱାନ ଦିଆଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ସମାବେଶର ଆୟୋଜନ କରାଯାଉଛି। ନିଜେ ନବୀନ ମଧ୍ୟ ଏହି ସମାବେଶରେ ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ଦ୍ୱାରା ରାଜ୍ୟକୁ ହେବାକୁ ଥିବା ଆର୍ଥିକ କ୍ଷତି ଓ ପ୍ରଶାସନିକ ସ୍ୱାତନ୍ତ୍ର୍ୟତା ବିରୋଧରେ ଜନସାଧାରଣଙ୍କୁ ଅବଗତ କରିବେ। ଏଥିସହ ରାଜ୍ୟରୁ ନିର୍ବାଚିତ ହୋଇଥିବା ୨୦ ବିଜେପି ସାଂସଦ ସଂସଦରେ ଏହି ଆଇନ ବିରୋଧରେ ପଦେ ହେଲେ ନ କହିବା ନେଇ ନବୀନ ସେମାନଙ୍କୁ ସମାଲୋଚନା କରିପାରନ୍ତି। ପୂର୍ବରୁ ମଧ୍ୟ ସେ ଏକଥା କହି ଆସୁଛନ୍ତି।

ବିଜେଡିର ଅଭିଯୋଗ ହେଉଛି ୨୦୦୪ରୁ ବିଜେଡି ଖଣିସମୃଦ୍ଧ ଅଞ୍ଚଳରେ ଖଣି ରାଜସ୍ୱ ପୃଷ୍ଠା-୬



## କାନ ଡେରିଆ

ବାତ୍ୟା ଅର୍ଣ୍ଣବରେ ଜନ୍ମ ହୋଇ ଝିଅ
ଅନ୍ନପୂର୍ଣ୍ଣା ପାଲଟିଲେ
ପୁଅ ଜନ୍ମ ଯା'ର ପରିବାର ଲୋକେ
ଅରନବ ନାମ ଦେଲେ
ବାତ୍ୟାକୁ ମନେ ରଖିଲେ...
ମନେ ରଖିବାକୁ ଆଉ କିଛି ମା
ପେଟ କୁ ବି କାଟିଦେଲେ ।

■ ଦେବାଶିଷ

# ନିୟମଗିରିରୁ ବକ୍ସାଇଟ୍ ପାଇଁ ପୁଣି ଅଣ୍ଟା ଭିଡ଼ିଲା ବେଦାନ୍ତ




ରାଜ୍ୟ ସରକାର ରାଜି ଥିବା କହିଲେ ଅନୀଲ ଅଗ୍ରୱାଲ୍

ଡଙ୍ଗରିଆଙ୍କ ବିରୋଧ ପାଇଁ ଫେଲ୍ ମାରିଥିଲା ବେଦାନ୍ତ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ନିୟମଗିରିରୁ ବକ୍ସାଇଟ ଉତ୍ତୋଳନ ପାଇଁ ବେଦାନ୍ତ ପୁଣିଥରେ ଆଗ୍ରହ ପ୍ରକାଶ କରିଛି। ଓଡ଼ିଶା ସରକାରଙ୍କ ସହ ଆଲୋଚନା ପରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ନିଜର ଆଲୁମିନିୟମ କାରଖାନା ପାଇଁ ପାଇଥିବା ସିଜିମାଳି ଖଣି ଖନନରେ ବିଳମ୍ବ ହେବାରୁ ଏବେ ବେଦାନ୍ତ ପୁଣିଥରେ ନିୟମଗିରି ଉପରେ ଆଖି ପକାଇଥିବା ନେଇ ଆଲୋଚନା ଆରମ୍ଭ ହୋଇଛି।

ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ କହିଥିଲେ ଯେ ନିୟମଗିରିରୁ ବକ୍ସାଇଟ୍ ଖନନ ପାଇଁ ସହାୟତା କରିବାକୁ ଓଡ଼ିଶା ସରକାର ରାଜି ଅଛନ୍ତି। ବକ୍ସାଇଟ୍ ଖନନ ସହ ସେହି ଅଞ୍ଚଳର ଆଦିବାସୀମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ରାଜ୍ୟ ସରକାର କହିଛନ୍ତି। ବେଦାନ୍ତ ଅଧ୍ୟକ୍ଷଙ୍କ ଗଣମାଧ୍ୟମରେ ଏଭଳି ବକ୍ତବ୍ୟ ଏବେ ନିୟମଗିରିର ଆଦିବାସୀମାନଙ୍କୁ ବିଶେଷକରି ନିୟମଗିରି ସୁରକ୍ଷା ପାଇଁ ମେଳି ହୋଇଥିବା ଡଙ୍ଗରିଆ କନ୍ଧମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ପୂର୍ବଭଳି ପୁଣିଥରେ ନିୟମଗିରିର ସୁରକ୍ଷା ପାଇଁ ସେମାନେ ଏକାଠି ହେବାକୁ ପ୍ରସ୍ତୁତି ଚଳାଇଲେଣି।

ଉଲ୍ଲେଖନୀୟ ଯେ ବେଦାନ୍ତ କମ୍ପାନୀ ପୂର୍ବରୁ ନିୟମଗିରିରୁ ବକ୍ସାଇଟ୍ ଖନନ ପାଇଁ ଉଦ୍ୟମ କରିଥିଲା। ହେଲେ ଆଦିମ ଆଦିବାସୀ ତଥା ବିଲୁପ୍ତପ୍ରାୟ ଡଙ୍ଗରିଆ କନ୍ଧମାନେ ଏହାକୁ ଜୋରଦାର ବିରୋଧ କରିଥିଲେ। କୌଣସି ପରିସ୍ଥିତିରେ ସେମାନେ ପୂଜା କରୁଥିବା ନିୟମ ରାଜାକୁ ଖୋଳିବାକୁ ଦେବେନାହିଁ ବୋଲି ଅଡ଼ି ବସିଥିଲେ। ଏହା ରାଜନୈତିକ ରଙ୍ଗ ନେବା ସହ ପରିବେଶବିତ୍‌ମାନେ ଡଙ୍ଗରିଆଙ୍କ ସପକ୍ଷରେ ବାହାରିଥିଲେ। ଫଳରେ ବେଦାନ୍ତ ନିୟମଗିରିରୁ ଫେରିବାକୁ ବାଧ୍ୟ ହୋଇଥିଲା। ବର୍ତ୍ତମାନ କମ୍ପାନୀକୁ ମିଳିଥିବା ସିଜିମାଳି ବକ୍ସାଇଟ ଖଣି ଖନନରେ ବେଦାନ୍ତ ବିଫଳ ହେବା ପରେ ପୁଣିଥରେ ନିୟମଗିରିରୁ ବକ୍ସାଇଟ ଖନନ ପାଇଁ ଉଦ୍ୟମ ଆରମ୍ଭ କରିଛି। ସିଜିମାଳି ଖଣି ଖନନରେ ବିଦେଶୀମାନେ ସ୍ଥାନୀୟ ଆଦିବାସୀଙ୍କୁ ଉସକାଇବାରୁ ସେଠାରେ ଖନନ ହୋଇପାରୁ ନ ଥିବା ଖୋଦ ଅନୀଲ ଅଗ୍ରୱାଲ ଖୋଲାଖୋଲି ଭାବେ କହିଛନ୍ତି। ତେବେ ବିଦେଶୀ ସଂସ୍ଥାମାନେ ଏଭଳି କରୁଥିବା କହି ଶ୍ରୀ ଅଗ୍ରୱାଲ ରାଜ୍ୟ ସରକାରଙ୍କୁ ଏକପ୍ରକାର କାଠଗଡ଼ାରେ ଛିଡ଼ା କରାଇ ଦେଇଛନ୍ତି। କାରଣ ପୂର୍ବରୁ ଆଦିବାସୀ ବିରୋଧ କରୁଥିବା ନେଇ କୁହାଯାଉଥିବା ବେଳେ ଏବେ ବିଦେଶୀଙ୍କ କଥା ଉଠିଛି। ରାଜ୍ୟ ସରକାରଙ୍କ ସମସ୍ତ ପୃଷ୍ଠା-୬

# ସେଇ ପୁରୁଣା ଦିନ



**ସତ୍ୟନାରାୟଣ ପ୍ରଧାନ**



ଗାଁ ଦାଣ୍ଡରେ ପୂଜା ପରେ ଭସାଣି ଲାଗି ଟୋକାଙ୍କ ମନ ପୁରା ଆକାଶରେ ଉଡୁଛି ତାହା ପୁଣି ଦୁଇ ସାହିର ମେଢ଼ ଭିତରୁ କିଏ ଜିତିବ ବୋଲି। ଆଜି ଏକାଠି ବସି ତାସ ଖେଳୁଥିବା ପୁରୁଖା ଲୋକଙ୍କ ଭିତରେ କଥାବାର୍ତ୍ତା କିଏ ଡିଜେ ଲଗାଇ ଜିତିବ ଆଉ କିଏ ହାରିବ। ବୟସର ଶେଷ ପାହାଚରେ ପାଦ ଥାପିଥିବା ବୁଢ଼ା ବୁଢ଼ୀ ଚିନ୍ତାରେ ପଡି ଯାଇଥିଲେ କେମିତି ଘରେ ରହିବେ ସବୁଆଡେ ତ ଭୟଙ୍କର ଶବ୍ଦ।ସେମାନଙ୍କ କଥା ଆଉ କିଏ ବା କାହିଁକି ଶୁଣିବ ଠାକୁରଙ୍କୁ ଖୋଳ କୀର୍ତ୍ତନ କରି ପାଣିରେ ଆନନ୍ଦ ମନରେ ଭସାଯାଏ।

ସମୟ ଅନୁସାରେ ପ୍ରଚଣ୍ଡ ଶବ୍ଦ କରି ନିର୍ଜୀବ ଯନ୍ତ୍ର ଗୁଡାକ ବାଜି ଉଠିଲା। ଆଧୁନିକ ବାଣରେ ପରିବେଶ ଧୂଆଁରେ ଭର୍ତ୍ତି ହୋଇ ଯାଇଥିଲା। ଗାଈଗୋରୁ ଗୁହାଳରୁ ଗୁଡାକ କେ କୁଆଡ଼େ ଫିଟି ଚାଲି ଯାଇଥିଲେ। ବୃଦ୍ଧ ଲୋକ ଭୟରେ କବାଟ କିଳି ଘରକୁ ପଶିଗଲେ। ଡିଜେ ଗାଡି ଆଗ ପଛକୁ କେନ୍ଦ୍ର କରି ଦୁଇ ସାହି ଟୋକାଙ୍କ ଭିତରେ ଆରମ୍ଭ ହୋଇ ଯାଇଥିଲା ପାଟିଗୋଳ ସାଙ୍ଗକୁ ହାତ ଉଠା ଉଠି।ଘଟଣା ଏତେ ବଡ଼ ହୋଇ ଯାଇଥିଲା ଶେଷରେ ପୋଲିସକୁ ଆସିବା ପାଇଁ ପଡିଲା। ଗାଁର ଦୁଇ ସାଙ୍ଗ ସେମାନେ ଦୁଇ ସାହିର ହେଲେ ବି ସକାଳୁ ରାତି ଯାଏ ଯେଉଁଠି ଦେଖିବ ମିଶି ଭଲମନ୍ଦ କଥା ହୁଅନ୍ତି।

ସତରେ ସେଇ ପୁରୁଣା ଦିନ ଭାରି ଭଲ ଥିଲା। ଗାଁ ଗଣ୍ଡାରେ ଭୋଜି ହେଲେ ରାତିକୁ ଚାହିଁ ରହିଥିବା କେତେବେଳେ ଖାଇବାକୁ ଡାକିବେ। ପୁନେଇଁ ପର୍ବ ପଡିଲେ ଗାଁ ଦାଣ୍ଡରେ ପିଲାମାନଙ୍କ ଖୁସି କହିଲେ ନ ସରେ ପାଖରେ ପଛେ ଟଙ୍କାଟିଏ ନ ଥାଉ ପଛେ। ହୋଲି କି ଅଷ୍ଟପ୍ରହରୀ ଆସିଲେ ସମସ୍ତେ ରାଗ ଅଭିମାନ ଭୁଲି ଏକାଠି ମିଳି ମିଶି ସବୁ କାମ ଭାଗ କରି ନିଅନ୍ତି। ଭାଇ ଭାଇ ଭିତରେ ସମ୍ପର୍କ ଥିଲା ରାମ ଲକ୍ଷ୍ମଣର। ଘର ଆଗରେ ପାଚେରୀ ଉଠି ନ ଥିଲା କେବଳ ବୁଜା ହୋଇଥିଲା ଗାଈ ଗୋରୁ ପଶିଯିବେ ବୋଲି କାନ କୋଳି କଣ୍ଟା। ଭାଇଟିଏ ନିଜ ରକ୍ତ ଭାଇର ଖୁସି ପାଇଁ ସବୁ କିଛି କରିବାକୁ ପ୍ରସ୍ତୁତ ଥିଲା।

ସୁଆଦିଆ ତରକାରୀ ଖାଇବାକୁ ନ ମିଳିଲେ ବି ସେଇ ପାଣି ସାରୁ ବୋଇତାଳୁ ଡଙ୍କ ଭଜା କି ଆଳୁ ପୋଡ଼ାରେ କଂସାଏ ଭାତ ପେଟକୁ ଚାଲି ଯାଉଥିଲା। ସକାଳୁ ବିଲକୁ ଗଲେ ସନ୍ଧ୍ୟାରେ ଚାଷୀଟିଏ ଘରକୁ ଖୁସି ମନରେ ଫେରୁଥିଲା। ରାତି ହେଲେ ଭାଗବତ ଟିକେ ଶୁଣିଦେଲେ ଦିନ ମାନର ଦୁଃଖ କୁଆଡ଼େ ଚାଲି ଯାଉଥିଲା। ବୟସ ହେଲାଣି ଆମର ଯଦି କିଛି କେବେ ହୋଇ ଯାଏ ଆମ ଦୁହିଁଙ୍କୁ ଆମ ପରିବାର ଲୋକ ଯେପରି ଗୋଟେ ଜାଗାରେ ପୋଡିବେ। ଆର ଜନ୍ମରେ ଆମେ ଦୁହେଁ ଯେପରି ପୁଣି ବନ୍ଧୁ ହୋଇ ଜନ୍ମ ନେବା। ସେତେବେଳେକୁ ରାତି ହୋଇ ଯାଇଥିଲା ଦୁହେଁ ପରସ୍ପର ଠାରୁ ବିଦାୟ ନେଇ ଘରକୁ ଫେରି ଯାଇଥିଲେ।।

ଅଣ୍ଡିଆ, ଯାଜପୁର
ମୋବାଇଲ୍: ୯୧୭୮୩୧୩୬୪୪



## କିଏ ଆପଣାର

**ଡ଼. ଚନ୍ଦ୍ରକଳା ନାୟକ**

ଆପଣାର କିଏ ଏଠି ଅଛି
ଯଦି ସତରେ ଅଛ ନିକଟକୁ ଆସ
କୋଳେଇ ନିଅ ଥରଟିଏ ମୋତେ
ତୁମରି ଆପଣା ପଣିଆ ଭିତରେ
ମୁଁ ଗଢି ପାରିବି ନୂଆ ଏକ ଜୀବନର ମୂର୍ତ୍ତି ।
ପାଖରେ ତ ବସ, ହସର ସହରରେ
ଧୀରେ କରି କଥା ପଦେ କୁହ
ରଙ୍ଗୀନ ଆଲୋକ ନହେଲେ ବି
କୃଷ୍ଣପକ୍ଷର ଶେଷ ମୁହୁର୍ତ୍ତରେ
ତୁମରି ଆପଣାର ଛାଇ ତଳେ
ମୁଁ ନିରବି ଯାଏ
ଠିକ ଅମାବାସ୍ୟାର ରାତ୍ରି ପରି ।
ଏବେ ଏବେ ମୁଁ ବୁଝି ପାରୁଛି
ନିରୋଳା ସଫେଦ ଜହ୍ନ ରାତିରେ
କିଏ ମୋର ଆପଣାର ଅଛି
ହେଲେ ପ୍ରଶ୍ନ ଉଠେ ମନରେ
କେହି କଣ ଅଛନ୍ତି କି ?
ନାଁ ତ, ଥିଲେ ଯିଏ ପର ଭାବି ଛାଡିଦେଲେ
ଅନ୍ଧାରର ସୁଡଙ୍ଗ ଭିତରେ
ଯେଉଁଠି କେବଳ ଆରମ୍ଭ ହିଁ ହୁଏ
ଅନ୍ତ ସର୍ବଦା ହଳାହଳ ମୟ ।
ମୁଁ ଯାହାକୁ ଆପଣାର ମଣିଥିଲି
ସେ କେବଳ ଛଳନା ବାଂଟିଛି
ଅବିଶ୍ୱାସର କଷଟି ଭିତରେ
ବସାଟିକୁ ଭାଙ୍ଗି ତ ଦେଇଛି
ମାଗିଥିଲି ବିଶ୍ୱାସର କାଣିଚାଏ ବିନ୍ଦୁ
ଝଡ ପରି ଅବିଶ୍ୱାସର ତରଙ୍ଗ ତୋଳିଛି
ଧୂଳିକଣା ଶୁଖୁଲା ପତ୍ର ଗୁଡାକୁ
ପଣତ କାନିରେ ଅଜାଡି ଦେଇଛି ।
ଜାଣିଗଲି ଏବେ
ଏ ଦୁନିଆ ରାସ୍ତାରେ ନିଜଲୋକ ପରହୁଏ
ଏହା ବିଚିତ୍ର ବି ନୁହେଁ
ଅନାଦି କାଳରୁ ଏହା ରାବଣ ଭୋଗିଛି
ରାମଚନ୍ଦ୍ର ବି ତ ବାଦ ପଡି ନାହାନ୍ତି
ଚଉଦ ବରଷ ବନବାସୀ ହେଲେ
ନିଜର ପଣିଆରେ ତାଙ୍କୁ ବି ଜର୍ଜରିତ କଲେ
ମୁଁ ବି ତ ରୋଗଗ୍ରସ୍ତ ବିଶ୍ୱାସଘାତକତାରେ
ବାଳି ପରି ବୃକ୍ଷ କୋରଡରେ ।
ତଥାପି ଅପେକ୍ଷାର ଅନ୍ତ ଘଟେ ନାହିଁ
ଆଗ୍ନେୟଗିରୀର ଲାଭା ପରି
ଆପଣାର ପଣିଆକୁ ମାପିବାକୁ
ଅନ୍ୱେଷଣରତ ହୁଏ ଶତାବ୍ଦୀର ନଚିକେତା ପରି
ଆଜି ବି ପ୍ରୟାସ କରେ
କିଏ ମୋର ଆପଣାର ବୋଲି ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋବାଇଲ୍: ୯୪୩୭୯୫୭୬୧୭

## ଶରତ ବଢ଼ାଏ ମରତ ଶୋଭା



**ପୁଷ୍ପଲତା ମିଶ୍ର**

ଶରତ ବଢ଼ାଏ ମରତ ର ଶୋଭା
ସ୍ୱଚ୍ଛ ଅବନୀ ଏ ପରା ,
ତାରକା ମେଳରେ ରଜନୀ ଖେଳଇ
ରୋମାଞ୍ଚିତ ହୁଏ ଧରା ।।
ସରସୀ ର ଜଳ ସ୍ୱଚ୍ଛ ସୁ ଶୀତଳ
କୁମୁଦ କମଳ ପ୍ରେମେ,
ରାତି ଦିନ ସୂର୍ଯ୍ୟ ,ଚନ୍ଦ୍ର ଆତ ଯାତ
ମରାଳ ସରସ ମର୍ମେ ।।
ନଭେ ପକ୍ଷୀ ଦଳ ଉଡେ ନଈ କୂଳ
କାଶତଣ୍ଡୀ ପଥ ପ୍ରାନ୍ତେ ,
ଗଙ୍ଗ ଶିଉଳି ର ସୁଗନ୍ଧ ସମ୍ଭାର
ବିଭୋରେ ପ୍ରେମିକ ମାତେ ।।
ଶରତ ର ଶୋଭା ଅଟେ ମନ ଲୋଭା
ସ୍ୱଚ୍ଛ ରେ ହୃଦୟ ହରେ,
ହିରଣ୍ମୟ ବେଶ ହରି ନିଏ କ୍ଲେଶ
ସୁଷମା ମରତେ ଭରେ ।।
ସାହା ହୁଅ ମାଆ ଏହି ଜଗତକୁ
ଭକ୍ତ ଡାକେ ତୋତେ ଚାହିଁ,
ତୋର ଦୟା ହେଲେ ହଟିବ ବିପତ୍ତି
ବିପଦ ହାରିଣୀ ତୁହି ।।
ଡ଼ାକୁଅଛି ମାଆ ଏ ଶରତ କାଳେ
ଜଗତ ଉଦ୍ଧାର କର ,
ତୁମରି ଆଶିଷେ ହାତ ଯୋଡେ ପୁଷ୍ପା
ଘେନ ମୋର ନମସ୍କାର ।।



## ଭ୍ରାତୃତ୍ୱ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ମୋ ଦେଶ ସଂସ୍କୃତି ଅତୀବ ମହାନ
ଭାଇଚାରା ଭାବ ତା ମୁଖ୍ୟ ବଳ
ସେଇ ବଳେ ବଳୀୟାନ ହୋଇ ଆମେ
ବିଶ୍ୱକୁ କରିବା ଶ୍ରେଷ୍ଠ, ସବଳ।
ସ୍ନେହ ମମତାର ପବିତ୍ର ବନ୍ଧନ
ଏକତା ରଜ୍ଜୁରେ ବାନ୍ଧଇ ଯିଏ
ଭ୍ରାତୃତ୍ୱ ଭାବର ଶ୍ରେଷ୍ଠ ନିଦର୍ଶନ
ମୋ ଦେଶ ଜନତା ତା ଗୀତି ଗାଏ।

ପର ଆପଣାର ଭେଦ ଭାବ ଭୁଲି
ସଭିଙ୍କୁ ହୃଦରୁ ପାଇଲେ ଭଲ
ସମ୍ପର୍କ ଦେଉଳ ଆଗେ ଗଢାହେବ
କେହି ପାରିବେନି ଦେଇ ତା ମୂଲ।

ସଭିଏଁ ଭାରତ ମାତାର ସନ୍ତାନ
ଭାଇ ଭଉଣୀ ମୋ ଅତି ନିଜର
କାହାର ଆଖିରୁ ଝରିଲେ ଲୋତକ
ଛାତିରେ ପଶଇ ଧାରୁଆ ଶର।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଆମେ ଏକ ଆମ ଭାୱନା ଏକ
ଏକତା ରଜ୍ଜୁରେ ଯୋଡ଼ି ହୋଇଗଲେ
ଆମ ସଫଳତା ହେବ ଅନେକ।

ସଭିଙ୍କୁ ଦେଖିବା ସମାନ ଦୃଷ୍ଟିରେ
ହୃଦରୁ ଅର୍ପିବା ଶ୍ରଦ୍ଧା ସମ୍ମାନ
ସହଯୋଗ ବନେ ବିବେକ ବୃକ୍ଷରେ
ତୋଳିବା ଭ୍ରାତୃତ୍ୱ ଦିବ୍ୟ ସୁମନ।

ଏକତା ଛନ୍ଦରେ ଛନ୍ଦି ହୋଇଗଲେ
ପ୍ରେମ ଗଜରିବ ଉଚ୍ଚ ମନରୁ
ସଭିଙ୍କୁ ନିଜର କରି ଆଦରିବା
ଶାନ୍ତି ସୃଷ୍ଟି ହେବ ହୃଦ କନ୍ଦରୁ।

ଆସ ମୋର ଭାଇ ଭଉଣୀ ସଭିଏଁ
ଗାଇବା ଦେଶର ଏକତା ମନ୍ତ୍ର
ଭ୍ରାତୃତ୍ୱ ଭାବର ମହକ ବାଣ୍ଟିବା
ପ୍ରୀତିରେ ଝୁମିବ ଏ ଗଣତନ୍ତ୍ର।

ଜମ୍ବୁରା,କେନ୍ଦୁଝର



## ପାରେନା କେ ତାକୁ ପଢ଼ି

**ଜୟଶ୍ରୀ ପଟ୍ଟନାୟକ**

ଆସିଛି ଶରତ ମରତ ଭୂଇଁରେ
ବରଷା ଯିବ ବାହୁଡ଼ି
କାଶତଣ୍ଡୀ ଏବେ ଶୁଭ୍ର ସ୍ତବକରେ
ସବୁ ଠାଆ ଥାଏ ମଣ୍ଡି.. 0

ଭରା ନଈ ଏବେ ଉଛୁଳି ଉଠଇ
ପାଇ ବରଷା ପରଶ
ସାଗୁଆ ଦିଶଇ ବିଲ ପ୍ରାନ୍ତର
ଧରଣୀ ମୁହଁରେ ହସ
ଶିଶିର କାଳିରେ ଗଙ୍ଗଶିଉଳି ର
ମନ କଥା ହୁଏ ପଢ଼ି.. 1

ସରସୀରେ କଇଁ ପଦୁଅଁ ର ମେଳି
ପ୍ରକୃତି ଗଭାରେ ଫୁଲ
ଶ୍ୟାମଳ ସୁଷମା ବନ ରାଇଜର
ବଢାଏ ଋତୁର ମୂଲ
ନୂଆ ଚାରା ଦେହେ କଅଁଳ ପତର
ହସୁଥାଏ ଫୁଲକଢ଼ି.. 2
କେତେ ଋତୁ ଆସେ ବରଷ ଫର୍ଦରେ
ନୂଆ ନୂଆ କଥା କହି
କେବେ ଖରା କେବେ ବନ୍ୟା ଆଣିଥାଏ
ଶୀତ ଯାଏ ଦେହ ସହି
ଯେବେ ଋତୁ ଧରେ ଉଗ୍ର ରୂପ ତାର
ପାରେନା କେ ତାକୁ ପଢ଼ି.. 3

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା
ମୋବାଇଲ୍: ୭୯୭୮୧୧୦୪୭୪



## ଝିପିରି ଝିପିରି ବରଷା ଝରେ

**ଡ଼ଃ ଅନୁପମା ବିଶ୍ୱାଳ**



ଝିପିରି ଝିପିରି ବରଷା ଝରେ
ବାଇଚଢ଼େଇଟି ଥାଏ ବସାରେ
ସୁଖେ ବସି ସିଏ ଗାଉଛି ଗୀତ
ବରଷାରେ ହେଉ ନାହିଁ ସେ ଭୀତ।
ଖରାଦିନ ସାରା ଆଳସ୍ୟ ହରି
କୁଟା କାଠି ଆଣି ଆନନ୍ଦ ଭରି
ସୁନ୍ଦର ବସାଟେ କଲା ତିଆରି
ବରଷାକୁ ଆଉ ନାହିଁ ଖାତିରି।
ହେଲେ ସେହି ଗଛ ଡାଳ ଉପରେ
ମାଙ୍କଡ ଥାଏ ଯେ ବଡ଼ ଦୁଃଖରେ
ଆଗୁଆ ସତର୍କ ହେଲାନି ସିଏ
ଏବେ ଭିଜି ଭିଜି ଲୁହ ଗଡାଏ।
ବାୟା କହିଥିଲା ଆଗରୁ ତାକୁ
ଘର ଖଣ୍ଡେ କର ମାଙ୍କଡ ମାମୁଁ
ଅଯଥା ବୁଲିଲେ ସମୟ ନଷ୍ଟ
ବରଷା କାଳରେ ମିଳିବ କଷ୍ଟ।
ଖେଳ କୁଦ କରି ସମୟ ଗଲା
ସତର୍କ ନହୋଇ ଦୁଃଖ ପାଇଲା
ଥରୁଛି ଏବେ ସେ ଶୀତ କାକରେ
ଆଶ୍ରୟ ଟିକିଏ ନାହିଁ ପାଖରେ।
ସମୟ ଆଗରୁ ସତର୍କ ହେଲେ
ବିପଦ ପାଖରୁ ସୁରକ୍ଷା ମିଳେ
ପରିଶ୍ରମ କରି ହୁଅ ସଫଳ
କଷ୍ଟ କଲେ ମିଳେ ସୁଖର ଫଳ।

ସମ୍ବଲପୁର



## ଶରତ ପ୍ରକୃତି

**କବିଭାରତୀ ବାସନ୍ତୀ ଲତା ଜେନା**

ଶରତ ଆଣିଛି ପ୍ରକୃତିର ଶୋଭା
ଖୁସିର ପସରା ନେଇ
ନିର୍ମଳ ଆକାଶେ ତୋଫା ଜହ୍ନ ହସେ
ଜୋଛନା ପରଶି ଦେଇ ।୧।
ଗଗନ ପବନ ଉଲ୍ଲସିତ ଆଜି
ମୃଦୁ ମଳୟ ସଂଚାର
ସଜ ଶେଫାଳୀର ସୁରଭି ମହକେ
ମନ ଖୁସିର ଜୁଆର ।୨।
ନୀଳ ଜଳ ରାଶି ଶୁଭ୍ରତା ପରଶେ
ପୋଖରୀରେ ଫୁଟେ କଇଁ
ରାସ୍ତା ଘାଟ ସବୁ ଶୁଷ୍କ ହୋଇ ଥାଏ
ଶ୍ୟାମଳିମା ଶସ୍ୟ ଭୂଇଁ ।୩।
ନଦୀ ପଠା ଧାରେ କାଶତଣ୍ଡୀ ହସେ ଶାରଦୀୟ ପୂଜା ପାଇଁ
ଦେବୀ ଦୁର୍ଗାଙ୍କର ଆଗମନ ହୁଏ
ଆଶିଷ ଝରାଉ ଥାଇ ।୪।
ମାଳତୀ ଫୁଲର ସୁଗନ୍ଧ ସୌରଭ
ଟଗର ଅପରାଜିତା
ଦୁର୍ଗତି ନାଶିନୀ ସିଦ୍ଧି ପ୍ରଦାୟିନୀ
ମାଆ ମୋ ଜଗତ ଜିତା ।୫।
କରୁଣାମୟୀ ସେ ଶାନ୍ତି ପ୍ରଦାୟିନୀ
ଶଙ୍କଟ ହରିଣୀ ସେତ
ପୂଜା ମଣ୍ଡପରେ ପୂଜିତା ହୁଅଇ
ତା' ଚରଣେ ମଥା ନତ ।୬।

ଗାନ୍ଧୀନଗର, ନବରଙ୍ଗପୁର




ସମୟର ଛାୟାଚିତ୍ର

# ଆତ୍ମ-ଜ୍ଞାନର ଆଲୋକ କେବେ ଲିଭେ ନାହିଁ



**ଡକ୍ଟର ଲକ୍ଷ୍ମଣ ସାହୁ**



ମାନବ ଜୀବନ ଏକ ନିରନ୍ତର ଯାତ୍ରା। ଏହି ଯାତ୍ରାରେ ଆମେ ଅନେକ ପର୍ଯ୍ୟାୟ ଦେଇ ଗତି କରୁ କରୁ କେବେ କେବେ ସଫଳତା, ବିଫଳତା, ପ୍ରଶଂସା, ଅବହେଳା, ଆଶା ଓ ନିରାଶାକୁ ଭେଟୁ । ଅଧିକାଂଶ ଲୋକ ଏହି ଯାତ୍ରାର ଉଦ୍ଦେଶ୍ୟ ବାହ୍ୟ ସଫଳତାରେ ଖୋଜିଥାନ୍ତି। କେତେକ ଟଙ୍କା ରୋଜଗାର କରିବାରେ, କେତେକ ପ୍ରତିଷ୍ଠା ଅର୍ଜନ କରିବାରେ, ଓ ଅନ୍ୟମାନଙ୍କୁ ପଛରେ ପକାଇବା ପାଇଁ ଘୋଡା ଦୌଡ଼ରେ ନିୟୋଜିତ ହୋଇଥାନ୍ତି। କିନ୍ତୁ ଜୀବନର ଶେଷ ସନ୍ଧ୍ୟା ହେବା ଆରମ୍ଭ ହେବା ମାତ୍ରେ, ମନ ଭିତରେ ଏକପ୍ରକାର ପ୍ରଶ୍ନ ଉଙ୍କି ଆସେ, ଏହା କ'ଣ ପ୍ରକୃତରେ ବିଜୟ ଥିଲା ? ସତ୍ୟ ହେଉଛି ଯେ ପ୍ରକୃତ ବିଜୟ ଟ୍ରଫି, ପଦକ, ପଦବୀ କିମ୍ବା ପ୍ରଶଂସାର ଶବ୍ଦରେ ମିଳେ ନାହିଁ। ଏହା ସେହି କ୍ଷଣିକ ମୁହୂର୍ତ୍ତରେ ଜନ୍ମ ନେଇଥାଏ ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ଚିହ୍ନିଥାଏ, କିନ୍ତୁ ନିଜ ଦୋଷ ଦୁର୍ବଳତା ପ୍ରତି ଆଖି ବୁଜି ଦେଇଥାଏ ଓ ନିଜ ଅନ୍ତରର ସତ୍ୟକୁ ଗ୍ରହଣ କରିଥାଏ। ଯିଏ ନିଜକୁ ଜାଣିଛି ସେ ଜୀବନର ସର୍ବୋତ୍ତମ ରହସ୍ୟକୁ ଆବିଷ୍କାର କରିପାରିଛି। କହିବାର ଅର୍ଥ ଆମ ଦୈନନ୍ଦିନ ଜୀବନରେ ଅନେକ ଥର ଏପରି ପରିସ୍ଥିତି ଆସିଥାଏ ଯେତେବେଳେ ଆମେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ଆମର ପ୍ରକୃତ ସ୍ୱଭାବ ଠାରୁ ଦୂରେଇ ଯାଉ। ଆମେ ହସୁଥାଉ ଯେତେବେଳେ ଆମେ ଭିତରେ ଯନ୍ତ୍ରଣା ପୋଷଣ କରୁ। ଆମେ ସଫଳ ଦେଖାଯିବାକୁ ଚେଷ୍ଟା କରୁ, ଯେତେବେଳେ ଆମର ହୃଦୟ ଅସନ୍ତୋଷରେ ପରିପୂର୍ଣ୍ଣ ଥାଏ। ଆମେ ଆମର ଭୁଲ ଗୁଡ଼ିକୁ ଲୁଚାଇବା ପାଇଁ ବାହାନା କରୁ , ମିଛ କହି ଅଭିନୟ କରୁ। କାରଣ ଆମେ ଭୁଲ ବୁଝାମଣା ହେବାର ଭୟ କରୁ। ଆମର ବ୍ୟକ୍ତିତ୍ୱ ଉପରେ ଏହି ଭୟ ଧୀରେ ଧୀରେ ଏକ ବଡ଼ ଧରଣର ଆବରଣ ସୃଷ୍ଟି କରେ।ଯାହା ଆମର ପ୍ରକୃତ ସ୍ୱଭାବକୁ ଲୁଚାଇ ଦିଏ। ଭିତରେ ଥିବା ସତ୍ୟକୁ ଜାଣିବାର ଅର୍ଥ ନିରନ୍ତର ନିଜକୁ ଦୋଷ ଦେବା ନୁହେଁ। ଏହାର ଅର୍ଥ ହେଉଛି ଆମର ଶକ୍ତି ଓ ଦୁର୍ବଳତା ଉଭୟକୁ ସମାନ ଦୃଢ ବିଶ୍ୱାସ ଓ ସଚ୍ଚୋଟତାର ସହିତ ଗ୍ରହଣ କରିନେବା। ଯେଉଁମାନେ ନିଜର ଦୁର୍ବଳତାକୁ ବୁଝି ପାରନ୍ତି ଓ ଚିହ୍ନି ଥାଆନ୍ତି, କେବଳ ସେମାନେ ହିଁ ନିଜକୁ ଅମାପ ଶକ୍ତିରେ ପରିଣତ କରିବା ପାଇଁ ଜିଜ୍ଞାସା ଓ ଆଶାଶୀ ପଦକ୍ଷେପ ନେଇପାରିବେ। ଯତ୍ନର ସହିତ ନିଜକୁ ଗଢ଼ିବାକୁ ଚେଷ୍ଟା କରିପାରିବେ। ଆଉ ଯେଉଁମାନେ ନିଜର ଭୁଲକୁ ସ୍ୱୀକାର କରିବାକୁ ମନା କରନ୍ତି, ସେମାନେ ଦୁର୍ଭାଗ୍ୟଜନକ ଭାବେ ଶିଖିବାର ସୁଯୋଗ ହରାଇ ଥାଆନ୍ତି।

ବାସ୍ତବରେ ଯଦି ଆମେ ଆମେ ଆମର ପରିବାରକୁ ଦେଖିବା, ତେବେ ଆମେ ଦେଖିବା ଯେ ଅଧିକାଂଶ ସମ୍ପର୍କରେ ଦୂରତା କୌଣସି ବଡ଼ ଘଟଣା ଦ୍ୱାରା ସୃଷ୍ଟି ହୁଏ ନାହିଁ। ବରଂ ଅତ୍ୟଧିକ ଅହଂକାର, ଅଯଥା ଅମୂଳକ ମିଥ୍ୟା ଦ୍ୱାରା ସୃଷ୍ଟି ହୁଏ। ପଦୁଟିଏ ଏକ ସରଳ କଥା "ମୁଁ ଭୁଲ ଥିଲି" ଅନେକ ଭଙ୍ଗା ସମ୍ପର୍କକୁ ସଜାଡ଼ିପାରେ। କିନ୍ତୁ କେବଳ ସେହି ବ୍ୟକ୍ତି ଯିଏ ନିଜ ଭିତରର ସତ୍ୟକୁ ଚିହ୍ନିଛି ସେହି ବ୍ୟକ୍ତି ଏହି ସାହସର ଅଧିକାରୀ ହୋଇଥାଏ। ଜଣେ ବ୍ୟକ୍ତିକୁ ହାର ମାନିବାକୁ ସତ୍ୟ ଶିଖାଏ। ଯେଉଁମାନେ ହାର ମାନିବାକୁ ଜାଣନ୍ତି ଓ ପ୍ରସ୍ତୁତ କେବଳ ସେମାନେ ହିଁ ସମ୍ପର୍କକୁ ରକ୍ଷା କରିପାରିବେ। ଆଜି ତୁଳନାର ସମୟ ପାଲଟିଛି। ସୋସିଆଲ ମିଡିଆରେ ଅନ୍ୟମାନଙ୍କ ସଫଳତା ଦେଖି ଆମେ କେହି କେହି ନିଜକୁ ହୀନ ଅନୁଭବ କରୁ। ଆମେ ଭାବୁଛୁ ଯେ ଅନ୍ୟମାନଙ୍କ ଜୀବନ ଆମ ଅପେକ୍ଷା ଅଧିକ ସୁନ୍ଦର, ସଫଳ ଓ ଖୁସି ଖୁସି ଭରପୂର ରହିଛି। ଏହି ତୁଳନାରେ, ଆମେ ନିଜ ଭିତରେ ଦେଖିବାକୁ ଭୁଲିଯାଉ। ପ୍ରକୃତ ଶାନ୍ତି ଅନ୍ୟମାନଙ୍କ ଅପେକ୍ଷା ଆମ ପାଖରେ ଯାହା ଅଧିକ ଅଛି ସେଥିରେ ନୁହେଁ, ବରଂ ଏହା ଜାଣିବାରେ ଯେ ଆମର ଅଧିକ ଅଛି ଏହା ଭାବିବା ଦରକାର। ସତରେ ଆମେ ଆମ ଜୀବନ ସହିତ କେତେ ସନ୍ତୁଷ୍ଟ କେତେ ସଚ୍ଚୋଟ ତାହା ଆମ ବିବେକ ଓ ବିଚାର ଧାରା ଉପରେ ନିର୍ଭର କରେ। ଜୀବନରେ ବିଫଳତା ମଧ୍ୟ ସାଧାରଣ ପାଲଟେ।

ଆମେ ଆଶା କରୁଥିବା ମାର୍କ ପାଇପାରୁନାହୁଁ। ଯେମିତି ବ୍ୟବସାୟରେ କ୍ଷତି ସହୁ, ଚାକିରି ସୁଯୋଗ ହରାଇଥାଉ, କିମ୍ବା ଜଣେ ପ୍ରିୟଜନ ଆମକୁ ପରିତ୍ୟାଗ କରିଦିଅନ୍ତି। ଏପରି ସମୟରେ, ବାହ୍ୟ ଜଗତ ଆମକୁ ଦୁର୍ବଳ ବୋଲି ଭାବିପାରେ। କିନ୍ତୁ ଯଦି ଆମର ଆଭ୍ୟନ୍ତରୀଣ ସ୍ୱଭାବ ଦୃଢ଼ ଥାଏ, ତେବେ ଆମେ ପୁଣି ଉଠିଥାଉ। ଏହା ହେଉଛି ଆଭ୍ୟନ୍ତରୀଣ ସତ୍ୟର ଶକ୍ତି। ଏହା ଆମକୁ ନିଶ୍ଚିତ କରେ ଯେ ଆମର ପରିଚୟ କୌଣସି ଏକ ସଫଳତା କିମ୍ବା ବିଫଳତା ଦ୍ୱାରା ନୁହେଁ, ବରଂ ଆମର ଚରିତ୍ର ଦ୍ୱାରା ଗଢ଼ି ଉଠିଥାଏ। ବାହ୍ୟ ଯୁଦ୍ଧ ଜିତିବା ସହଜ ହୋଇପାରେ, କିନ୍ତୁ ଆଭ୍ୟନ୍ତରୀଣ ସଂଘର୍ଷକୁ ଜିତିବା ସବୁଠାରୁ କଷ୍ଟକର ଓ ଶ୍ରେଷ୍ଠ ଅଭ୍ୟାସ ହୋଇଥାଏ। ଏହି ସତ୍ୟ ସାଧାରଣ ଜୀବନରେ ମଧ୍ୟ ସ୍ପଷ୍ଟ। ଜଣେ ଚାଷୀ ଯିଏ ନିଜ ଜମିରେ କଠିନ ପରିଶ୍ରମ କରନ୍ତି, ଜଣେ ଶିକ୍ଷକ ଯିଏ ସଚ୍ଚୋଟ ଭାବରେ ତାଙ୍କ ଛାତ୍ରଙ୍କ ଭବିଷ୍ୟତ ଗଠନ କରନ୍ତି। ସେ ଜଣେ ମାଆ ଯିଏ କୌଣସି ଆଶା ବିନା ନିଜ ପରିବାର ପାଇଁ ନିଜ ଜୀବନ ଉତ୍ସର୍ଗ କରନ୍ତି, କିମ୍ବା ଜଣେ କର୍ମଚାରୀ ଯିଏ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ତାଙ୍କ କର୍ତ୍ତବ୍ୟ ପାଳନ କରନ୍ତି। ହୁଏତ ଏମାନଙ୍କ ସମସ୍ତଙ୍କର ବଡ଼ କିଛି ଯଶ ଖ୍ୟାତି ନ ଥାଇପାରେ। କିନ୍ତୁ ଯଦି ସେମାନେ ନିଜ କାମ ପ୍ରତି ସତ୍ୟବାନ, ତେବେ ସେମାନେ ଜୀବନରେ ପ୍ରକୃତ ବିଜୟୀ ଘଟିଥାଏ। ସେମାନଙ୍କର ଆତ୍ମସମ୍ମାନ କୌଣସି ପୁରସ୍କାର ଉପରେ ନିର୍ଭର କରେ ନାହିଁ। ସତ୍ୟର ପଥ ଆତ୍ମନିରୀକ୍ଷଣ ମାଧ୍ୟମରେ ନିହିତ। ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମତେ , ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ.."। ପ୍ରତିଦିନ ନିଜ ସହିତ କିଛି ସମୟ ବିତାଇବା, ନିଜ ଭୁଲ ଉପରେ ପ୍ରତିଫଳିତ କରିବା, ନିଜ ଭଲ ଗୁଣ ପାଇଁ କୃତଜ୍ଞ ହେବା ଓ ନିଜକୁ ପଚାରିବା, "ମୁଁ କ'ଣ ଯାହାକୁ ମୁଁ ଦୁନିଆକୁ ଦେଖାଏ ?" ଏହି ଛୋଟ ଛୋଟ ପ୍ରଶ୍ନ ଗୁଡ଼ିକ ଆମ ଜୀବନର ଗତି ବଦଳାଇ ପାରେ। ଯେତେବେଳେ ଜଣେ ବ୍ୟକ୍ତି ନିଜ ସହିତ ମିଛ କହିବା ବନ୍ଦ କରେ ସେତେବେଳେ ହିଁ ପ୍ରକୃତ ପରିବର୍ତ୍ତନ ଆରମ୍ଭ ହୁଏ।

ପ୍ରାୟତଃ ଲୋକମାନେ ନିଜ ସମସ୍ୟା, ଅସୁରକ୍ଷା ଓ ଚାପ ସହିତ ଜଡ଼ିତ ହୁଅନ୍ତି। ଜୀବନ ବହୁତ ଛୋଟ। ଏହାକୁ ଏପରି ଭାବରେ ନଷ୍ଟ କରିବା ମୂର୍ଖତା ନୁହେଁ ଯାହାକୁ ଆମେ ଶେଷରେ ଗୁରୁତ୍ୱହୀନ ବୋଲି ଭାବିବା। ସେହି ଲୋକ, କାର୍ଯ୍ୟ ଓ ସ୍ୱପ୍ନ ପାଇଁ ଆମକୁ ଶକ୍ତି ସଞ୍ଚୟ କରିବାକୁ ହେବ ଯାହା ପ୍ରକୃତରେ ଆମର ଜୀବନକୁ ଅର୍ଥ ଦିଏ। ଛୋଟ ଛୋଟ ଜିନିଷଗୁଡ଼ିକୁ ଛାଡି ଦେବା ଦୁର୍ବଳତାର ଲକ୍ଷଣ ନୁହେଁ, ବରଂ ମାନସିକ ପରିପକ୍ୱତାର ଲକ୍ଷଣ। ଯେତେବେଳେ ତୁମେ ପ୍ରତ୍ୟେକ ଛୋଟ ଛୋଟ ଅସୁବିଧାକୁ ତୁମ ଭିତରେ ରହିବାକୁ ମନା କର, ତୁମେ ଧୀରେ ଧୀରେ ଅନୁଭବ କର ଯେ ଶାନ୍ତି ବାହ୍ୟ ପରିସ୍ଥିତିରୁ ଏକ ଉପହାର ନୁହେଁ। ବରଂ ଶାନ୍ତି ଏକ ପସନ୍ଦ। ଏପରିକି ପ୍ରତିଦିନ ଆମେ ଛୋଟ ଛୋଟ କଥା ଗୁଡ଼ିକୁ ଆମକୁ ଅଭିଭୂତ କରିବାକୁ ଦେବା କିମ୍ବା ହସି ହସି ସେଗୁଡ଼ିକୁ ଛାଡି ଦେବାର ପସନ୍ଦ କରିବା ଦରକାର। ଶେଷରେ ଏକ ସୁଖୀ ଜୀବନର ଅର୍ଥ ନୁହେଁ ଯେ କୌଣସି ଅସୁବିଧା ହେବ ନାହିଁ। ଏହାର ଅର୍ଥ ହେଉଛି ତୁମ ଭିତରେ କେତେ ସମୟ ଅସୁବିଧା ରହିବ ତାହା ନିଜେ ନିଷ୍ପତ୍ତି ନେବାକୁ ଶିଖିବାର ଆବଶ୍ୟକତା ନିଜ ଭିତରେ ଲୁଚି ରହିଛି।

ତେଣୁ ସଠିକ୍ ଦୃଷ୍ଟିକୋଣ ଗ୍ରହଣ କରିବା ସୂତ୍ର ହେଉଛି , ଜୀବନର ପ୍ରତ୍ୟେକ ଛୋଟ ଛୋଟ ଜିନିଷକୁ ନିଜ ମନ ଉପରେ କର୍ତ୍ତୃତ୍ୱ କରିବାକୁ ଦେବା ହେଉଛି ନିଜକୁ ଅତ୍ୟଧିକ ଅନାବଶ୍ୟକ ଯନ୍ତ୍ରଣା ଦେବା। ପ୍ରତ୍ୟେକ ଯୁକ୍ତିରେ ଜିତିବା କିମ୍ବା ପ୍ରତ୍ୟେକ ଭୁଲରେ ବିରକ୍ତ ହେବା ଆବଶ୍ୟକ ନୁହେଁ। ପ୍ରକୃତ ଜ୍ଞାନ କିଛି ଜିନିଷକୁ ଛାଡ଼ି ଦେବାରେ ଲୁଚି ରହିଛି। ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ କଥାମାନ ଉପରେ ଆପଣଙ୍କର ଶକ୍ତିକୁ କେନ୍ଦ୍ରିତ କରନ୍ତୁ, କାରଣ ପ୍ରକୃତ ଖୁସି ସମସ୍ୟାଗୁଡ଼ିକୁ ଦୂର କରିବାରେ ନୁହେଁ, ବରଂ ସେଗୁଡ଼ିକୁ ସ୍ପଷ୍ଟ ଭାବରେ ଦେଖିବାରେ ରହିଛି। ଜୀବନରେ ଆମେ ସମସ୍ତେ କିଛି ନା କିଛି ଖୋଜୁଥାଉ। କେହି ସଫଳତା, କେହି ସମ୍ମାନ, କେହି ଭଲପାଇବା। କିନ୍ତୁ ଦୌଡ଼ି ଦୌଡ଼ି ଅନେକ ସମୟରେ ଆମ ପାଖରେ ଥିବା ସବୁଠାରୁ ମୂଲ୍ୟବାନ ଜିନିଷଟିକୁ ହିଁ ଦେଖିପାରନ୍ତି ନାହିଁ— ଆମ ନିଜ ଲୋକଙ୍କୁ। ଜୀବନ ବହୁତ ଛୋଟ। ତେଣୁ ମନରେ ରାଗ ଥିଲେ କଥା ହୋଇଯାଅ, ଭୁଲ୍ ହୋଇଥିଲେ କ୍ଷମା ମାଗିନିଅ, ଭଲପାଉଥିଲେ ଆଜି ହିଁ ମୁହଁ ଖୋଲି କହିଦିଅ। କାରଣ ଆସନ୍ତା କାଲି କାହା ପାଇଁ କଣ ଅପେକ୍ଷା କରିବ, ତାହା ଜୀବନ କେବେ ପ୍ରତିଶ୍ରୁତି ଦିଏ ନାହିଁ।କାହାର ହସ ପଛରେ କେତେ ଲୁହ ଲୁଚିଛି, ଆମେ ଜାଣି ନାହେଁ। ତେଣୁ କାହାକୁ ଛୋଟ କରିବା ପୂର୍ବରୁ ଥରେ ତାଙ୍କ ମନକୁ ବୁଝିବାକୁ ଚେଷ୍ଟା କର। ଟିକେ ଭଲ କଥା, ଟିକେ ସ୍ନେହ, ଶ୍ରଦ୍ଧା, ପ୍ରେମ , ଟିକେ ହସ ଖୁସି ଓ ଟିକେ ସମ୍ମାନ— କାହାର ଜୀବନରେ ଏହା ହୁଏତ ବଞ୍ଚିବାର ବଡ଼ ଆଶା ହୋଇପାରେ। ଏହି ଆତ୍ମ-ଜ୍ଞାନର ଆଲୋକ କେବେ ଲିଭିଯାଏ ନାହିଁ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

## ଅଶୋକ ସିଂଘଲଙ୍କ ଜନ୍ମ ଶତାବ୍ଦୀ ସମାରୋହରେ ସାଂସଦଙ୍କ ଉଦବୋଧନ

# ଅଶୋକ ସିଂଘଲ ଥିଲେ ସନାତନ ସମାଜର 'ଅଗ୍ରଣୀ ସେନାପତି'



ସମ୍ବଲପୁର, ୨୭।୯ (ସଂଚାର ବ୍ୟୁରୋ): ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଅନ୍ତର୍ଜାତୀୟ ଅଧ୍ୟକ୍ଷ ସ୍ୱର୍ଗତ ଅଶୋକ ସିଂଘଲ ଜୀ ସନାତନ ସମାଜର ଅଗ୍ରଣୀ ସେନାପତି ଥିଲେ। ସେ ନ ଥିଲେ ଭବ୍ୟ ରାମ ମନ୍ଦିରର ସ୍ୱପ୍ନ ସାକାର ହୋଇପାରିନଥାନ୍ତା ବୋଲି କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ସମ୍ବଲପୁରରେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା (ପଶ୍ଚିମ) ଦ୍ୱାରା ଆୟୋଜିତ ଅଶୋକ ସିଂଘଲଙ୍କ ଜନ୍ମ ଶତାବ୍ଦୀ ଉଦ୍‌ଘାଟନୀ ସମାରୋହରେ ସାମିଲ ହୋଇ ଶ୍ରୀ ପ୍ରଧାନ ତାଙ୍କର ସ୍ମୃତିଚାରଣ କରିବା ସହ କୃତଜ୍ଞ ସମାଜ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ମୀନାକ୍ଷୀପୁରମ୍‌ର ଧର୍ମାନ୍ତରଣ ଘଟଣା ପରେ ଦେଶବ୍ୟାପୀ ଯେଉଁ ମହା ଆନ୍ଦୋଳନ ସୃଷ୍ଟି ହୋଇଥିଲା, ତାହା ଶେଷରେ ଏକ ନିର୍ଣ୍ଣାୟକ ମୋଡ଼ ନେଇଥିଲା। ଶ୍ରୀରାମ ଜନ୍ମଭୂମିରେ ଅନ୍ୟ ଏକ ଢାଞ୍ଚାକୁ ସମାଜ ବାଧ୍ୟ ହୋଇ ସହ୍ୟ କରୁଥିଲା। ସେହି ସମୟରେ ନେତୃତ୍ୱ ନେଇ ଜନଜାଗରଣ ତିଆରି କରିବାରେ ଜଣେ ଅଗ୍ରଣୀ 'ସନ୍ନ୍ୟାସୀ ସେନାପତି' ଥିଲେ ଅଶୋକ ସିଂଘଲ। ସେ ଯଦି ନଥାନ୍ତେ, ଶ୍ରୀରାମଚନ୍ଦ୍ରଙ୍କର ଏହି ଭବ୍ୟ ମନ୍ଦିର ନିର୍ମାଣ ହୋଇପାରିଥାନ୍ତା କି ନାହିଁ, ତାହା ଆଜି ଇତିହାସର ସମୀକ୍ଷାର ବିଷୟ।

## ପାଳିତ ହେଲା ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬

# ସମାବେଶୀ ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ

■ ଓଟିଡିସି ଅତ୍ୟାଧୁନିକ ଲକଜୁରୀ କୋଚ୍‌ର ଶୁଭାରମ୍ଭ

■ ହୋମ୍‌ଷ୍ଟେ ଯୋଜନାରେ ୧୭୬ ହିତାଧିକାରୀଙ୍କୁ ମିଳିଲା ପ୍ରମାଣପତ୍ର



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି 'ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬' ପାଳିତ ହୋଇଛି। ଏହି ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟଟନର ପୁନଃପରିକଳ୍ପନା ପାଇଁ ଡିଜିଟାଲ୍ ଏଜେଣ୍ଡା ଓ କୃତ୍ରିମ ବୁଦ୍ଧିମତ୍ତା ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬ର ଏହି ମୂଳ ଭାବନାକୁ ଆଧାର କରି ଏହି ସମାରୋହ ଆୟୋଜିତ ହୋଇଥିଲା।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଜୀବିକା ସୃଷ୍ଟି, ସ୍ଥାନୀୟ ସମୁଦାୟକୁ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ଭାଗୀଦାରୀ କରିବାରେ ପର୍ଯ୍ୟଟନର ପରିବର୍ତ୍ତନକାରୀ ସାମର୍ଥ୍ୟ ଉପରେ ଆଲୋକପାତ କରିଥିଲେ। ଭ୍ରମଣ ଅନୁଭୂତିକୁ ଉନ୍ନତ କରିବା ପାଇଁ ଓଟିଡିସି ଲକଜରୀ କୋଚ୍‌ଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସମୁଦାୟର ନେତୃତ୍ୱରେ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ହୋମ୍‌ଷ୍ଟେଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଐତିହ୍ୟ ପର୍ଯ୍ୟଟନକୁ ସୁଦୃଢ଼ କରିବା ପାଇଁ ପର୍ଯ୍ୟଟନ ବିଭାଗ ଓ ଏଏସଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ହୋମ୍‌ଷ୍ଟେ ଯୋଜନାରେ ୧୭୬ ଜଣ ହିତାଧିକାରୀଙ୍କୁ ଅସ୍ଥାୟୀ ପଞ୍ଜୀକରଣ ପ୍ରମାଣପତ୍ର ଓ ସାହସିକ ପର୍ଯ୍ୟଟନ ଆୟୋଜକଙ୍କୁ ଏଲଟିଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



କଟକ, ୨୭।୯(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ନାୟକ ଓ ଧର୍ମପତ୍ନୀ ଚପଳା ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। କଖଡ଼ିସ୍ଥିତ ନିଜ ବାସଭବନଠାରେ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କଖଡି ଗ୍ରାମପଞ୍ଚାୟତ ସରପଞ୍ଚ କଳ୍ପନା ଛତାର, ଚନ୍ଦ୍ରଶେଖର ପରିଡା, ପରମାନନ୍ଦ ରାଉତ, ସୁରେନ୍ଦ୍ର ମହାନ୍ତି, ମାୟାଧର ଦଳାଇ, ବ୍ରଜରାଜ ଖଟୁଆ, ଶିକ୍ଷାବିତ ବସନ୍ତ ବେହେରା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ନାୟକ ଦୀର୍ଘ ୨୫ ବର୍ଷ ଧରି ସାହିରେ ସଭାପତି ଭାବେ କାର୍ଯ୍ୟ କରିବା ସହ କଖଡି ହିଙ୍ଗୁଳା ଯଜ୍ଞ କମିଟି ସଭାପତି ଭାବେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ଅନେକ ଜନହିତକର କାର୍ଯ୍ୟ କରି ସେ ନଦୀକୂଳ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। ପ୍ରତିମୂର୍ତ୍ତି ଉନ୍ମୋଚନ ପରିପ୍ରେକ୍ଷୀରେ ବଡ଼ପୁଅ ପ୍ରଫେସର ନାୟକ, ପୁତୁରା ଅଫିସ ନାୟକ ଓ ଜମ୍ବେଶ୍ୱର ନାୟକଙ୍କ ସହ ବଡନାତି ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ ଓ ଦିଲୀପ କୁମାର ନାୟକଙ୍କ ସହ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ଅନୁଭୂତିରେ ଶ୍ରୀସନ୍ଥ ପୁସ୍ତକ ଉନ୍ମୋଚିତ




କଟକ, ୨୬।୯ (ସଂଚାର ବ୍ୟୁରୋ): ରେକି ମିଶନର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ଥଙ୍କ ଶିଷ୍ୟ ଭାରତ ଭୂଷଣ ରାୟଙ୍କ ଦ୍ୱାରା ରଚିତ ତ୍ରିଭାଷୀ ପୁସ୍ତକ ଅନୁଭୂତିରେ ଶ୍ରୀସନ୍ଥ ଶନିବାର ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜ (ଶତାବ୍ଦୀ ଭବନ)ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ରାଜୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର) ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲେଖିକା ସଂସଦର ବରିଷ୍ଠ ସାହିତ୍ୟିକା ଓ ସଭାପତି ଡ. ଶକୁନ୍ତଳା ବଳିୟାରସିଂହ ପ୍ରମୁଖ ଯୋଗଦେଇ ଦୀର୍ଘ ତିନି ଦଶନ୍ଧିର ଆଧ୍ୟାତ୍ମିକ ଯାତ୍ରା, ଗୁରୁକୃପାର ବିଭିନ୍ନ ଅନୁଭୂତି ଓ ଜୀବନରେ ପାଇଥିବା ଶିକ୍ଷାକୁ ନେଇ ଲେଖକ ଭାରତ ଭୁଷଣ ରାୟଙ୍କ ରଚିତ ଅନୁଭୁତିରେ ଶ୍ରୀସନ୍ଥ ପୁସ୍ତକ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅଭୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆରମ୍ଭ ହେଲା 'ପ୍ରୋମୋ ରନ୍'



କଟକ, ୨୭।୯ (ସଂଚାର ବ୍ୟୁରୋ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆଜି କଟକରେ ଫିଟନେସ୍ ଓ ପର୍ଯ୍ୟଟନର ସମନ୍ୱୟର ଏକ ଅନନ୍ୟ ବାର୍ତ୍ତା ନେଇ 'ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ରାଜ୍ୟବ୍ୟାପୀ ସମକାଳୀନ ପ୍ରୋମୋ ରନ୍‌ର ଅଂଶବିଶେଷ ଭାବେ କଟକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଥିଲା। ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍ ପରିସରରୁ ଆଜି ପ୍ରୋମୋ ରନ୍‌ର ଶୁଭାରମ୍ଭ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପନିର୍ଦ୍ଦେଶକ, ପର୍ଯ୍ୟଟନ ସୁଜାତା ପଟ୍ଟନାୟକ, ଅଲିମ୍ପିଆନ୍ ଡି. ପି. ଇରାନୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ସରକାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ମିଳିତ ଭାବେ ପତାକା ଦେଖାଇ ଏହି ଦୌଡ଼ର ଶୁଭାରମ୍ଭ କରିଥିଲେ।

## ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସାଧାରଣ ବୈଠକ



କଟକ, ୨୭।୯(ସଂଚାର ବ୍ୟୁରୋ): ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସାଧାରଣ ବୈଠକ ସ୍ଥାନୀୟ ଲିଙ୍କ୍ ଆଇ ହସ୍ପିଟାଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ପରିଷଦର ଆଜୀବନ ସଦସ୍ୟ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟଗଣ ଉପସ୍ଥିତ ରହି ଆଗାମୀ ମକର ସଂକ୍ରାନ୍ତିର ଅଖଣ୍ଡ ଭଜନ ସମାରୋହ ଏବଂ ସପ୍ତକ ପ୍ରକାଶନ ତଥା ଅନ୍ୟ ବିବିଧ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୌର ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ବିକାଶ ଦାସ, ଶୁଭଲକ୍ଷ୍ମୀ ଦାସ, ଆଡଭୋକେଟ୍ ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇଥିଲେ। ପରିଶେଷରେ ବିଶିଷ୍ଟ ସଂଗୀତଜ୍ଞ ଏ.ମହେଶ୍ୱର ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନାଁରେ ପଶ୍ଚିମ ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛି ବିଜେପି



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନାଁରେ ବିଜେପି ସରକାର ଓ ବିଜେପି ନେତାମାନେ ଦୀର୍ଘ ଦିନ ଧରି ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀଙ୍କୁ ଭ୍ରମିତ କରିଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ। ସେ କହିଛନ୍ତି ଯେ ଗତ ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ନିଜ ଇସ୍ତାହାରରେ ସମ୍ବଲପୁରରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ଗତ ୨୦୨୪ ଜୁନ୍‌ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କେନ୍ଦ୍ର ନିକଟରେ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଦାବି ରଖିଥିଲେ। ପରେ ୨୦୨୪ ସେପ୍ଟେମ୍ବର ୮ରେ ନୂଆଁଖାଇ ଅବସରରେ ସମ୍ବଲପୁର ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ ଓଡ଼ିଶାର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ହେବ। ୨୦୨୪ ସେପ୍ଟେମ୍ବର ରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚାଲିଥିବା କହିଥିଲେ। ଏପରିକି ଏମ୍ସ ପାଇଁ ଜମି ଖୋଜାଯାଉଥିବା ନେଇ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ତଥ୍ୟ ସମସ୍ତ ଘୋଷଣାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ଯଦି ୨୦୨୪ ଅକ୍ଟୋବରରେ କେନ୍ଦ୍ର ପକ୍ଷରୁ ଏମ୍ସ ପ୍ରତିଷ୍ଠା ନେଇ ସକାରାତ୍ମକ ଅନୁମୋଦନ ମିଳି ନ ଥିଲା, ତେବେ ତା'ପରେ ବିଜେପି ନେତାମାନେ ସମ୍ବଲପୁରବାସୀଙ୍କୁ କାହିଁକି ବାରମ୍ବାର ଏମ୍ସ ହେବ ବୋଲି କହିଆସୁଛନ୍ତି ବୋଲି ଇଂ. ପୂଜାରୀ ପ୍ରଶ୍ନ କରିଛନ୍ତି। ଗତ ୨୦୨୪ରେ ଭୋଟ ପାଇଁ ଏମ୍ସର ପ୍ରତିଶ୍ରୁତି, ନୂଆଁଖାଇରେ ଘୋଷଣା, ପରେ ଜମି ଖୋଜା, ୨୦୨୬ରେ ପୁଣି ନୂଆ କଥା। ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ସହ ରାଜନୈତିକ ଛଳନା ନୁହେଁ। ବିଜେପିର ଜାତୀୟ ପ୍ରବକ୍ତା ଅଜୟ ଆଲୋକ ଗତ ଫେବୃଆରୀ ୧୧ରେ ସମ୍ବଲପୁର ଆସି ଏମ୍ସ ପାଇଁ ରାଜ୍ୟ ସରକାର ଜମି ଯୋଗାଇବାକୁ ଯାଉଥିବା ଓ ପ୍ରକଳ୍ପ ଆଗକୁ ବଢୁଥିବା କଥା କହିଥିଲେ। ତେବେ ବିଜେପି ନେତାମାନେ ସମ୍ବଲପୁର ଆସି ମିଛ ପ୍ରତିଶ୍ରୁତିର ପୁରୁଣା କ୍ୟାସେଟ୍ ବଜାଇବା ବନ୍ଦ କରିବା ସକାଶେ ଇଂ. ପୂଜାରୀ କହିଛନ୍ତି।

■ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବି ପ୍ରସଙ୍ଗ

# ଆଜି ଶକ୍ତି ପ୍ରଦର୍ଶନ କରିବ ବିଜେଡି



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଜେଡି ପକ୍ଷରୁ ବିଧାନସଭା ସମ୍ମୁଖରେ ଆସନ୍ତାକାଲି ହେବାକୁ ଯାଉଥିବା ବିଶାଳ ଗଣବିକ୍ଷୋଭରେ ସମସ୍ତ ରାଜ୍ୟବାସୀଙ୍କୁ ସାମିଲ ହେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି। ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ଓ ଖଣି ଥିବା ଜମି ଉପରେ ରାଜ୍ୟ ମାନଙ୍କ ଅଧିକାରକୁ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଛଡ଼ାଇ ନେଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ, ଓଡ଼ିଶା ବକେୟା ବାବଦକୁ ଏକ ଲକ୍ଷ କୋଟି ଓ ବର୍ଦ୍ଧିତ ରାଜସ୍ୱ ବାବଦକୁ ୧୨ ହଜାର କୋଟି ଟଙ୍କା ପାଇବାର ସୁଯୋଗକୁ ଏହି ଆଇନ ନଷ୍ଟ କରିଦେଲା। ତେଣୁ ଏହି ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ପକ୍ଷରୁ ଆସନ୍ତାକାଲି ଲୋୟର ପିଏମଜିଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଏଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିବେ ବୋଲି ଡ. ମହାନ୍ତି କହିଛନ୍ତି।

## ପ୍ରଥମ ଚନ୍ଦକା ଗ୍ରୀନ୍ ମାରାଥନ୍ ଆୟୋଜିତ

# ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆଜି ଭୁବନେଶ୍ୱରରେ ପ୍ରଥମ ଚନ୍ଦକା ଗ୍ରୀନ୍ ମାରାଥନ୍ ଆୟୋଜିତ ହୋଇଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣ, ବାସସ୍ଥଳୀ ସୁରକ୍ଷା ଏବଂ ସୁସ୍ଥ ଓ ପରିବେଶ ସଚେତନ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଏହି ମାରାଥନର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ମାରାଥନ୍‌କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ମନୋଜ ଭି. ନାୟରଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ, କର୍ମଚାରୀ, ପ୍ରକୃତିପ୍ରେମୀ ଓ ବହୁସଂଖ୍ୟକ ପ୍ରତିଯୋଗୀ ଉପସ୍ଥିତ ଥିଲେ।

ମାରାଥନ୍‌ରେ ୫ କିମି, ୧୦ କିମି ଏବଂ ୨୧ କିମି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚନ୍ଦକା- ଭରତପୁର ଜଙ୍ଗଲ ପରିଦୃଶ୍ୟ ଓ ଏକାମ୍ର କାନନ ଅଞ୍ଚଳର ପ୍ରାକୃତିକ ପରିବେଶ ମଧ୍ୟରେ ଦୌଡ଼ିବାର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରତିଯୋଗୀମାନେ ଲାଭ କରିଥିଲେ। ମାରାଥନ୍‌ର ଏକ ବଡ଼ ଅଂଶ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏହା ସାଧାରଣ ସହରୀ ରାସ୍ତା ମାରାଥନ୍‌ଠାରୁ ଭିନ୍ନ ଓ ପ୍ରକୃତିକେନ୍ଦ୍ରିକ ଅନୁଭୂତି ପ୍ରଦାନ କରିଥିଲା।

'ବାସସ୍ଥଳୀର ସଂଯୋଗ, ବନ୍ୟପ୍ରାଣୀର ସମୃଦ୍ଧି' ବାର୍ତ୍ତାକୁ ନେଇ ଆୟୋଜିତ ଏହି ମାରାଥନ୍ ମାଧ୍ୟମରେ ବନ ଓ ବନ୍ୟପ୍ରାଣୀ ବାସସ୍ଥଳୀର ସଂରକ୍ଷଣ ସହ ମାନବ କଲ୍ୟାଣ ଓ ସ୍ଥାୟୀ ଭବିଷ୍ୟତର ନିବିଡ଼ ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। 'ପ୍ରକୃତି ପାଇଁ ଦୌଡ଼' ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା।

# ଯୁବପିଢ଼ିଙ୍କ ସ୍ୱରକୁ ମଞ୍ଚ ଦେଉଛି 'ଯୁବା ସ୍ପିକ୍ସ' କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଯୁବପିଢ଼ିଙ୍କୁ ନିଜର ମତ, ଚିନ୍ତାଧାରା ଓ ଦୃଷ୍ଟିକୋଣ ନିର୍ଭୟରେ ପ୍ରକାଶ କରିବା ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇ ଦେଉଛି ଯୁବ ଶକ୍ତି ଟ୍ରଷ୍ଟ। ଯୁବମାନଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତନ, ବକ୍ତୃତା, ସାର୍ଥକ ଆଲୋଚନା ଓ ନେତୃତ୍ୱର ବିକାଶକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଟ୍ରଷ୍ଟ ପକ୍ଷରୁ 'ଯୁବ ସ୍ପିକ୍ସ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସାମ୍ପ୍ରତିକ ସମୟ ଓ ଯୁବପିଢ଼ିଙ୍କ ଦାୟିତ୍ୱ' ବିଷୟକୁ ନେଇ ବକ୍ତୃତା ଓ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯୁବ ବକ୍ତାମାନେ ଯୋଗଦେଇ ସାମ୍ପ୍ରତିକ ସମୟ, ସମାଜ ଓ ଆଗାମୀ ଓଡ଼ିଶା ସମ୍ପର୍କରେ ନିଜର ମତ, ଚିନ୍ତାଧାରା ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଯୁବ ଶକ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ଅମିତ୍ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯୁବମାନଙ୍କୁ ନିର୍ଭୟରେ ନିଜ କଥା କହିବା, ସ୍ୱାଧୀନ ଭାବେ ଚିନ୍ତା କରିବା ଓ ସାର୍ଥକ ଆଲୋଚନାରେ ଭାଗ ନେବାର ସୁଯୋଗ ପ୍ରଦାନ କରିବା। ସମାଜ ଓ ଓଡ଼ିଶାର ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କ ସ୍ୱର, ଚିନ୍ତା ଓ ନେତୃତ୍ୱକୁ ଅଧିକ ସଶକ୍ତ କରିବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ।

କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ରାମଚଣ୍ଡୀ ପ୍ରସାଦ ରଣସିଂହ, କିଶାନ ବରାଇ, ଅମିତାଭ ଖିଲାର ଓ ଶିକ୍ଷାବିତ୍ ସଞ୍ଜୁକ୍ତା ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ବକ୍ତୃତାର ବିଷୟବସ୍ତୁ, ଚିନ୍ତାଧାରା, ଯୁକ୍ତି, ଉପସ୍ଥାପନ ଶୈଳୀ ଓ ବିଷୟ ପ୍ରତି ଥିବା ଦୃଷ୍ଟିକୋଣକୁ ଆଧାର କରି ବିଚାରକମଣ୍ଡଳୀ ଶ୍ରେଷ୍ଠ ଯୁବ ବକ୍ତାମାନଙ୍କୁ ଚୟନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଯୁବ ବକ୍ତା ଭାବେ ପ୍ରଥମ ସ୍ଥାନରେ ଶ୍ୱେତା ପ୍ରିୟଦର୍ଶିନୀ ଓ ତମନ୍ନା ଭୋଇ, ଦ୍ୱିତୀୟ ସ୍ଥାନରେ ରଞ୍ଜିନା ମହାନ୍ତ ଓ ତୃତୀୟ ସ୍ଥାନରେ ଅଂଶୁମାନ ସାହୁ ଓ କୁଇନି ପଣ୍ଡା ଚୟନ ହୋଇଥିଲେ। ମୁଖ୍ୟ ଅତିଥି ତଥା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ. ସାମନ୍ତ କହିଥିଲେ ଯେ, ଯୁବପିଢ଼ିଙ୍କ ଚିନ୍ତାଧାରାର ବିକାଶ ସହ ସେମାନଙ୍କୁ ନିଜ ମତ ପ୍ରକାଶ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇଦେବା ଦିଗରେ ଯୁବ ଶକ୍ତି ଟ୍ରଷ୍ଟର ଏଭଳି ପ୍ରୟାସ ପ୍ରଶଂସନୀୟ। ଯୁବମାନଙ୍କୁ କେବଳ ଶ୍ରୋତା ଭାବେ ନୁହେଁ, ବରଂ ଚିନ୍ତକ, ଆଲୋଚକ ଓ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଯୁବ ଶକ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ଶ୍ରୀ ମଲ୍ଲିକ କହିଥିଲେ ଯେ ଯୁବପିଢ଼ି ମଧ୍ୟରେ ସ୍ୱାଧୀନ ଚିନ୍ତନ, ଗଣତାନ୍ତ୍ରିକ ଆଲୋଚନା ଓ ନେତୃତ୍ୱର ଭାବନାକୁ ଉତ୍ସାହିତ କରିବା ଦିଗରେ 'ଯୁବା ସ୍ପିକ୍ସ' ଏକ ନିଆରା ପ୍ରୟାସ।

● ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି

# ତୃତୀୟ ଦିନରେ କଂଗ୍ରେସର ଅହୋରାତ୍ର ଧାରଣା




ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି ନେଇ ୨୫ ତାରିଖରୁ ଆରମ୍ଭ ହୋଇଥିବା ଅହୋରାତ୍ର ଧାରଣା ଆଜି ତୃତୀୟ ଦିବସରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ସଭାପତି ଶ୍ରୀ ଦାସ ଧାରଣାସ୍ଥଳରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ଆଜି ତୃତୀୟ ଦିବସ ଧାରଣାରେ ପୂର୍ବତନ ଓପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଓ ଓପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଲଲାଟେନ୍ଦୁ ମହାପାତ୍ର, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଧାରଣାରେ ବସି ମୋଦି ସରକାର ଓ ନିର୍ବାଚନ ଅଧିକାରୀଙ୍କ ଭୋଟ ଚୋରିକୁ ନେଇ ପ୍ରତିବାଦ କରିଥିଲେ। ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଥିଲେ।

# ମେୟର ଓ ଡେପୁଟି କମିଶନରଙ୍କ ବସ୍ତି ଅଞ୍ଚଳ ପରିଦର୍ଶନ



କଟକ, ୨୭।୯ (ସଂଚାର ବ୍ୟୁରୋ): ସିଡିଏ ୱାର୍ଡ ନମ୍ବର ୬ ଅନ୍ତର୍ଗତ କୃଷକ ବଜାର ବସ୍ତି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ୧୫ଟି ପରିବାର ଜଳମଗ୍ନ ହୋଇ ଅସୁବିଧାରେ ପଡ଼ିଛନ୍ତି। ଏହି ଖବର ପାଇ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ ଡେପୁଟି କମିଶନର ଶ୍ରଦ୍ଧା ଗ୍ରହାଚାର୍ଯ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

ମେୟର ଓ ଡେପୁଟି କମିଶନର ଜଳମଗ୍ନ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଫାୟାର ବ୍ରିଗେଡ୍‌ର ପମ୍ପ ସହାୟତାରେ ଅଞ୍ଚଳରେ ଜମିଥିବା ବର୍ଷାଜଳ ନିଷ୍କାସନ କରାଯାଇଥିଲା। ଏହି ଅବସରରେ ମେୟର ଶ୍ରୀ ସିଂହ ଅଞ୍ଚଳର ଡ୍ରେନେଜ ବ୍ୟବସ୍ଥା ଓ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

# ଅର୍ଚ୍ଚନା ଦାସଙ୍କ ଏକାଦଶାହରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସଙ୍କ ଧର୍ମପତ୍ନୀ ଅର୍ଚ୍ଚନା ଦାସଙ୍କ ଏକାଦଶାହରେ କଟକ ଜିଲ୍ଲା ଅନ୍ତର୍ଗତ ବ୍ରାହ୍ମଣ ସାଇଲୋଠାରେ ବିଶିଷ୍ଟ ବ୍ୟକ୍ତିମାନେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରାଣ ପତ୍ରିକାର ସମ୍ପାଦକ ଡକ୍ଟର ତ୍ରିନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବେହେରା, ଅମରେଶ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି ଜଣେ ମିଷ୍ଟଭାଷୀ, ମେଳାପୀ, ଧର୍ମପରାୟଣା, ପ୍ରେରଣାଦାୟିନୀ ସୁଗୃହିଣୀଙ୍କ ଏକାଦଶାହର ବିଶାଳ ସମାବେଶରେ ଅନେକ ବ୍ୟକ୍ତି ଯୋଗଦେଇଥିବା ବେଳେ ଓଡ଼ିଶା ବିଜେପି ସଭାପତି ମନମୋହନ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଜାଳିନ ପାଟ୍ଟଶାଣୀ ମିଶ୍ର ସ୍ୱର୍ଗତାଃ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ସେମାନଙ୍କ ଶୋକବାର୍ତ୍ତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସ୍ୱଚ୍ଛ ଶାସନ, ନେତା ବି ଦିଅନ୍ତୁ ସମ୍ପତ୍ତି ତାଲିକା



ଭୁବନେଶ୍ୱର,୨୭।୯: ସରକାରୀ କର୍ମଚାରୀମାନେ ଯେଭଳି ପ୍ରତି ବର୍ଷ ସରକାରଙ୍କ ନିକଟରେ ସଂପତ୍ତି ତାଲିକା ଦାଖଲ କରୁଛନ୍ତି ସେହିଭଳି ପ୍ରତି ବର୍ଷ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ନିର୍ବାଚିତ ଲୋକ ପ୍ରତିନିଧିମାନେ ସେମାନଙ୍କ ସଂପତ୍ତି ତାଲିକା ଦାଖଲ କରିବା ପାଇଁ ନାଗରିକ ସମାଜ ପକ୍ଷରୁ ଦାବି ଉଠୁଛି।

ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି-୧୯୫୯ରେ ଥିବା ବ୍ୟବସ୍ଥା ମୁତାବକ ସରକାରୀ କର୍ମଚାରୀମାନେ ପ୍ରତିବର୍ଷ ସେମାନଙ୍କ ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟ। ଏହାଛଡ଼ା ସେମାନେ ଯେଉଁସବୁ ସ୍ଥାବର ଓ ଅସ୍ଥାବର ସଂପତ୍ତି କିଣିବେ ସେଥିପାଇଁ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ଆଇନ୍‌ଗତ ପ୍ରାବଧାନ ରହିଛି। ଏହାର ଉଲ୍ଲଂଘନ କରାଗଲେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାକିରିରୁ ବରଖାସ୍ତ ପର୍ଯ୍ୟନ୍ତ ଦଣ୍ଡବିଧାନ କରିବାର ପ୍ରାବଧାନ ରହିଛି। ନାଗରିକ ସମାଜ ପକ୍ଷରୁ କୁହାଯାଇଛି ଯେ ନିର୍ବାଚିତ ଲୋକପ୍ରତିନିଧିମାନେ ପବ୍ଲିକ୍ ସର୍ଭେଣ୍ଟ ପର୍ଯ୍ୟାୟଭୁକ୍ତ ଏବଂ ସେମାନେ ଗରିବ ଲୋକଙ୍କ ଟିକସରୁ ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଉଛନ୍ତି। ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀପତ୍ର ଦାଖଲ ବେଳେ ଏମାନେ ସତ୍ୟପାଠ ଆକାରରେ ନିଜ ନିଜର ସଂପତ୍ତି ତାଲିକା ଘୋଷଣା କରିଥାନ୍ତି ଏବଂ ଏହା ମଧ୍ୟ ସାର୍ବଜନୀନ ହୋଇଥାଏ। ବ୍ୟବସ୍ଥାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଆର୍ଥିକ ଓ ନୈତିକ ବ୍ୟବସ୍ଥା ଉପରେ ତା'ର ଭୟଙ୍କର କୁପ୍ରଭାବ ପଡୁଛି। ରାଜନୈତିକ ସ୍ତରରେ ଦୁର୍ନୀତି ବୃଦ୍ଧି ପାଉଥିବାରୁ ଏହାର ଫାଇଦା ନେଇ ପ୍ରଶାସନିକ ସ୍ତରରେ ବି ଦୁର୍ନୀତିର ଚେର ମାଡ଼ି ଚାଲିଛି। ଏ ପରିପ୍ରେକ୍ଷୀରେ ଦଳମତ ନିର୍ବିଶେଷରେ ରାଜନୈତିକ ନେତାମାନେ ସ୍ୱଚ୍ଛତା, ନିରପେକ୍ଷତା, ମିତବ୍ୟୟିତା ଓ ଆଦର୍ଶ ପ୍ରଦର୍ଶନ କଲେ ତା'ର ପ୍ରଭାବ ସମାଜ ଉପରେ ପଡ଼ିବ।

ରାଜନୈତିକ କ୍ଷେତ୍ରରେ ଭ୍ରଷ୍ଟାଚାର ବୃଦ୍ଧି ପାଉଥିବାରୁ ନିର୍ବାଚନ ବି କ୍ରମଶଃ ବ୍ୟୟବହୁଳ ହୋଇପଡୁଛି ଏବଂ ନିର୍ବାଚନରେ ପ୍ରାର୍ଥୀମାନଙ୍କ ପାଇଁ ଯେଉଁ ଆର୍ଥିକ ସୀମା ନିର୍ଦ୍ଧାରଣ କରାଯାଇଛି ଅଧିକାଂଶ ପ୍ରାର୍ଥୀ ତା'ଠାରୁ ଢେର ଅଧିକ ଅର୍ଥ ଅପବ୍ୟୟ କରୁଥିଲେ ମଧ୍ୟ ସତ୍ୟପାଠ ଆଳରେ ନିର୍ବାଚନ ଖର୍ଚ୍ଚର ମିଥ୍ୟାପାଠ ଦାଖଲ କରୁଥିବା ନେଇ ଅଭିଯୋଗ ଆସୁଛି। ଏହାଛଡ଼ା ତଳୁ ଉପର ପର୍ଯ୍ୟନ୍ତ ଅନେକ ନେତାଙ୍କ ନାମୀ, ବେନାମୀ ସଂପତ୍ତି ବୃଦ୍ଧି ସଂକ୍ରାନ୍ତରେ ବି ବାରମ୍ବାର ସନ୍ଦେହ ବଢ଼ିବା ସହିତ ଅଭିଯୋଗମାନ ଆସୁଛି। ଏମିତିକି କେତେକ ନେତା ମଧ୍ୟ ଦୁର୍ନୀତି ଅଭିଯୋଗରେ ସିବିଆଇ, ଇଡି ଓ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଉଛନ୍ତି। ଏହା ଗଣତନ୍ତ୍ର ପ୍ରତି ବିପଦ ହୋଇଥିବାରୁ ପ୍ରତିବର୍ଷ ନିର୍ବାଚିତ ଲୋକପ୍ରତିନିଧିମାନେ ସେମାନଙ୍କ ସଂପତ୍ତି ତାଲିକା ସତ୍ୟପାଠ ଆକାରରେ ଘୋଷଣା କରିବା ସହିତ ସରକାରଙ୍କ ନିକଟରେ ଦାଖଲ କରିବା ପାଇଁ ନାଗରିକ ସମାଜର କେତେକ ବରିଷ୍ଠ ସଦସ୍ୟ ନିବେଦନ କରିଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୨୮ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Monday 28 September 2026, Bhubaneswar


# ନିୟନ୍ତ୍ରଣରୁ ବାହାରିଯାଉଛି କି ଏଆଇ?

ଆଜିର ଯୁଗରେ କୃତ୍ରିମ ବୁଦ୍ଧି ବା ଏଆଇ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଛୁଇଁଛି। ଚାଟଜିପିଟି ଭଳି ଉପକରଣରୁ ଆରମ୍ଭ କରି ସ୍ୱୟଂଚାଳିତ ଗାଡ଼ି, ଚିକିତ୍ସା ନିଦାନ, ଶିକ୍ଷା ଓ ସୁରକ୍ଷା ପର୍ଯ୍ୟନ୍ତ ଏଆଇର ପ୍ରଭାବ ଦେଖାଯାଉଛି। କିନ୍ତୁ ଏହି ଦ୍ରୁତ ଅଗ୍ରଗତି ସହିତ ଏକ ଗଭୀର ପ୍ରଶ୍ନ ଉଠୁଛି - ଏଆଇ କ'ଣ ମାନବ ନିୟନ୍ତ୍ରଣରୁ ବାହାରିଯାଉଛି? ଏହା କେବଳ ବୈଜ୍ଞାନିକ ଆଲୋଚନା ନୁହେଁ, ବରଂ ସମାଜ, ଅର୍ଥନୀତି ଓ ଭବିଷ୍ୟତର ନୈତିକ ଦିଗକୁ ସ୍ପର୍ଶ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।



ଏଆଇର ବିକାଶ ଅଭୂତପୂର୍ବ ଗତିରେ ଅଗ୍ରସର ହେଉଛି। ମେସିନ୍ ଲର୍ଣ୍ଣିଂ ଓ ଡିପ୍ ଲର୍ଣ୍ଣିଂ ମାଧ୍ୟମରେ ଏହା ମାନବୀୟ ଭାଷା ବୁଝିପାରୁଛି, ଛବି ଚିହ୍ନିପାରୁଛି ଓ ଜଟିଳ ସମସ୍ୟା ସମାଧାନ କରିପାରୁଛି। କିଛି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରନ୍ତି ଯେ ଯଦି ଏଆଇ ସାଧାରଣ ବୁଦ୍ଧି (ଏଜିଆଇ) ସ୍ତରରେ ପହଞ୍ଚେ, ତେବେ ଏହା ମାନବ ଉଦ୍ଦେଶ୍ୟଠାରୁ ବିଚ୍ୟୁତ ହୋଇପାରେ। ଗଫ୍ରେ ହିଣ୍ଟନ୍ ଓ ୟୋଶୁଆ ବେଙ୍ଗିଓ ଭଳି ଗବେଷକମାନେ ଏହି 'ଆଲାଇନ୍‌ମେଣ୍ଟ ପ୍ରୋବ୍ଲେମ୍' ବା ସମନ୍ୱୟ ସମସ୍ୟା ଉପରେ ଗୁରୁତ୍ୱ ଦେଇଛନ୍ତି। ସେମାନେ କହନ୍ତି ଯେ ଯଦି ଏଆଇ ନିଜର ଲକ୍ଷ୍ୟ ସୃଷ୍ଟି କରେ ଓ ମାନବ ମୂଲ୍ୟବୋଧକୁ ଅଣଦେଖା କରେ, ତେବେ ଏହା ନିୟନ୍ତ୍ରଣହୀନ ହୋଇପାରେ। ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର, ଡିପ୍‌ଫେକ୍ ଭିଡିଓ ଓ ମିଥ୍ୟା ସୂଚନା ବିତରଣ ଭଳି ଉଦାହରଣ ଏହି ଆଶଙ୍କାକୁ ବଳ ଦେଉଛି। ଯୁଦ୍ଧକ୍ଷେତ୍ରରେ ମନୁଷ୍ୟ ନିର୍ଣ୍ଣୟ ବିନା ନିଷ୍ପତ୍ତି ନେବା କ୍ଷମତା ଥିବା ଏଆଇ ପ୍ରଣାଳୀ ନୈତିକ ଓ ଆଇନଗତ ପ୍ରଶ୍ନ ଉଠାଉଛି। ତଥାପି, ଏହି ଆଶଙ୍କାକୁ ସମ୍ପୂର୍ଣ୍ଣ ସତ୍ୟ ବୋଲି ମାନିନେବା ଠିକ୍ ନୁହେଁ। ବର୍ତ୍ତମାନ ସମୟର ଏଆଇ ଏପର୍ଯ୍ୟନ୍ତ 'ନ୍ୟାରୋ ଏଆଇ' ଅଟେ - ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଓ ମାନବ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ। ଏହା ସ୍ୱୟଂସ୍ଫୂର୍ତ୍ତ ଭାବେ ଲକ୍ଷ୍ୟ ନିର୍ଦ୍ଧାରଣ କରେ ନାହିଁ କିମ୍ବା ମାନବ ବିରୋଧୀ କାର୍ଯ୍ୟ କରେ ନାହିଁ। ସମସ୍ତ ଏଆଇ ପ୍ରଣାଳୀ ମାନବ ଦ୍ୱାରା ଡିଜାଇନ୍, ତାଲିମ ଓ ନିରୀକ୍ଷଣ କରାଯାଏ। ଡାଟା, ଆଲଗୋରିଦମ୍ ଓ ହାର୍ଡୱେୟାର୍ - ସବୁ ମାନବ ନିୟନ୍ତ୍ରଣରେ ଅଛି। ବିଶ୍ୱର ବିଭିନ୍ନ ଦେଶ ଓ ସଂସ୍ଥା ଏହି ପ୍ରଯୁକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ୟୁରୋପୀୟ ସଂଘର ଏଆଇ ଆକ୍ଟ, ଆମେରିକାର ନୀତି ଓ ଭାରତର ଡିଜିଟାଲ୍ ନୀତି ଏହାର ଉଦାହରଣ। ଗବେଷଣା କ୍ଷେତ୍ରରେ ମଧ୍ୟ ସୁରକ୍ଷିତ ଏଆଇ ବିକାଶ, ପାରଦର୍ଶିତା ଓ ଜବାବଦେହିତା ଉପରେ ଧ୍ୟାନ ଦିଆଯାଉଛି।

ସମସ୍ୟା ହେଉଛି ନିୟନ୍ତ୍ରଣର ଅଭାବ ନୁହେଁ, ବରଂ ଦାୟିତ୍ୱହୀନ ବ୍ୟବହାର ଓ ଅପର୍ଯ୍ୟାପ୍ତ ନୀତି। ଯେତେବେଳେ କମ୍ପାନୀଗୁଡ଼ିକ ଲାଭ ପାଇଁ ଦ୍ରୁତ ଗତିରେ ଏଆଇ ଉତ୍ପାଦ ବଜାରକୁ ଆଣନ୍ତି, ସେତେବେଳେ ସୁରକ୍ଷା ଓ ନୈତିକତା ପଛରେ ପଡ଼ିଯାଏ। ଚାକିରି ହାନି, ତଥ୍ୟ ଗୋପନୀୟତା ଭଙ୍ଗ ଓ ପକ୍ଷପାତପୂର୍ଣ୍ଣ ଆଲଗୋରିଦମ୍ ଭଳି ସମସ୍ୟା ଇତିମଧ୍ୟରେ ଦେଖାଯାଉଛି। ଏହା ଏଆଇର ଦୋଷ ନୁହେଁ-ଏହା ମାନବ ନିର୍ଣ୍ଣୟର ଫଳ। ଯଦି ଆମେ ଏହି ପ୍ରଯୁକ୍ତିକୁ ସଠିକ୍ ଭାବେ ପରିଚାଳନା କରିବା, ତେବେ ଏହା ରୋଗ ନିରାକରଣ, ଜଳବାୟୁ ପରିବର୍ତ୍ତନ ମୁକାବିଲା ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧିରେ ବହୁମୂଲ୍ୟ ସହାୟକ ହୋଇପାରେ।

ସେଥିପାଇଁ ଏହି ପ୍ରଶ୍ନର ଉତ୍ତର ସରଳ ନୁହେଁ। ଏଆଇ ଏପର୍ଯ୍ୟନ୍ତ ମାନବ ନିୟନ୍ତ୍ରଣରୁ ବାହାରିଯାଇନାହିଁ। କିନ୍ତୁ ଯଦି ଆମେ ସତର୍କ ନ ହେଉ, ନୀତି ପ୍ରଣୟନ ବିଳମ୍ବ କରୁ ଓ କେବଳ ପ୍ରଯୁକ୍ତିକୁ ଅନିୟନ୍ତ୍ରିତ ଭାବେ ବିକଶିତ କରୁ, ତେବେ ଭବିଷ୍ୟତରେ ଏହା ବିପଦଜନକ ହୋଇପାରେ। ଆବଶ୍ୟକତା ହେଉଛି ଆନ୍ତର୍ଜାତିକ ସହଯୋଗ, ସ୍ୱଚ୍ଛ ନିୟମ, ଗବେଷଣାରେ ନୈତିକତା ଓ ସାଧାରଣ ଜନତାର ସଚେତନତା। ମାନବ ହିଁ ଏହି ପ୍ରଯୁକ୍ତିର ସୃଷ୍ଟିକର୍ତ୍ତା। ତେଣୁ ନିୟନ୍ତ୍ରଣ ରଖିବାର ଦାୟିତ୍ୱ ମଧ୍ୟ ମାନବର। ଏଆଇକୁ ଭୟ ନ କରି ବୁଦ୍ଧିମାନ ଭାବେ ବ୍ୟବହାର କରିବା ଆମ କର୍ତ୍ତବ୍ୟ। ଯଦି ଆମେ ଏହା କରିପାରିବା, ତେବେ ଏଆଇ ମାନବତାର ସେବକ ରହିବ, ପ୍ରଭୁ ନୁହେଁ।

# ଫେକ୍ ଆକାଉଣ୍ଟର ଅନ୍ଧାରରେ ଚରିତ୍ର ହନନ

**ସ୍ନେହଲତା ରାଉତରାୟ**



ସୋସିଆଲ ମିଡିଆ ଆଜି କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ। ଏହା ମତ ପ୍ରକାଶର ଏକ ବଡ଼ ମଞ୍ଚ। ଜଣେ ସାଧାରଣ ନାଗରିକଠାରୁ ଆରମ୍ଭ କରି ଜନପ୍ରତିନିଧି, ସାମ୍ବାଦିକ, ସାମାଜିକ କର୍ମୀ-ସମସ୍ତଙ୍କୁ ନିଜ ମତ ରଖିବାର ସୁଯୋଗ ଦେଇଛି ଏହି ମଞ୍ଚ। ଗଣତନ୍ତ୍ରରେ ସମାଲୋଚନା ରହିବ। ବିରୋଧ ରହିବ। ମତାମତରେ ଭିନ୍ନତା ରହିବ। ବିତର୍କ ମଧ୍ୟ ରହିବ।

କିନ୍ତୁ ପ୍ରଶ୍ନ ହେଉଛି-ବିରୋଧ କରିବାର ଅର୍ଥ କ'ଣ କାହାର ବ୍ୟକ୍ତିଗତ ଜୀବନକୁ ଟାଣି ଆଣିବା? ମତଭେଦର ଅର୍ଥ କ'ଣ ପରିବାରକୁ ନେଇ ଅପମାନଜନକ ଟିପ୍ପଣୀ କରିବା? ସମାଲୋଚନାର ଅର୍ଥ କ'ଣ ଫେକ୍ ଆଇଡି ଖୋଲି ଜଣେ ବ୍ୟକ୍ତିଙ୍କ ଚରିତ୍ରକୁ ଆକ୍ରମଣ କରିବା? ଏଠି ହିଁ ସୀମାରେଖା ଟାଣିବାର ସମୟ ଆସିଛି। ଫେକ୍ ଆକାଉଣ୍ଟ-ପରଦା ପଛର ଆକ୍ରମଣ ନିଜ ପରିଚୟ ଲୁଚାଇ ଅନ୍ୟ ଜଣଙ୍କ ନାମ, ଫଟୋ କିମ୍ବା ପରିଚୟ ବ୍ୟବହାର କରି ଖାତା ଖୋଲିବା ଏବଂ ସେହି ଖାତାରୁ ମିଥ୍ୟା, ଅପମାନଜନକ କିମ୍ବା କ୍ଷତିକାରକ ବିଷୟବସ୍ତୁ ପ୍ରଚାର କରିବା କେବଳ ଏକ "ଫେସବୁକ୍ ପୋଷ୍ଟ" ଭାବେ ଦେଖାଯାଇପାରେ ନାହିଁ। ଭାରତର ସୂଚନା ପ୍ରଯୁକ୍ତି ନିୟମରେ ମଧ୍ୟ ଅନୁକରଣ କରିବା, ମିଥ୍ୟା କିମ୍ବା ଭ୍ରମ ସୃଷ୍ଟିକାରୀ ସୂଚନା ପ୍ରସାରଣ ଭଳି ବିଷୟକୁ ମଧ୍ୟସ୍ଥ ସଂସ୍ଥାମାନଙ୍କ ନିୟମାବଳୀରେ ଗୁରୁତ୍ୱ ଦିଆଯାଇଛି। ଏପରି ଅଭିଯୋଗ ପାଇଁ ସୋସିଆଲ ମିଡିଆ ମଧ୍ୟସ୍ଥ ସଂସ୍ଥାମାନଙ୍କୁ ଅଭିଯୋଗ ଗ୍ରହଣ ଓ ପ୍ରତିକାର ବ୍ୟବସ୍ଥା ରଖିବାକୁ ମଧ୍ୟ ନିୟମରେ କୁହାଯାଇଛି। ତଥାପି ପ୍ରଶ୍ନ ରହିଯାଉଛି-ଏହି ବ୍ୟବସ୍ଥା ସାଧାରଣ ଲୋକଙ୍କୁ କେତେ ସହଜରେ ନ୍ୟାୟ ଦେଇପାରୁଛି?

ଜଣେ ଜନପ୍ରତିନିଧିଙ୍କ କାର୍ଯ୍ୟକୁ ସମାଲୋଚନା କରିବା ଗଣତାନ୍ତ୍ରିକ ଅଧିକାରର ଅଂଶ ହୋଇପାରେ। ଜଣେ ସରକାରୀ ଅଧିକାରୀଙ୍କ ନିଷ୍ପତ୍ତିକୁ ପ୍ରଶ୍ନ କରାଯାଇପାରେ। ଜଣେ ସାମ୍ବାଦିକଙ୍କ ଖବରକୁ ନେଇ ମତଭେଦ ରହିପାରେ। କିନ୍ତୁ କାର୍ଯ୍ୟକୁ ସମାଲୋଚନା କରିବା ଓ ବ୍ୟକ୍ତିକୁ ଅପମାନିତ କରିବା-ଗୋଟିଏ କଥା ନୁହେଁ। ବିଶେଷକରି ଜଣେ ବ୍ୟକ୍ତିଙ୍କ ପରିବାର, ମହିଳା ସଦସ୍ୟ, ବ୍ୟକ୍ତିଗତ ସମ୍ପର୍କ କିମ୍ବା ଚରିତ୍ରକୁ ଟାଣି ଆଣି ଆକ୍ରମଣ କରିବା ସମାଲୋଚନାର ସୀମା ଟପିଯାଇପାରେ। ଏହାର ପ୍ରଭାବ କେବଳ ସେହି ବ୍ୟକ୍ତିଙ୍କ ଉପରେ ନୁହେଁ; ତାଙ୍କ ପରିବାର ଓ ସାମାଜିକ ସମ୍ପର୍କ ଉପରେ ମଧ୍ୟ ପଡ଼ିପାରେ।

ଆଇନ ଅଛି, ତଥାପି ଆହୁରି ସ୍ପଷ୍ଟତା ଆବଶ୍ୟକ ଏଠାରେ ଏକ ବଡ଼ ଆଲୋଚନା ଆବଶ୍ୟକ। ଫେକ୍ ଆକାଉଣ୍ଟ, ଅନୁକରଣ, ଅପମାନଜନକ ବିଷୟବସ୍ତୁ ଓ ଅନଲାଇନ୍ ଉତ୍ପୀଡ଼ନ ସମ୍ପର୍କରେ ଭାରତରେ ବିଭିନ୍ନ ଆଇନ ଓ ନିୟମ ରହିଛି। କିନ୍ତୁ ଡିଜିଟାଲ ମାଧ୍ୟମରେ ଅଭିଯୋଗ, ପରିଚୟ ନିର୍ଣ୍ଣୟ, ତଦନ୍ତ ଏବଂ ଦ୍ରୁତ ପ୍ରତିକାରକୁ ଆହୁରି ସ୍ପଷ୍ଟ ଓ ପ୍ରଭାବଶାଳୀ କରିବା ନେଇ ଆଲୋଚନାର ଅବକାଶ ରହିଛି। ସୋସିଆଲ ମିଡିଆ ଯେତେ ଦ୍ରୁତ ଗତିରେ ବଦଳୁଛି, ଆଇନ ଓ ପ୍ରତିକାର ବ୍ୟବସ୍ଥା ମଧ୍ୟ ସେହି ଗତିରେ ସଦ୍ୟତମ ହେବା ଦରକାର।

ନକଲ ଆଇଡି ପଛରେ କିଏ? କିଏ ତିଆରି କଲା? କେଉଁ ଉଦ୍ଦେଶ୍ୟରେ କଲା? କାହାକୁ ଟାର୍ଗେଟ କରାଗଲା? ଏବଂ ଏହାର ଦାୟିତ୍ୱ କିଏ ନେବ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଶୀଘ୍ର ମିଳିବା ଦରକାର। ମତର ସ୍ୱାଧୀନତା ରହୁ, କିନ୍ତୁ ଦାୟିତ୍ୱ ମଧ୍ୟ ରହୁ ସୋସିଆଲ ମିଡିଆକୁ ଚୁପ୍ କରାଇବା ସମାଧାନ ନୁହେଁ। ବରଂ ଏଠାରେ ଦରକାର-ମତ ପ୍ରକାଶର ସ୍ୱାଧୀନତା + ତଥ୍ୟର ଦାୟିତ୍ୱ + ବ୍ୟକ୍ତିଗତ ମର୍ଯ୍ୟାଦାର ସୁରକ୍ଷା। ସମାଲୋଚନାକୁ ବନ୍ଦ କରାଯିବା ଉଚିତ ନୁହେଁ। ବିରୋଧୀ ମତକୁ ଦମନ କରାଯିବା ଉଚିତ ନୁହେଁ। କିନ୍ତୁ ଫେକ୍ ଆକାଉଣ୍ଟର ଆଢ଼ରେ ଲୁଚି ଜଣେ ବ୍ୟକ୍ତି କିମ୍ବା ତାଙ୍କ ପରିବାରର ସମ୍ମାନକୁ ନଷ୍ଟ କରିବାକୁ ମଧ୍ୟ "ଅଭିବ୍ୟକ୍ତିର ସ୍ୱାଧୀନତା"ର ନାମ ଦିଆଯାଇପାରେ ନାହିଁ। ଆମକୁ ଏମିତି ଏକ ଡିଜିଟାଲ ବ୍ୟବସ୍ଥା ଦରକାର, ଯେଉଁଠି ବିରୋଧ କରିବାର ଅଧିକାର ରହିବ, କିନ୍ତୁ ଅପମାନ କରିବାର ଅଧିକାର ନୁହେଁ। ଫେକ୍ ଆକାଉଣ୍ଟ ଖୋଲି ଚରିତ୍ର ହନନ, ପରିବାରକୁ ଟାର୍ଗେଟ କରିବା ଓ ମିଥ୍ୟା ପରିଚୟରେ ଡିଜିଟାଲ ଆକ୍ରମଣ ଭଳି ଘଟଣା ପାଇଁ ଦ୍ରୁତ ଅଭିଯୋଗ, ଦ୍ରୁତ ତଦନ୍ତ, ଦ୍ରୁତ ପରିଚୟ ନିର୍ଣ୍ଣୟ ଏବଂ ପ୍ରଭାବଶାଳୀ ଦଣ୍ଡର ବ୍ୟବସ୍ଥା ଆହୁରି ସ୍ପଷ୍ଟ ହେବା ଆବଶ୍ୟକ। କାରଣ-ଗଣତନ୍ତ୍ରରେ ମତର ଯୁଦ୍ଧ ହେଉ, ବ୍ୟକ୍ତିର ମର୍ଯ୍ୟାଦାର ହତ୍ୟା ନୁହେଁ।


**ଶିକ୍ଷୟିତ୍ରୀ, ଦେବ ମହାନ୍ତି ପବ୍ଲିକ ସ୍କୁଲ,**
**ମୋବାଇଲ୍:୯୯୩୭୨୨୭୯୯୪**





# ନିର୍ବାଚନ କମିଶନ ଓ ରାଜନୈତିକ ଦଳର ବିଭାଜନ

**ଗୋପାଳ ମହାପାତ୍ର**



ଭାରତର ସାମ୍ବିଧାନିକ ପ୍ରଶାସନିକ ବ୍ୟବସ୍ଥା ରାଜନୈତିକ ଦଳମାନଙ୍କ ସଂରଚନାତ୍ମକ ଢାଞ୍ଚା ଉପରେ ହିଁ ଠିଆ ହୋଇଛି। ଏହି କାରଣରୁ ବିଭିନ୍ନ ରାଜନୈତିକ ଦଳ ପ୍ରତି ୫ ବର୍ଷରେ ହେଉଥିବା ନିର୍ବାଚନରେ ଭାଗ ନେଇଥାନ୍ତି ଓ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ସମ୍ବିଧାନ ଅନୁସାରେ ଶାସନ ବ୍ୟବସ୍ଥା ଚଳାଇଥାନ୍ତି।

ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ଘୋଷଣାପତ୍ର ଆଧାରରେ ଜିତିଥାନ୍ତି। କିନ୍ତୁ ଘୋଷଣାପତ୍ର ସମ୍ବିଧାନ ଅନୁରୂପ ହେବା ଆବଶ୍ୟକ ରାଜନୈତିକ ଦଳ ମାନଙ୍କୁ ସମ୍ବିଧାନର ସର୍ତ୍ତ ଅନୁସାରେ ନିଜର ସଂରଚନା କରିବାକୁ ପଡ଼ିଥାଏ। ଏପରିକି ଗଣତନ୍ତ୍ର ପ୍ରତି ସମର୍ପିତ ହେବାକୁ ପଡ଼ିଥାଏ। ରାଜନୈତିକ ଦଳ ମାନଙ୍କ ଏଭଳି ବ୍ୟବସ୍ଥା ବାବଦରେ ଦେଖିବା ତର୍ଜମା କରିବାର ଅଧିକାର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ଦେଇଛି। ନିର୍ବାଚନ କମିଶନ ନିରପେକ୍ଷ ରହିବା ସହ ଦଳଙ୍କୁ ସମାନ ବ୍ୟବହାର ଓ ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ଏଥିପାଇଁ ସମ୍ବିଧାନ ନିର୍ବାଚନ କମିଶନଙ୍କୁ ନ୍ୟାୟିକ ଅଧିକାର ମଧ୍ୟ ଦେଇଛି, ଫଳରେ ରାଜନୈତିକ ଦଳ ମାନଙ୍କର ଆଭ୍ୟନ୍ତରୀଣ ବିବାଦ ବା ଅନ୍ୟ ବିବାଦ ସମୟରେ ନିର୍ବାଚନ କମିଶନ ସମ୍ବିଧାନ ବ୍ୟବସ୍ଥା ଅନୁରୂପ ପଦକ୍ଷେପ ନେଇପାରିବେ।

ଦେଶ ସ୍ୱାଧିନ ହେବା ପରଠାରୁ ରାଜନୈତିକ ଦଳ ଗୁଡିକର ଯେ ଆଭ୍ୟନ୍ତରୀଣ ବିବାଦ ନାହିଁ ସେ କଥା ନୁହେଁ। କମ୍ୟୁନିଷ୍ଟ ପାର୍ଟି ଓ ଜନସଂଘ (ବର୍ତ୍ତମାନର ବିଜେପି)କୁ ଛାଡି ଦେଲେ ପ୍ରାୟତଃ ଅନ୍ୟ ସବୁ ଦଳର ଜନ୍ମ ଦେଶକୁ ସ୍ୱାଧିନ କରିବା କଂଗ୍ରେସ ଦଳର ଗର୍ଭରୁହିଁ ହୋଇଛି। ପ୍ରଥମେ କଂଗ୍ରେସ ଦଳର ଡ଼କ୍ଟର ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ କୃପାଳିନୀ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଭଳି ଗାନ୍ଧୀବାଦୀ ନେତା ସମାଜବାଦୀ ଗୋଷ୍ଠୀ ଗଠନ କରିଥିଲେ। ଏହି ନେତା ମାନଙ୍କ ସମାଜବାଦୀ ପାର୍ଟି ଗଠନ ହେବାର କିଛିଦିନ ପରେ ତିନି ଭାଗରେ ବିଭାଜିତ ହୋଇଥିଲା। ରାମ ମନୋହର ଲୋହିଆଙ୍କ ନେତୃତ୍ୱରେ ସଂଯୁକ୍ତ ସୋମାଲିଷ୍ଟ ପାର୍ଟି ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ନେତୃତ୍ୱରେ ପ୍ରଜା ସମାଜବାଦୀ ପାର୍ଟି ଏବଂ ଆଚାର୍ଯ୍ୟ କୃପାଳିନୀଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ପ୍ରଜା ମଜଦୁର ପାର୍ଟୀ। ଏସବୁ ଦଳକୁ ନିର୍ବାଚନ କମିଶନ ଭିନ୍ନ ଭିନ୍ନ ନାମ ଦେଇ ଭିନ୍ନ ଭିନ୍ନ ନିର୍ବାଚନ ସଙ୍କେତ ମଧ୍ୟ ଦେଇଥିଲେ। ୧୯୬୪ରେ କମ୍ୟୁନିଷ୍ଟ ପାର୍ଟିର ବିଭାଜନ ହେଲା। ଗୋଟିଏ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଅନ୍ୟଟି ହେଲା କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ନିର୍ବାଚନ କମିଶନ ମଧ୍ୟ ଦୁଇଦଳଙ୍କୁ ଅଲଗା ଅଲଗା ନିର୍ବାଚନ ଚିହ୍ନ ଆବଣ୍ଟନ କଲେ। କିନ୍ତୁ ଭାରତ ଇତିହାସରେ ସବୁଠାରୁ ବଡ଼ ଦଳୀୟ ବିଭାଜନ ୧୯୬୯ରେ ହୋଇଥିଲା। ସେତେବେଳେ ଥିଲା ଅଖିଳ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ। ସେତେବେଳେ କଂଗ୍ରେସ ଶାସନରେ ଥିଲା ଓ ପ୍ରଧାନମନ୍ତ୍ରୀ ଥିଲେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ଇନ୍ଦିରାଗାନ୍ଧୀ ସେହିବର୍ଷ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ତତ୍କାଳୀନ ଉପରାଷ୍ଟ୍ରପତି ଭି.ଭି. ଗିରିଙ୍କୁ ସମର୍ଥନ କରିଥିଲେ। ଦଳ କିନ୍ତୁ ଅନ୍ୟ ଜଣଙ୍କୁ ରାଷ୍ଟ୍ରପତି କରିବାପାଇଁ ଚାହୁଁଥିଲା। ଇନ୍ଦିରାଗାନ୍ଧୀ ଭି.ମି. ଗିରିଙ୍କୁ ସମର୍ଥନ କରିବା କାରଣରୁ କଂଗ୍ରେସ ପାର୍ଟିର କାର୍ଯ୍ୟକାରୀ କମିଟି ଇନ୍ଦିରା ଗାନ୍ଧୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଥିଲେ। ଫଳରେ କଂଗ୍ରେସ ଦଳରନେତା ଓ କର୍ମୀ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଥିଲେ ଏବଂ ଦୁଇ ଗୋଷ୍ଠୀ ନିଜକୁ ଅସଲ କଂଗ୍ରେସ ବୋଲି ଦାବି କଲେ। ସେତେବେଳେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଥିଲେ ଏସ୍.ପି ସେନବର୍ମା। ସେନବର୍ମା ଉଭୟ ଗୋଷ୍ଠୀଙ୍କ ଯୁକ୍ତିକୁ ଶୁଣିବା ପରେ




କଂଗ୍ରେସ ଦଳର ଚିହ୍ନ ଯୋଡି ବଳଦ ଉପରେ ପ୍ରତିବନ୍ଧ ଲଗାଇ ଦେଲେ ଏବଂ ଦୁଇ ଗୋଷ୍ଠୀଙ୍କୁ ନିଜ ନିଜର ଦଳର ନାମ ଓ ଚିହ୍ନ ବାଛିବା ପାଇଁ ପରାମର୍ଶ ଦେଲେ।

ସେତେବେଳେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଗୋଷ୍ଠୀର ଅଧ୍ୟକ୍ଷ ଥିଲେ ଆର ସଞ୍ଜିବୈୟା ଏଣୁ ନିର୍ବାଚନ ତାଙ୍କ ଗୋଷ୍ଠୀର ନାମ ରଖିଥିଲେ କଂଗ୍ରେସ (ଆର) ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ଗୋଷ୍ଠୀଙ୍କୁ କଂଗ୍ରେସ (ସଂଗଠନ) ନାମ ଦେଇଥିଲେ। ସେହିଭଳି କଂଗ୍ରେସ (ଆର)କୁ ଗାଇବାଛୁରୀ ଚିହ୍ନ ଦିଆଯାଇଥିବା ବେଳେ କଂଗ୍ରେସ (ସଂଗଠନ)କୁ ଚରଖା କାଟୁଥିବା ମହିଳା ଚିହ୍ନ ଦେଇଥିଲେ ନିର୍ବାଚନ କମିଶନ। ଲୋକେ ମଧ୍ୟ ଏ ଦୁଇ ଦଳକୁ ନୂଆ କଂଗ୍ରେସ ଏବଂ ପୁରୁଣା କଂଗ୍ରେସ ବୋଲି କହିଲେ। ନିର୍ବାଚନ କମିଶନର ସେନବର୍ମା ପୂର୍ବରୁ କଂଗ୍ରେସ କାର୍ଯ୍ୟାଳୟକୁ କଂଗ୍ରେସ (ସଂଗଠନ)କୁ ଦେଇଥିଲେ। ଏଣୁ ଦଳର ପୁରୁଣା ସମ୍ପତ୍ତି ମଧ୍ୟ କଂଗ୍ରେସ (ସଂଗଠନ) ହାତକୁ ଚାଲିଯାଇଥିଲା। କିନ୍ତୁ କାଳାନ୍ତରରେ କଂଗ୍ରେସ (ସଂଗଠନ) ବା ପୁରୁଣା କଂଗ୍ରେସ ତାର ସ୍ଥିତି ହରାଇଥିଲା ଓ କଂଗ୍ରେସ (ଆର) ବା ନୂଆ କଂଗ୍ରେସ ହିଁ ମୂଳ କଂଗ୍ରେସ ଭାବରେ ବିକଶିତ ହୋଇଥିଲା। ଏସବୁ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ଚମତ୍କାର ଥିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ପରେ ଇନ୍ଦିରାଙ୍କ କଂଗ୍ରେସ ପୁଣି ବିଭାଜିତ ହେଲା। ସେତେବେଳେ କଂଗ୍ରେସ ଦଳର କାର୍ଯ୍ୟକାରି କମିଟି ୧୯୬୯ ଭଳି ଇନ୍ଦିରାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଦେଲେ। ଇନ୍ଦିରା ଗାନ୍ଧୀ ଓ ତାଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀ ନିଜକୁ ଅସଲି କଂଗ୍ରେସ ବୋଲି ଦାବି କରିଥିଲେ ଓ ମାମଲା ନିର୍ବାଚନ କମିଶନଙ୍କ ନିକଟରେ ପହଞ୍ଚିଲା। ନିର୍ବାଚନ କମିଶନ ପୂର୍ବରୁ ସେଇ ୧୯୬୯ ନୀତିକୁ ଆପଣେଇ ଇନ୍ଦିରାଙ୍କ ଗୋଷ୍ଠୀକୁ କଂଗ୍ରେସ (ଇନ୍ଦିରା) ଏବଂ ଅନ୍ୟ ଗୋଷ୍ଠୀଙ୍କୁ କଂଗ୍ରେସ (ଅର୍ସ)ର ନାମ ଦେଇଥିଲେ। ନିର୍ବାଚନ କମିଶନ କଂଗ୍ରେସର ଗାଇବାଛୁରୀ ଚିହ୍ନକୁ ରଦ୍ଦ କରିଦେଇ ଇନ୍ଦିରାଙ୍କ କଂଗ୍ରେସ ଗୋଷ୍ଠୀଙ୍କୁ ହାତ ଚିହ୍ନ ଆବଣ୍ଟନ କରିଥିଲେ। କାଳାନ୍ତରରେ କଂଗ୍ରେସ (ଅର୍ସ) ମଧ୍ୟ ସ୍ଥିତି ହରାଇଥିଲା ଓ ସେ ଦଳର ନେତା କଂଗ୍ରେସ (ଆଇ)ରେ ସାମିଲ ହୋଇଥିଲେ।

ବର୍ତ୍ତମାନ ପଶ୍ଚିମବଂଗର ମୁଖ୍ୟ ରାଜନୈତିକ ଦଳ ତୃଣମୂଳ କଂଗ୍ରେସର ବିଭାଜନ ମାମଲ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିକଟରେ ପହଞ୍ଚିଛି। ଜ୍ଞାନେଶ କୁମାରଙ୍କ ଆଗରେ ପୂର୍ବରୁ ବିଭାଜନର ନଜିର ରହିଛି ଏବଂ ବିଗତବର୍ଷ ମହାରାଷ୍ଟ୍ରର ଆଞ୍ଚଳିକ ଦଳ ଶିବସେନାର ବିଭାଜନ କଥାମଧ୍ୟ ରହିଛି। ଗତ ବର୍ଷ ଶିବସେନା ବିଭାଜିତ ହେବା ପରେ ମୂଳ ଶିବସେନାରୁ ଅଲଗା ହୋଇଥିବା ଅଧିକ ସଂଖ୍ୟକ ବିଧାୟକଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅସଲ ଶିବସେନା ବୋଲି ଗ୍ରହଣ କରିଥିଲେ ଓ ଶିବସେନାର ଦଳୀୟ ଚିହ୍ନକୁ ମଧ୍ୟ ସେମାନଙ୍କୁ ଆବଣ୍ଟିତ ବର୍ଗଦେଇଥିଲେ। ସେହିଭଳି ଶରଦ ପାଓ୍ୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିଂର ବିଭାଜନ ପରେ ଏକାଭଳି ନିଷ୍ପତ୍ତି ନେଇଥିଲେ ଜ୍ଞାନେଶ କୁମାର। ନିର୍ବାଚନ କମିଶନଙ୍କ ଏଭଳି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ନିର୍ବାଚନ କମିଶନର ୧୯୬୯ ଓ ୧୯୭୭ର ଉଦାହରଣକୁ ଗ୍ରହଣ କରି ତୃଣମୂଳ କଂଗ୍ରେସ ଦଳର ନିର୍ବାଚନ ଚିହ୍ନକୁ ନିଷିଦ୍ଧ କରିଛନ୍ତି ଓ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ନାମ ଓ ନିର୍ବାଚନ ଚିହ୍ନ ବାଛିବା ପାଇଁ କହିଛନ୍ତି।

ଚଳିତ ବର୍ଷର ମେ ମାସରେ ପଶ୍ଚିମ ବଂଗରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ତୃଣମୂଳ କଂଗ୍ରେସର ବିଭାଜନ ଘଟିଛି। ବିଜୟୀ ବିଧାୟକଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ବିଧାୟକ ବିଦ୍ରୋହକରି ବିଧାୟକ ଋତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଭିନ୍ନଗୋଷ୍ଠୀ କରି ନିଜକୁ ଅସଲି ତୃଣମୂଳ କଂଗ୍ରେସ ବୋଲି ଦାବି କରୁଛନ୍ତି। ଏହି କାରଣରୁ ବିଧାନସଭାରେ ବିରୋଧି ଦଳ ନେତା ପଦ ଋତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀକୁ ମିଳିଛି। ଏହାପରେ ତୃଣମୂଳ କଂଗ୍ରେସର ୨୯ ସାଂସଦଙ୍କ ମଧ୍ୟରୁ ୨୦ ସାଂସଦ ମମତାଙ୍କ ଠାରୁ ଅଲଗା ହୋଇ ଏକ ଅନାମଧେୟ ରାଜନୈତିକ ଦଳର ସଦସ୍ୟ ହୋଇଛନ୍ତି। ଆସନ୍ତା ଅକ୍ଟୋବର ମାସ ୬ତାରିଖରେ ପଶ୍ଚିମବଂଗର ଦୁଇଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏଣୁ ଉପନିର୍ବାଚନ ପୂର୍ବରୁ ଦୁଇଗୋଷ୍ଠୀଙ୍କ ପରିଚୟ କ'ଣ ହେବ ସେ କଥା ସ୍ପଷ୍ଟ ହୋଇଯିବ। ଏଣୁ ଏବେ ନିର୍ବାଚନ କମିଶନ ତୃଣମୂଳ କଂଗ୍ରେସକୁ ନେଇ ଯେଉଁ ମଧ୍ୟବର୍ତ୍ତୀ କାଳୀନ ଆଦେଶ ଦେଇଛନ୍ତି ତାହା ଅସ୍ଥାୟୀ ଅଟେ।


ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍:୯୪୩୮୪୮୫୦୯୪


# ଶବ୍ଦ ପ୍ରଦୂଷଣ ଉପରେ ନିୟନ୍ତ୍ରଣ କେବେ ?

**ବିଷ୍ଣୁ ପ୍ରସାଦ ଦାସ**



ସଂପ୍ରତି ଶବ୍ଦ ପ୍ରଦୂଷଣ ନିମନ୍ତେ ସଧାରଣ ଜନତା ତ୍ରାହି ତ୍ରାହି ଡାକିଲେଣି। ମାନ୍ୟବର୍ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାଗଜ କଲମରେ ସୀମିତ ରହି ଯାଇଛି। ଧର୍ମ ନାମରେ, ସାମାଜିକ ଅନୁଷ୍ଠାନ ନାମରେ, ଶୋଭାଯାତ୍ରା ନାମରେ, ନିଜସ୍ୱ ଘରୋଇ କାର୍ଯ୍ୟକ୍ରମ ନାମରେ, ଶିକ୍ଷାନୁଷ୍ଠାନ ଗୁଡ଼ିକର ନିତିଦିନିଆ କାର୍ଯ୍ୟକ୍ରମ ନାମରେ ଅତ୍ୟଧିକ ଶବ୍ଦ ଉତ୍ପନ୍ନ କରି ସାଧାରଣ ଜନତାଙ୍କ ନିଦ ହଜାଇ ଦେଉଛନ୍ତି। ପାଟି ଖୋଲି ବିରୋଧ କଲେ ଆକ୍ରୋଶର ଶିକାର ହେବାକୁ ପଡୁଛି। ଗଣତନ୍ତ୍ର ଶାସନ ଚାଲିଛି ତେଣୁ ଏଠାରେ ସମସ୍ତେ ନିଜ ହାତରେ ନିଜେ ଚଉଦ ପା' ବୋଲି ପ୍ରମାଣିତ ହେଉଛି। ପୃଥିବୀ ପୃଷ୍ଠରେ ଉତ୍ପନ୍ନ ହେଉଥିବା ଶବ୍ଦ ବାୟୁରେ ତରଙ୍ଗ ସୃଷ୍ଟି କରି କର୍ଣ୍ଣ ଗହ୍ୱରରେ ପ୍ରବେଶ କରି କର୍ଣ୍ଣ ପରଦାକୁ ଛୁଇଁଲା ପରେ ଆମେ ଶବ୍ଦକୁ ଶୁଣିପାରୁ। ପ୍ରାକୃତିକ ଉପାୟରେ ତଥା କିଛି ଶ୍ରବଣ ଯନ୍ତ୍ର ଜରିଆରେ ଏହି ପ୍ରକ୍ରିୟା ଅନବରତ ଚାଲିଥାଏ। ପ୍ରକୃତି ମଣିଷ ସହିତ ସବୁ ଜୀବଜନ୍ତୁ , ସରୀସୃପ , ପଶୁ ପକ୍ଷୀ ମାନଙ୍କୁ କର୍ଣ୍ଣ ଦ୍ୱାରା ଶବ୍ଦ ଗ୍ରହଣ କରିବାର ବ୍ୟବସ୍ଥା କରିଛି। ତେବେ କଥା ହେଉଛି , ଆମ କର୍ଣ୍ଣ କେତେ ଉଚ୍ଚ ମାନର ଶବ୍ଦ ଗ୍ରହଣ କରିବାକୁ ସକ୍ଷମ ? ଆଉ ଯଦି ଗ୍ରହଣ କରିବା କ୍ଷମତା ଠାରୁ ଅତ୍ୟଧିକ ଶବ୍ଦ ସୃଷ୍ଟି ହୁଏ ତେବେ ଆମର ମାନସିକ ସ୍ଥିତି କ'ଣ ହେବ ? ଅନେକ ବିଜ୍ଞ , ଗୁଣି ବ୍ୟକ୍ତି ଏହା ଉପରେ ପୁଙ୍ଖାନୁପୁଙ୍ଖ ଗବେଷଣା କରିଛନ୍ତି, ଅହୁର ମଧ୍ୟ ଗବେଷଣା ଚାଲିଛି। ଶବ୍ଦ ପ୍ରଦୂଷଣ ସମସ୍ୟା କେବଳ ଭାରତରେ ନୁହେଁ ସାରା ପୃଥିବୀର ଏକ ଜଟିଳ ସମସ୍ୟା ବୋଲି ଧରି ନେବାକୁ ହେବ। ଆମ ଦେଶରେ ସରକାର ୨୪ ଏପ୍ରିଲ ୨୦୦୦ ମସିହାରେ ଶବ୍ଦ ପ୍ରଦୂଷଣ ନିୟମାକ ଆଇନ ପ୍ରଚଳନ କଲେ। ଦୀର୍ଘ ୨୬ ବର୍ଷ ପରେ ମଧ୍ୟ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇ ପାରିଲା ନାହିଁ। ବିଭାଗୀୟ କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ତଥା ସରକାରଙ୍କ ଅଙ୍କୁଶ ବୋଧ ହୁଏ ଏହି ବିଭାଗ ଉପରେ କାର୍ଯ୍ୟ କରୁନାହିଁ। ରାଜକୋଷରୁ ଦରମା ନେଇ ବତାନୁକୁଳିତ ଅଫିସ୍, ଗାଡ଼ି ଚଢ଼ି କ'ଣ କାର୍ଯ୍ୟ କରୁଛନ୍ତି ତାହା କଣ ସଧାରଣ ନାଗରୀକ ଜାଣିବାର ଅଧିକାର ନାହିଁ ? ସରକାରଙ୍କ ଉଦାସୀନତା ଯୋଗୁ ଖୁଲମଖୁଲା ଆମ ମାନଙ୍କୁ ଶବ୍ଦ ପ୍ରଦୂଷଣ ଜନିତ କଷ୍ଟ ସହିବାକୁ ପଡୁଛି। ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ ନୀତିରେ ଅନେକ ସ୍ଥାନରେ ଅତ୍ୟାଧିକ ଶବ୍ଦ ଯୋଗୁଁ ପ୍ରାଣହାନୀ ମଧ୍ୟ ଘଟିବାର ନଜିର ରହିଛି।

ଅତ୍ୟଧିକ ଶବ୍ଦ ମନୁଷ୍ୟ ତଥା ଅନ୍ୟ ପ୍ରାଣୀ ମାନଙ୍କ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି। ମଧୁର ବାଦ୍ୟ ସଙ୍ଗୀତର ମୂର୍ଚ୍ଛନା ଆନନ୍ଦ ଦେଉଥିବା ବେଳେ ଉଚ୍ଚାଙ୍ଗ ସଂଗୀତ ମାନସିକ ଚାପ ବଢାଇ ଥାଏ। ବିଶେଷଜ୍ଞ ମାନଙ୍କ କହିବା କଥା ଅତ୍ୟଧିକ ଶବ୍ଦ ଆମର ଶରୀର ଉପରେ ଅନେକ କୁପ୍ରଭାବ ପକାଇ ଥାଏ ଯଥା : ଚାପଗ୍ରସ୍ତ ,ହୃଦ୍ଘାତ ଉଚ୍ଚ ରକ୍ତଚାପ , ଶ୍ରବଣଶକ୍ତି ଚାଲିଯିବା ,ନିଦ୍ରାରେ ବ୍ୟାଘାତ , ବୋଧଶକ୍ତି ହରାଇବା , ବାଚାଳାମି , ଅତ୍ୟଧିକ ମୁଣ୍ଡବ୍ୟଥା ,ତଥା ସ୍ନାୟବିକ ଦୁର୍ବଳତା ଦେଖା ଦେଇ ଥାଏ। ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଗ୍ରହଣ କରିବା ଖୁବ୍ କଷ୍ଟ ଦାୟକ ତଥା ସେମାନଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ। ତେବେ ଏହି ଶବ୍ଦ କେମିତି ଆଉ କେଉଁଠାରୁ ଉତ୍ପନ୍ନ ହୁଏ ଏବଂ ଆମେ ଏହାକୁ କିପରି ନିୟନ୍ତ୍ରିତ କରିପାରିବା ?

ଶବ୍ଦର ଉତ୍ପତ୍ତିସ୍ଥଳ: ଶବ୍ଦ ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି , ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇ ଥାଏ। କମ୍ପିତ ଓ୍ୱାୟୁ କଣିକା ତାହା ପାଶ୍ୱର୍ବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଶବ୍ଦ ତରଙ୍ଗ ସୃଷ୍ଟିକରି ଚତୁର୍ପାର୍ଶ୍ୱକୁ ବ୍ୟାପି ଥାଏ। କମ୍ପନର ତୀବ୍ରତା ଅନୁସାରେ ଓ୍ୱାୟୁ କଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇ ଯାଏ। ଶବ୍ଦର ତୀବ୍ରତା ଆମେ "ଡେସିବିଲ"(DB ) ରେ ମାପ କରି ଥାଉ। ସାଧାରଣତଃ ଆମ ମସ୍ତିଷ୍କ ଏବଂ କର୍ଣ୍ଣ ଗହ୍ୱର ୭୦ ଡେସି ବିଲ୍ ଶବ୍ଦକୁ ସହଜରେ ଗ୍ରହଣ କରି ଥାଏ , ଅତି ବେଶୀରେ ଏହା ୮୫ ଡେସି ବିଲ୍ ପର୍ଯ୍ୟନ୍ତ ସହ୍ୟ କରି ପାରିବ ତାହା ମଧ୍ୟ ବେଶୀ ସମୟ ପାଇଁ ନୁହେଁ। ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ୍ ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କରୁଥିବା ଯନ୍ତ୍ର ବ୍ୟବହାର କରି ପାରିବେ ନାହିଁ। ଆମେ ଶୁଣିବା ପାଇଁ ଶବ୍ଦ ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର , ତାହାଠାରୁ ବେଶୀ ବା କମ୍ ହେଲେ ଆମେ ଶୁଣି ପାରିବା ନାହିଁ। ଶବ୍ଦ ଅନେକ ପ୍ରକାର ଯଥା ୧. ଇନ୍ଫ୍ରା ସୋନିକ(୨୦ ହର୍ଜ ରୁ କମ୍ ), ୨. ସୋନିକ( ୨୦ ରୁ ୨୦ ହଜାର ହର୍ଜ ମଧ୍ୟରେ ) , ୩. ଅଲଟ୍ରା ସୋନିକ୍ (୨୦ ହଜାର ହର୍ଜ ରୁ ଅଧିକ )। ଜ୍ଞାନୀ, ଗୁଣି, ବିଜ୍ଞ ବ୍ୟକ୍ତି ମାନେ କାହିଁକି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି ? ଅନ୍ୟାୟକୁ ଆଉ କେତେ ଦିନ ଧର୍ମ ନାମରେ/ଭାଇଚାରା ନାମରେ/ଶୋଭାଯାତ୍ରା ନାମରେ ସହିବାକୁ ପଡିବ? ଆଜିକାଲି ଲଗାମ୍ ଛଡ଼ା ଡ଼ି: ଜେ, ମାଇକ୍ ଆଉ ଜାଣିଶୁଣି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଶବ୍ଦ ପ୍ରଦୂଷଣ କରା ଯାଉଛି। ଏହାର କ'ଣ କିଛି ପ୍ରତିକାର ନାହିଁ ନା ଏହା ସରକାରୀ ଉଦାସୀନତାର ଜ୍ୱଳନ୍ତ ଉଦାହରଣ ? ବିଭିନ୍ନ ଅନୁଷ୍ଠାନ ପାଇଁ ବା ରାସ୍ତାରେ ବାଜା ବଜାଇ ଶୋଭାଯାତ୍ରାରେ ଯିବା ପାଇଁ ସରକାରୀ ନିୟମ ଅନୁସାରେ ଥାନାରୁ ଅନୁମତି ମିଳେ, ସବୁ ସର୍ତ୍ତକୁ ମାନିନେଇ ଦସ୍ତଖତ ଦିଅନ୍ତି କିନ୍ତୁ କେହି ମାନନ୍ତି ନାହିଁ ୬୫ ଡେସି ବିଲ୍ କୁ ବଢ଼ାଇ ୧୦୦ ରୁ ଅଧିକ ଡେସି ବିଲ୍ କରି ଦିଆ ଯାଏ। କାନଫଟା ଚିତ୍କାର କ'ଣ ବନ୍ଦ କରି ଶ୍ରୁତିମଧୁର ବାଦ୍ୟ/ସଙ୍ଗୀତ ବଜାଇ ଉପଭୋଗ କରି ହେଓ୍ୱ ନାହିଁ? ମଟର ଗାଡି, ବସ୍, ଟ୍ରକ , ବାଇକ୍ ଗୁଡିକରେ ହର୍ଣ୍ଣ ଦ୍ୱାରା ସାଇଲେନ୍ସର ଦ୍ୱାରା ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେଉଛି ଏହା କଣ ସରକାରୀ କଳର କର୍ଣ୍ଣ ଗହ୍ୱରରେ ପ୍ରବେଶ କରୁନାହିଁ ? ନିରବ , ନିଦାବିଷ୍ଟ କର୍ମଚାରୀବୃନ୍ଦ ଟିକେ ସଜାଗ ହେବାକୁ ଚେଷ୍ଟା କରନ୍ତୁ ଏତିକି ବୟସ୍କ ନାଗରିକ ମାନଙ୍କ ତରଫରୁ ନିବେଦନ।

ପ୍ରତ୍ୟେକ ଧର୍ମାନୁଷ୍ଠାନ ଗୁଡିକରେ ମାଇକ୍ ର ପ୍ରଚଳନ ବହୁଳ ଭାବେ ଦେଖିବାକୁ ମିଳୁଛି। କୌଣସି ଧର୍ମ ଖରାପ୍ ନୁହେଁ କି କାହାକୁ ଛୋଟ ଭାବିବା ଉଚିତ ନୁହେଁ, ସବୁ ଧର୍ମକୁ ସମ୍ମାନ ଦେବା ଉଚିତ୍। କିନ୍ତୁ ଭାଇ ! ଟିକେ ହୃଦୟରୁ ଚିନ୍ତା କରନ୍ତୁ ତ' କାହାରି ଇଚ୍ଛା ବିରୁଦ୍ଧରେ କାହାରି ଉପରେ କ'ଣ ଧର୍ମ ବା ଧର୍ମର ବାଣୀକୁ ମାଇକ୍ / ଡ଼ାକବାଜି ଯନ୍ତ୍ର ଦ୍ୱାରା ବଳପୂର୍ବକ ଲଦିଦେବା ଠିକ୍ ହେଉଛି କି ? ନିଜସ୍ୱ ପରିବାରର ଶାନ୍ତି ପାଇଁ ହେଉ କି ସାହି ବସ୍ତିର ପର୍ବ ପର୍ବାଣି ହେଉ ବା ଧର୍ମାନୁଷ୍ଠାନର ପ୍ରତିଷ୍ଠା ହେଉ ବର୍ତ୍ତମାନଏକାଧିକ ଡ଼ାକବାଜି ମାଇକ ଗୁଡିକୁ ପ୍ରତିଟି ବିଜୁଳି ଖୁଣ୍ଟରେ ବାନ୍ଧି ୬୫ ଡେସିବିଲ୍ ରୁ ଅଧିକ ମାତ୍ରାରେ ଶବ୍ଦ ପ୍ରଦୂଷଣ କରି କି ପ୍ରକାର ଧର୍ମ ଅର୍ଜନ କରୁଛନ୍ତି ? ସମାଜର କ'ଣ ମଙ୍ଗଳ ହେଉଛି ?

ଜୀବନ ଜୀବିକା ନିର୍ବାହ ପାଇଁ ସମସ୍ତେ କିଛି ନା' କିଛି କାର୍ଯ୍ୟରେ ବ୍ୟସ୍ତ ଆପଣ ମାନଙ୍କ ସୁବିଧା , ଓ୍ୱିଜ୍ଞାପନ , ଅହଙ୍କାର /ଭୁଲ ମାର୍ଗରେ ଧର୍ମର ପ୍ରଚାର ପାଇଁ ଆପଣ କାହିଁକି ଅନ୍ୟକୁ କଷ୍ଟ ଦେବେ? ଆପଣଙ୍କ ଘରେ ବା ଧାର୍ମିକ ଅନୁଷ୍ଠାନରେ ଆରାଧ୍ୟ ଦେବା ଦେବୀଙ୍କୁ ଆବାହନ କରନ୍ତୁ , ଏହା ଆପଣଙ୍କର ଜନ୍ମସିଦ୍ଧ ଅଧିକାର, କିଏ ବାରଣ କରୁଛି ? ତେବେ ଆପଣଙ୍କର କୌଣସି ନୈତିକ ଅଧିକାର ନାହିଁ ଯେ, ଆପଣ ଅନ୍ୟର ମାନସିକ ଶାନ୍ତି ଭଙ୍ଗ କରିବେ। ହିନ୍ଦୁ, ମୁସଲମାନ, ଶିଖ, ଈସାଇ ଯେ କୌଣସି ଧର୍ମ ହେଉ ପ୍ରାର୍ଥନା କ'ଣ ଉଚ୍ଚାଙ୍ଗ ସ୍ୱରରେ କରାଯାଏ ନା' ନୀରବରେ କରା ଯାଏ ? ଧର୍ମ ସମାଜର ହିତ ମଙ୍ଗଳ ସାଧନ ପାଇଁ ହେବା ଉଚିତ୍ କିନ୍ତୁ ପ୍ରଶାସନ/ ନେତାଙ୍କ ଦୁର୍ବଳତାର ସୁଯୋଗ ନେଇ ଛତୁ ଫୁଟିଲା ପରି ଶବ୍ଦ ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି ନା ଏହା ପଛରେ ଆଉ କିଛି ଉଦେଶ୍ୟ ଲୁକ୍କାୟିତ ? ପ୍ରାର୍ଥନାର ମାନେ ଆଉ ସଂଜ୍ଞା ଜାଣିବା ପାଇଁ ନିଜେ ନିଜକୁ ସଜାଡ଼ି ନେବା ଜରୁରୀ, ଧର୍ମ ନାମରେ କିଛି ମୁଷ୍ଟିମେୟ ବ୍ୟକ୍ତି ନିଜକୁ ଭଗବାନଙ୍କ ଦ୍ୱତୀୟ ଅବତାର ଭାବିଲେଣି। ଆପଣ ମାନେ ଜାଣି ପାରୁ ନାହାନ୍ତି ପ୍ରତିଦିନ ଶବ୍ଦ ପ୍ରଦୂଷଣ ଆମ ଜୀବନର ଆୟୁଷ ୧୫ ମିନିଟ କମାଇ ଦେଉଛି ବୋଲି ବିଜ୍ଞାନୀ ମାନେ କହି ସାରିଛନ୍ତି ତେଣୁ ନିଜେ ବେଳହୁଁ ସତର୍କ ହେବା ଉଚିତ , ଯେତେ ପାରିବେ ଶବ୍ଦ ପ୍ରଦୂଷଣରୁ ନିଜକୁ ମୁକ୍ତ ରଖନ୍ତୁ, ଆନ୍ତରିକତା ନ'ଥିଲେ ସବୁ ଅସାର। (କାହାରି ମନରେ ଦୁଃଖ ଦେବାର ଅଭିପ୍ରାୟ ଲେଖକର ନାହିଁ, କେବଳ ସଚେତନତା ପାଇଁ ବାର୍ତ୍ତା ଦିଆ ଯାଇଛି )


**ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳ, କଟକ**
**ମୋବାଇଲ୍:୯୯୩୭୧୭୪୦୯୭**

### ପ୍ରଧାନମନ୍ତ୍ରୀଙ୍କ ୧୩୮ତମ 'ମନ କି ବାତ୍'

# ଆତଙ୍କବାଦ ବିରୋଧରେ ଭାରତ ଶୂନ୍ୟ ସହନଶୀଳ

ନୂଆଦିଲ୍ଲୀ, ୨୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତ୍ କାର୍ଯ୍ୟକ୍ରମରେ ପୁଣି ଥରେ ଦେଶବାସୀଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ୧୩୮ତମ ଏପିସୋଡରେ ପ୍ରଧାନମନ୍ତ୍ରୀ ପ୍ରଥମେ ସର୍ଜିକାଲ୍ ଷ୍ଟ୍ରାଇକ୍ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ୧୦ ବର୍ଷ ପୂର୍ବେ, ୨୮-୨୯ ସେପ୍ଟେମ୍ବର ୨୦୧୬ରେ ଭାରତୀୟ ସେନା ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା। ଆମର ସାହସୀ ସୈନିକମାନେ ଏଲଓସି ପାର କରି ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

ସର୍ଜିକାଲ୍ ଷ୍ଟ୍ରାଇକ୍ ସାହସିକ ଭାବରେ ସମଗ୍ର ବିଶ୍ୱ ସମ୍ମୁଖରେ ଭାରତର ଆତଙ୍କବାଦ ବିରୋଧୀ ଶୂନ୍ୟ ସହନଶୀଳ ନୀତିର ଏକ ନୂତନ ଉଦାହରଣ ଉପସ୍ଥାପନ କରିଥିଲା। ଗତ ଦଶନ୍ଧି ଧରି, ବାଲାକୋଟ ଏୟାରଷ୍ଟ୍ରାଇକ୍‌ଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ଭାରତ ବାରମ୍ବାର ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ଯଦି ଆତଙ୍କବାଦୀମାନେ ଭାରତ ଉପରେ ଆକ୍ରମଣ କରିବାକୁ ସାହସ କରନ୍ତି ତେବେ ସେମାନଙ୍କୁ ଉପଯୁକ୍ତ ଜବାବ ଦିଆଯିବ। ଆଜି ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅନୁସରଣ କରୁଛି ଏବଂ ଆମେ ଏହାର ଫଳାଫଳ ଦେଖୁଛୁ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରାୟ ସମାପ୍ତ ହୋଇଛି। ୩୨ କୋଟିରୁ ଅଧିକ ପରିବାରର ସୂଚନା ରେକର୍ଡ କରାଯାଇଛି। ଉତ୍ତରାଖଣ୍ଡରେ ଦେଶର ପ୍ରଥମ ଗ୍ରାମ ଭାବରେ ଜଣାଶୁଣା ଚାମୋଲିର ମାନା ଗାଁରେ ଜନଗଣନା ଆରମ୍ଭ ହୋଇଥିଲା। ଜନଗଣନା ଆମ ସମସ୍ତଙ୍କ ପାଇଁ ଏକ ଜାତୀୟ ଦାୟିତ୍ୱ। ଅଗଷ୍ଟ ୧୫ ତାରିଖରେ, ମୁଁ ମୋର ଦେଶବାସୀଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ସମୟ ବାହାର କରିବାକୁ ଅନୁରୋଧ କରିଥିଲି।

କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଆନ୍ତର୍ଜାତୀୟ କାର୍ଯ୍ୟକାରୀ ସଭାପତି ଅଶୋକ ସିଂଘଲଙ୍କୁ ମନେ ପକାଇ କହିଥିଲେ, ଆଜି ହେଉଛି ଜଣେ ମହାନ ବ୍ୟକ୍ତିଙ୍କ ୧୦୦ତମ ଜନ୍ମବାର୍ଷିକୀ।



ସେ ନିଜର ସମଗ୍ର ଜୀବନ ସଂସ୍କୃତି, ସମାଜ ଏବଂ ରାଷ୍ଟ୍ର ପାଇଁ ଉତ୍ସର୍ଗ କରିଥିଲେ। ସେ ସମାଜରେ ରହି ମଧ୍ୟ ତପସ୍ୱୀ ଜୀବନଯାପନ କରିଥିଲେ। ରାମ ଜନ୍ମଭୂମି ଆନ୍ଦୋଳନକୁ ସେ ଯେଉଁ ଦିଗ ଏବଂ ଶକ୍ତି ଦେଇଥିଲେ, ତାହାର ପରିଣାମ ସ୍ୱରୂପ ଆଜି ଆମେ ଅଯୋଧ୍ୟାରେ ଭବ୍ୟ ମନ୍ଦିର ଦେଖୁଛୁ।

୧୦୨୬ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଗଜନୀ ସୋମନାଥକୁ ଧ୍ୱଂସ କରିଥିଲା, ସେହି ବର୍ଷ ଗୁଜରାଟର ମୋଧେରାର ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ଉପରେ ମଧ୍ୟ ଆକ୍ରମଣ କରାଯାଇ ଧ୍ୱଂସ କରାଯାଇଥିଲା। ଏହାର ଅର୍ଥ ହେଉଛି ଚଳିତ ବର୍ଷ ମୋଧେରା ମନ୍ଦିର ଧ୍ୱଂସ ହେବାର ଏକ ହଜାର ବର୍ଷ ପୂରଣ କରୁଛି। ସମ୍ପ୍ରତି ସେହି ମନ୍ଦିର ନିର୍ମାଣକୁ ବର୍ଷେ ପୂରଣ ହୋଇଛି। ରାଜା ଭୀମଦେବ ୧୦୨୫ ମସିହାରେ ଏହି ମନ୍ଦିର ନିର୍ମାଣ କରିଥିଲେ। ତେଣୁ, ମୋଧେରା କେବଳ ଏହାର ସୂର୍ଯ୍ୟ ମନ୍ଦିର ପାଇଁ ଜଣାଶୁଣା ନୁହେଁ, ବରଂ ଗୁଜରାଟର ଏହି ଗ୍ରାମ ଦେଶର ପ୍ରଥମ ସୌର ଗ୍ରାମ ମଧ୍ୟ ପାଲଟିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଝାଡ଼ଖଣ୍ଡର ମହିଳାମାନେ ସୁନ୍ଦରୀ ଜଙ୍ଗଲ ବିକଶିତ କରୁଛନ୍ତି। ଏହି ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯେଉଁମାନଙ୍କର ସ୍ୱାମୀ ବାଘ ଆକ୍ରମଣରେ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କୁ ହରାଇବା ପରେ, ସେମାନେ ସୁନ୍ଦରବନରେ ଜୀବିକା ନିର୍ବାହ ପାଇଁ ସୁଯୋଗ ପାଇଛନ୍ତି। ସେମାନେ ଲଗାଇଥିବା ସୁନ୍ଦରୀ ଜଙ୍ଗଲ ଏବେ ଗାଁ ପାଇଁ ଏକ ପ୍ରାକୃତିକ ସୁରକ୍ଷା ବଳୟ ପାଲଟିଛି। ଏହି ମହିଳାମାନେ ମଧ୍ୟ ଏଥିରୁ ରୋଜଗାର କରୁଛନ୍ତି। ସମ୍ପ୍ରତି, ଦେଶର ଲକ୍ଷ ଲକ୍ଷ ଯୁବକ ନିଶା ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଜ୍ଞା ନେଇଛନ୍ତି। ସେମାନେ ନିଶା ଠାରୁ ଦୂରେଇ ରହିବାକୁ ପ୍ରତିଜ୍ଞା କରିଛନ୍ତି ଏବଂ ଏହି ବାର୍ତ୍ତାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ମଧ୍ୟ ନେଇଛନ୍ତି। ନିଶାମୁକ୍ତ ଯୁବ ଅଭିଯାନ ୧୦୦ ସପ୍ତାହ ଧରି ଚାଲିବ।

ଚଳିତ ବର୍ଷ କୁପୋଷଣ ମୁକାବିଲା ପାଇଁ ଅନେକ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି। ଛତିଶଗଡ଼ରେ 'ହର ଘର ମୁଙ୍ଗା, ଘର-ଘର ମୁଙ୍ଗା' ଅଭିଯାନ ଆରମ୍ଭ କରାଯାଇଛି। ଯାହା ଲୋକମାନଙ୍କୁ ସେମାନଙ୍କ ଖାଦ୍ୟରେ ପୁଷ୍ଟିକର ମୋରିଙ୍ଗା ବା ସଜନାଗଛର ଶାଗଠାରୁ ଆରମ୍ଭ କରି ଛୁଇଁ ସାମିଲ କରିବାକୁ ଉତ୍ସାହିତ କରାଯାଉଛି। ଗୁଜରାଟ ଏକ ଭାଙ୍ଗୀ ପ୍ରତିଯୋଗିତା ମଧ୍ୟ ଆରମ୍ଭ କରିଛି, ଯାହା ବାଜରା ଖାଦ୍ୟର ଏକ ପ୍ରତିଯୋଗିତା। ମହାରାଷ୍ଟ୍ର ମଧ୍ୟ ଏହି ଦିଗରେ ପ୍ରଶଂସନୀୟ ପ୍ରୟାସ କରାଯାଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତର ପ୍ରଦେଶର ପ୍ରତାପଗଡ଼ର ପ୍ରସିଦ୍ଧ ଅଁଳା ସ୍ୱୟଂ ସହାୟକ ଗୋଷ୍ଠୀରେ କାମ କରୁଥିବା ଚାଷୀ ଏବଂ ମହିଳାମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। ଆଜି ପ୍ରତାପଗଡ଼ରେ ପ୍ରାୟ ୧୦୦ ଅଁଳା ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟ କରୁଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏପରି ଏକ ଗୋଷ୍ଠୀ ଦେବଗଡ଼ କାମାସି ଗାଁରେ କାର୍ଯ୍ୟ କରୁଛି। ଏହି ଗୋଷ୍ଠୀ ସହିତ ଜଡିତ ମହିଳାମାନେ ଅଁଳାରୁ କ୍ୟାଣ୍ଡି, ଜାମ୍ ଏବଂ ଜୁସ୍ ତିଆରି କରୁଛନ୍ତି। ଓଡିଓପି ଅଧୀନରେ ନୂତନ ବଜାର ସୁଯୋଗ ଯୋଗୁଁ ସେମାନଙ୍କର ଆୟ ମଧ୍ୟ ବୃଦ୍ଧି ପାଇଛି।

# ଦେଶର ପ୍ରଥମ ଏଲ୍ଏନ୍‌ଜି ଟ୍ରେନ୍‌ର ଆରମ୍ଭ

ନୂଆଦିଲ୍ଲୀ, ୨୭।୯: କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଅହମ୍ମଦାବାଦର ସାବରମତୀ ରେଲୱେ ଷ୍ଟେଶନରୁ ଦେଶର ପ୍ରଥମ ଏଲଏନଜିରେ ଚାଲୁଥିବା ଟ୍ରେନର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ ସାବରମତି ଡିଭିଜନ ଲାଗି କେତେକ ରେଲୱେ ପ୍ରୋଜେକ୍ଟର ଉଦଘାଟନ କରାଯାଇଛି ଏବଂ କିଛି ଅନ୍ୟ ପ୍ରୋଜେକ୍ଟର ବି ଶିଳାନ୍ୟାସ କରାଯାଇଛି। ଗୁଜୁରାଟକୁ ୧, ୫୪୨କୋଟିରୁ ଅଧିକ ରେଲୱେ ପ୍ରୋଜେକ୍ଟର ଉପହାର ଦିଆଯାଇଛି। ପ୍ରାୟ ୪୧୧ କୋଟି ଟଙ୍କା ଖର୍ଚ୍ଚ କରି ୪୦୪ କିଲୋମିଟର ଲମ୍ବା ରେଳ ସେକ୍ସନରେ 'କବଚ' ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ୧୨୨.୫୭କିଲୋମିଟର ଲମ୍ବା ରେଳ ସେକ୍ସନରେ ଅଟୋମେଟିକ ବ୍ଲକ ସିଗନାଲିଂ ଆରମ୍ଭ କରାଯାଇଛି। ୭୦୦କୋଟିରେ ନିର୍ମିତ ୱାଗ୍-୧୨ ଲୋକୋମୋଟିଭ ମେଣ୍ଟେନେସ ଶେଡ଼ର ଉଦଘାଟନ କରାଯାଇଛି। ୩୧୩.୨୭କୋଟିରେ ପ୍ରାୟ ୨୧କିଲୋମିଟର ଲମ୍ବା ସାବରମତୀ-ସରଖେଜ ରେଳ ସେକ୍ସକୁ ଡବଲ କରାଯିବାର କାମ କରାଯିବ।



## ଶୁଭାରମ୍ଭ କଲେ ଗୃହମନ୍ତ୍ରୀ ଅମିତ ଶାହ

ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି କି ପ୍ରାୟ ୧, ୫୪୨କୋଟିରୁ ଅଧିକ ଟଙ୍କାରେ କରାଯାଇଥିବା ବିକାଶ କାର୍ଯ୍ୟ ଯାତ୍ରୀ ଏବଂ ଏହି ଅଞ୍ଚଳର ରେଲୱେ ନେଟୱର୍କ, ଉଭୟଙ୍କ ଲାଗି ବହୁତ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏହି ପ୍ରୋଜେକ୍ଟରେ ଲୋକୋମୋଟିଭ ମେଣ୍ଟେନେସ ହବ 'କବଚ' ସୁରକ୍ଷା ପ୍ରଣାଳୀ ଏବଂ ଟ୍ରାକକୁ ଦୁଇଗୁଣା କରିବାର କାମ ସାମିଲ ରହିଛି। ଅମିତ ଶାହ କହିଛନ୍ତି ଯେ, ଦିଲ୍ଲୀରୁ ଯାତ୍ରା କରିବା ସମୟରେ ସେ ଅନେକ ଥର ସାବରମତୀ ରେଳ ଷ୍ଟେସନରେ ଓହ୍ଲାଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଷ୍ଟେସନରେ ହୋଇଥିବା ପରିବର୍ତ୍ତନ ପାଇଁ ସେ ରେଳ ଅଧିକାରୀ ଏବଂ ପୂରା ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଶାହ କହିଛନ୍ତି, 'ସାବରମତୀ ରେଳ ଡିଭିଜନରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ପୂରା ଟିମକୁ ମୋର ହୃଦୟର ସହିତ ଅଭିନନ୍ଦନ। ଏତେଦିନ ପରେ ସାବରମତୀ ଷ୍ଟେସନକୁ ଏହି ନୂତନ ରୂପରେ ଦେଖିବା ବହୁତ ଖାସ୍ ଅଟେ।

## ସିଜେପିର ଆଶୁତୋଷ ରାଙ୍କା ଅଟକ



ଗୁଆହାଟୀ, ୨୭।୯: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସହ-ପ୍ରତିଷ୍ଠାତା ଆଶୁତୋଷ ରାଙ୍କା ଓ ତାଙ୍କ ଦଳକୁ ଆସାମ ପୁଲିସ ଅଟକ ରଖିଛି। ରାଙ୍କା ନିଜେ ଏହା ରିପୋର୍ଟ କରିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏହି ଘଟଣାର ପ୍ରତିବାଦ କରିଛନ୍ତି। ଅଭିଜିତ୍ ଦୀପକେ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ହିମନ୍ତ, ତୁମେ ଏତେ ଭୟଭୀତ କାହିଁକି ବୋଲି ଲେଖିଛନ୍ତି। ଅଭିଜିତ୍ ଦୀପକେ ପୋଷ୍ଟ କରିଛନ୍ତି, ଆସାମ ପୁଲିସ ଆଶୁତୋଷ ରାଙ୍କା ଓ ସିଜେପି ଦଳକୁ ଅଟକ ରଖିଛି ଏବଂ ସେମାନଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇଯାଉଛି। ଆଇନଜୀବୀମାନେ ଯେଉଁଠାରେ ସେମାନଙ୍କୁ ଅଟକ ରଖାଯାଇଛି ସେଠାରେ ବାହାରେ ଠିଆ ହୋଇଛନ୍ତି, କିନ୍ତୁ ପୁଲିସ ସେମାନଙ୍କୁ ଭିତରକୁ ଛାଡ଼ି ଦେଉନାହିଁ।

## ଦୁଇ ପୃଥକ ଗୁଳିକାଣ୍ଡ: ୨୭ ମୃତ, ୨୬ ଆହତ



ଜୋହାନ୍ସବର୍ଗ: ଦକ୍ଷିଣ ଆଫ୍ରିକାରେ ଦୁଇ ପୃଥକ ଗୁଳିକାଣ୍ଡ ଘଟଣାରେ ମୋଟ ୨୭ ଜଣଙ୍କର ମୃତ୍ୟୁ ଘଟିବା ସହିତ ୨୬ ଜଣ ଆହତ ହୋଇଛନ୍ତି। ଗୌଟେଙ୍ଗ ପ୍ରଦେଶର ଜୋହାନ୍ସବର୍ଗର ଦକ୍ଷିଣ-ପଶ୍ଚିମରେ ଥିବା ୱେଡେଲା ଟାଉନସିପ୍‌ରେ ଏକ ବାରରେ ଶନିବାର ରାତିରେ ଲୋକଙ୍କ ଉପରେ ଗୁଳିମାଡ଼ କରାଯାଇଛି। ଏଥିରେ ୨୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ଶନିବାର ରାତି ପ୍ରାୟ ସାଢ଼େ ୯ ସମୟରେ ଏହି ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଚାରି ଜଣ ମହିଳା ଓ ୧୩ ଜଣ ପୁରୁଷ ଅଛନ୍ତି। ପୁଲିସ କହିଛି, ଆଠ ଜଣ ଅଜ୍ଞାତ ବନ୍ଧୁକଧାରୀ ବାର୍‌ରେ ପହଞ୍ଚି ପ୍ରଥମେ ବାହାରେ ମଦ୍ୟପାନ କରୁଥିବା ଲୋକଙ୍କ ଉପରେ ଗୁଳି ଚଳାଇଥିଲେ। ତା'ପରେ ସେମାନେ ଟାଭର୍ନ ଭିତରକୁ ପ୍ରବେଶ କରି ଭିତରେ ଥିବା ଅନ୍ୟ ଲୋକଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ଆକ୍ରମଣକାରୀମାନଙ୍କ ପାଖରେ ଏକେ-୪୭ ରାଇଫଲ୍ ଓ ପିସ୍ତଲରେ ଥିଲା।

## ବିରୋଧ ପରେ ନିଷ୍ପତ୍ତିରୁ ଓହରିଲେ ବିଜୟ ସରକାର



ନୂଆଦିଲ୍ଲୀ, ୨୭।୯: ବିରୋଧୀଙ୍କ ପ୍ରବଳ ସମାଲୋଚନା ପରେ, ତାମିଲନାଡୁ ସରକାର ସୂଚନା ଅଧିକାର ଆଇନ (ଆରଟିଆଇ) କିମ୍ବା ସୂଚନା ଅଧିକାର ଆଇନ ୨୦୦୫ ପରିସରରୁ ଆଇନ ଓ ଶୃଙ୍ଖଳା ସହିତ ଜଡିତ ସାର୍ବଜନୀନ ବିଭାଗ ଗୁଡ଼ିକୁ ବାଦ ଦେବା ପାଇଁ ତାଙ୍କର ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ପୂର୍ବରୁ ସରକାର ଏହି ଆଦେଶ ଜାରି କରିଥିଲେ ଓ ଯୁକ୍ତି ଦେଇଥିଲେ ଯେ, ଏହା ଏକ ଗୁଇନ୍ଦା ଓ ସୁରକ୍ଷା ସଂଗଠନ। ସରକାରଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ମାନବ ସମ୍ବଳ ପରିଚାଳନା ବିଭାଗର ସରକାରୀ ଆଦେଶ ସେପ୍ଟେମ୍ବର ୨୧, ୨୦୦୬ ରେ, ଯାହା ସାର୍ବଜନୀନ (ଆଇନ ଏବଂ ଶୃଙ୍ଖଳା) ବିଭାଗକୁ ଜଣ୍ଡଓ ଆଇନ, ୨୦୦୫ ର ଧାରା ୨୪ରୁ ମୁକ୍ତ କରିଥିଲା, ତାହାକୁ ପ୍ରତ୍ୟାହାର କରାଯାଇଛି।

## ଯୁବକକୁ ଚାପୁଡା ମାରି ବିବାଦରେ ମନ୍ତ୍ରୀ



ନୂଆଦିଲ୍ଲୀ, ୨୭।୯: ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ପ୍ରବେଶ ବର୍ମାଙ୍କ ବିରୋଧରେ ଆମ ଆଦମୀ ପାର୍ଟି (ଆପ)ଆଣିଛି ଗମ୍ଭୀର ଅଭିଯୋଗ। ଆପ ଅଭିଯୋଗ କରିଛି ଯେ ତିଲକ ନଗରରେ ଏକ ରାସ୍ତା ଯାଞ୍ଚ କରୁଥିବା ପିଡବ୍ଲୁଡି ମନ୍ତ୍ରୀ ପରଭେଶ ବର୍ମା ଭିଡିଓ ରେକର୍ଡ କରୁଥିବା ଜଣେ ବ୍ୟକ୍ତିଙ୍କୁ ଚାପୁଡ଼ା ମାରିଥିଲେ। ଆପ ଏହାର ଭିଡିଓ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମଧ୍ୟ ସେୟାର କରିଛି। ରବିବାର ପ୍ରବେଶ ବର୍ମା ତିଲକ ନଗରରେ ଚାଲିଥିବା ରାସ୍ତା ନିର୍ମାଣ କାମ ଯାଞ୍ଚ କରିବାକୁ ପହଞ୍ଚିଥିଲେ। ଏହି ସମୟରେ ତିଲକ ନଗରର ଆପ୍ ବିଧାୟକ ଜରନୈଲ ସିଂହ ମଧ୍ୟ ସେଠାରେ ପହଞ୍ଚିଥିଲେ। ରାସ୍ତାର ଗୁଣବତ୍ତାକୁ ନେଇ ସେ ପ୍ରଶ୍ନ ଉଠାଇଥିବା ରିପୋର୍ଟରେ କୁହାଯାଇଛି।

## ହେଲିକପ୍ଟର ଦୁର୍ଘଟଣାରେ ପାଇଲଟ୍‌ଙ୍କ ସମେତ ୪ ମୃତ

ଓଟାୱା, ୨୭।୯: କାନାଡାର ମଣ୍ଟ୍ରିଆଲ୍ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣା ଘଟିଛି, ଯେଉଁଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ହେଲିକପ୍ଟରଟିରେ ନିଆଁ ଲାଗିଯାଇଥିଲା। ରିପୋର୍ଟ ଅନୁଯାୟୀ ହେଲିକପ୍ଟରଟି ଏକ ଘରୋଇ ବିମାନ ଥିଲା। ରିପୋର୍ଟ ଅନୁଯାୟୀ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ କିଛି ସମସ୍ୟାର ସମ୍ମୁଖୀନ ହୋଇଥିଲା। ଏହାର କାରଣ ତଦନ୍ତାଧୀନ ଅଛି।

### ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ପ୍ରସଙ୍ଗ

## ସିଜେପିକୁ ପୂର୍ଣ୍ଣ ସମର୍ଥନ ଜଣାଇଲେ ସୋନମ୍ ୱାଙ୍ଗଚୁକ୍



ନୂଆଦିଲ୍ଲୀ, ୨୭।୯: ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ଆସନ୍ତା ଅକ୍ଟୋବର ଦୁଇ ତାରିଖରେ ମୁମ୍ବାଇରୁ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ କକରୋଚ୍ ଜନତା ପାର୍ଟି ଦ୍ୱାରା ପ୍ରସ୍ତାବିତ ଆନ୍ଦୋଳନକୁ ନିଜର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ତେବେ ଏହି ପ୍ରତିବାଦ ସଭାରେ ସେ ସିଧାସଳଖ ଉପସ୍ଥିତ ରହିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ହେଉଥିବା ପ୍ରତ୍ୟେକ ପ୍ରୟାସ ପ୍ରଶଂସନୀୟ ବୋଲି ସେ ମତ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଅହିଂସା ଓ ଶାନ୍ତିପୂର୍ଣ୍ଣ ମାର୍ଗରେ ହେବାକୁ ଥିବା ଏହି ଆନ୍ଦୋଳନ ନାଗରିକଙ୍କ ଅଧିକାର ଲଢ଼େଇ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଛନ୍ତି। ନିର୍ବାଚନ ପ୍ରକ୍ରିୟା କଳୁଷିତ ହେଲେ ଗଣତନ୍ତ୍ର ବିପଦରେ ପଡ଼ିବ ବୋଲି ୱାଙ୍ଗଚୁକ୍ ମତ ଦେଇଛନ୍ତି। ଏହାସହ ଲଦାଖକୁ ନେଇ ଦିଆଯାଇଥିବା ସରକାରୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟ ପୂରଣ ହେବା ଉଚିତ ବୋଲି ସେ ମନେପକାଇ ଦେଇଛନ୍ତି। ଅନ୍ୟପଟେ, ନିର୍ବାଚନୀ ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ମଧ୍ୟ ସେପ୍ଟେମ୍ବର ତିରିଶ ତାରିଖରେ ଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯୋଜନା କରିଛନ୍ତି।

# କାଙ୍ଗାଳ ହୋଇଗଲାଣି ଇରାନ

## ହର୍ମୁଜକୁ ନେଇ ବଡ଼ ଦାବି କଲେ ଟ୍ରମ୍ପ



ୱାଶିଂଟନ, ୨୭।୯: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ଡି.ସି.ଠାରେ ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ତୁରନ୍ତ ହର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବାକୁ ଚାହୁଁଛି କାରଣ ଏହା ବନ୍ଦ ହେବା ଫଳରେ ଦେଶର ରାଜସ୍ୱ ଉପରେ ପ୍ରଭାବ ପଡୁଛି। ସେ ଉଲ୍ଲେଖ କରିଛନ୍ତି ଯେ ଇରାନ ହର୍ମୁଜ ପ୍ରଣାଳୀରୁ ନିଜର ଆୟ କରିଥାଏ ଏବଂ ବର୍ତ୍ତମାନ ଏହା ପାଣ୍ଠି ଅଭାବର ସମ୍ମୁଖୀନ ହେଉଛି। ଟ୍ରମ୍ପ କହିଛନ୍ତି ଯେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରି ବିଶ୍ୱ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ସେହି ନିଷ୍ପତ୍ତି ଖୋଦ ଇରାନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥିଲା। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଭାବିଥିଲା ଯେ ଏହି ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଅନ୍ୟ ଦେଶଗୁଡ଼ିକ ପାଇଁ ସମସ୍ୟା ସୃଷ୍ଟି ହେବ।

ଟ୍ରମ୍ପ କହିଲେ, 'ତା'ପରେ ମୁଁ ହସ୍ତକ୍ଷେପ କଲି ଏବଂ ଆମେ ସାମରିକ ଇତିହାସର ସବୁଠାରୁ ବଡ଼ ଅବରୋଧ ବ୍ୟବସ୍ଥା କଲୁ।

ଏହା ଏକ ଇସ୍ପାତର କାନ୍ଥ ସଦୃଶ। ଆମେ ସେମାନଙ୍କ ପାଇଁ ଏହି ପ୍ରଣାଳୀ ବନ୍ଦ କରିଦେଲୁ, କିନ୍ତୁ ଅନ୍ୟ ସମସ୍ତେ ଏହାକୁ ବ୍ୟବହାର କରିପାରିବେ।' ନିଜ ବୟାନରେ ଟ୍ରମ୍ପ କହିଛନ୍ତି ଯେ ଆମେରିକାର କାର୍ଯ୍ୟାନୁଷ୍ଠାନ ପରେ ଇରାନ ପାଖରେ ଆଉ ଅର୍ଥ ନାହିଁ।

## ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ରାହୁଲ: ହିମନ୍ତ ବିଶ୍ୱଶର୍ମା



ଗୁଆହାଟୀ, ୨୭।୯: ନିର୍ବାଚନ ଆୟୋଗ ଏବଂ ଏସଆଇଆର ପ୍ରସଙ୍ଗକୁ ନେଇ ଦେଶରେ ରାଜନୈତିକ ତର୍କବିତର୍କ ଜାରି ରହିଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଥାଏ ବୋଲି ସ୍ପଷ୍ଟ ହେବା ପରେ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବା ଉଚିତ୍ ବୋଲି ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ନିର୍ବାଚନରେ ହାରିବା ପରେ ବାରମ୍ବାର ସାମ୍ବିଧାନିକ ସଂସ୍ଥା ଏବଂ ନିର୍ବାଚନ କମିସନଙ୍କୁ ଟାର୍ଗେଟ କରି ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। ଅନ୍ୟପଟେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଟାର୍ଗେଟ କରି କେନ୍ଦ୍ର ସରକାରଙ୍କ ଉପରେ ନିର୍ବାଚନ ଫିକ୍ସିଂ ଅଭିଯୋଗ ଆଣିଥିଲେ।

## ଭୋଟର ତାଲିକାରୁ ନାମ କାଟିବା ପାଇଁ ମମତା ଦାୟୀ



### ଶୁଭେନ୍ଦୁଙ୍କ ଚାଞ୍ଚଲ୍ୟକର ବୟାନ

କୋଲକାତା, ୨୭।୯: ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ଭୋଟର ତାଲିକାରୁ ସତାଇଶ ଲକ୍ଷ ନାମ ବାଦ୍ ପଡ଼ିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହିଁ ଦାୟୀ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ଏଥିପାଇଁ ଭାରତୀୟ ଜନତା ପାର୍ଟି କିମ୍ବା ନିର୍ବାଚନ ଆୟୋଗ ଦାୟୀ ନୁହଁନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଅଧିକାରୀ କହିଛନ୍ତି ଯେ ମମତା ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନ୍ୟାୟିକ ଅଧିକାରୀମାନେ ଏହି ନାମଗୁଡ଼ିକୁ ବାଦ୍ ଦେଇଛନ୍ତି। ବିଧାନସଭା ନିର୍ବାଚନରେ ହାରିଯିବା ପରେ ମମତା ବାନାର୍ଜୀ ବର୍ତ୍ତମାନ ଏହାର ଦୋଷ ଅନ୍ୟ ଉପରେ ଲଦିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି କେରଳରେ ଏହି ପ୍ରକ୍ରିୟା ଭଲ, ତେବେ ପଶ୍ଚିମବଙ୍ଗରେ ଏହା ଖରାପ କାହିଁକି ହେବ।

### ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା

## ମିଛ ଖବରକୁ ନେଇ ଭଙ୍ଗାରୁଜା ଓ ଅଗ୍ନିକାଣ୍ଡ

ଫଗୱାଡ଼ା, ୨୭।୯: ପଞ୍ଜାବର ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ନେଇ ଏକ ମିଛ ଖବର ଭାଇରାଲ ହେବା ପରେ ଶନିବାର ତୁମୁଳକାଣ୍ଡ ଘଟିଛି। ଏହି ଗୁଜବରେ ବିଶ୍ୱାସ କରି ହଜାର ହଜାର ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇ ଜାମ କରିବା ସହିତ କ୍ୟାମ୍ପସରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି ଓ ସମ୍ପତ୍ତିରେ ନିଆଁ ଲଗାଇ ଦେଇଛନ୍ତି। କପୁରଥଲା ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଗୌରବ ତୁରା କହିଛନ୍ତି ଯେ କ୍ୟାମ୍ପସରେ କିଛି ଦିନ ପୂର୍ବରୁ ଜଣେ ମହିଳାଙ୍କ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଥିଲା, କିନ୍ତୁ ଏହାକୁ ଗଣବଳାତ୍କାର ସହ ଯୋଡ଼ି ପୁଲିସ ନିକଟରେ କୌଣସି ଅଭିଯୋଗ ଦାଖଲ ହୋଇନାହିଁ। ଏହି ଘଟଣାରେ କୌଣସି ପ୍ରମାଣ ନାହିଁ ବୋଲି ପୁଲିସ ସ୍ପଷ୍ଟ କରିଛି। ସେପଟେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର ମୋନିକା ଗୁଲାଟି ଏହି ଘଟଣାକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିବା ସହ ଗୁଜବରେ ବିଶ୍ୱାସ ନକରିବାକୁ ଅନୁରୋଧ କରିଛନ୍ତି।

ବର୍ତ୍ତମାନ ପୁଲିସ ରାଜପଥକୁ ଖାଲି କରାଇ ଯାତାୟାତ ସ୍ୱାଭାବିକ କରିଥିବା ବେଳେ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଆଲୋଚନା ଜାରି ରହିଛି।

### ଆମେରିକାର ସୁରକ୍ଷା ଭାଙ୍ଗିଲା ଇରାନ୍

## ହର୍ମୁଜରେ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼

ତେହରାନ, ୨୭।୯: ହୋରମୁଜ୍ ପ୍ରଣାଳୀରେ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିବା ପରେ ସେଠାରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏହାର ଜବାବରେ ଇରାନ ପକ୍ଷରୁ ହୋରମୁଜ୍ ପ୍ରଣାଳୀରେ ଶକ୍ତି ପ୍ରଦର୍ଶନ କରାଯିବା ସହ ଆମେରିକୀୟ ସୁରକ୍ଷାରେ ଯାଉଥିବା ତେଲ ଟ୍ୟାଙ୍କର ଏବଂ ଜାହାଜଗୁଡ଼ିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରାଯାଇଛି। ଏହି ଆକ୍ରମଣରେ ଅନ୍ୟୁନ୍ୟ ଗୋଟିଏ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

# ଦୟାକରି ଆମକୁ ଦଳିତ ବୋଲି କୁହନ୍ତୁ ନାହିଁ

ନୂଆଦିଲ୍ଲୀ, ୨୭।୯: ସଂରକ୍ଷଣ ପାଇଁ ଦୌଡ଼ ମଧ୍ୟରେ ଏକ ଅନୁସୂଚିତ ଜାତି ସମ୍ପ୍ରଦାୟ ଆଉ ଅନୁସୂଚିତ ଜାତି ତାଲିକାରେ ରହିବାକୁ ଚାହୁଁନାହିଁ। ତାମିଲନାଡୁର ଦେବେନ୍ଦ୍ରକୁଳ ବେଲ୍ଲାଲାର ସମ୍ପ୍ରଦାୟର ଜଣେ ସଦସ୍ୟ ଅନନ୍ତନ ଆୟାସାମୀ କହିଛନ୍ତି ଯେ, 'ଦୟାକରି ଆମକୁ ଦଳିତ ବୋଲି କୁହନ୍ତୁ ନାହିଁ' ମୁମ୍ବାଇର ଏକ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରଙ୍କ ଆତ୍ମହତ୍ୟା ଓ ଜଣେ ପ୍ରଫେସରଙ୍କ ବିରୋଧରେ କଠୋର ଆଇନ ଅଧୀନରେ ମାମଲା ରୁଜୁ ହେବା ପରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି।

ଆୟାସାମୀ ଜଣେ ଉଦ୍ୟୋଗୀ ଓ ରାଜନେତା ଅଟନ୍ତି। ତାଙ୍କ ସମ୍ପ୍ରଦାୟ ବର୍ତ୍ତମାନ ଏକ ଅନୁସୂଚିତ ଜାତି ଭାବେ ତାଲିକାଭୁକ୍ତ ହୋଇଛି, କିନ୍ତୁ ଏହାର ଏକ ବଡ଼ ଅଂଶ ଏହି ତାଲିକାରୁ ବାହାରିବାକୁ ଓ ସଂରକ୍ଷଣ ସୁବିଧା ଛାଡ଼ିବାକୁ ଚାହୁଁଛନ୍ତି।

ଭାରତ କେବଳ ବିବିଧତାର ଦେଶ ନୁହେଁ, ବରଂ ଏହା ବିରୁଦ୍ଧାଭାସର ଦେଶ ମଧ୍ୟ ଅଟେ। ଯେତେବେଳେ ଭାରତ ଏକ ବିକଶିତ ଦେଶ ହେବାକୁ ଚେଷ୍ଟା କରୁଛି, ସେତେବେଳେ ଅଧିକରୁ ଅଧିକ ଲୋକ ପଛୁଆ ବର୍ଗରେ ଗଣାହେବାକୁ ଚାହୁଁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଶିକ୍ଷା ଓ ଚାକିରିରେ ମିଳୁଥିବା ସଂରକ୍ଷଣ ସୁବିଧା। ସଂରକ୍ଷଣ ସୁବିଧା ଓ ଆଇନର ଅପବ୍ୟବହାର ଅଭିଯୋଗକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆୟାସାମୀ ଏହି ବିଷୟ ଉପରେ ଆଲୋକପାତ କରିଛନ୍ତି। ମୁମ୍ବାଇର ଏକ ଶିକ୍ଷାନୁଷ୍ଠାନରେ ସାହିଲ ୱାକୋଡେ ନାମକ ଜଣେ ଛାତ୍ର ସେପ୍ଟେମ୍ବର ୧୮ ତାରିଖରେ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପ୍ରଫେସର ସୂର୍ଯ୍ୟନାରାୟଣ ଦୁଲ୍ଲାଙ୍କ ବିରୋଧରେ ଜାତିଗତ ଭେଦଭାବ ଓ ଆତ୍ମହତ୍ୟାକୁ ପ୍ରରୋଚିତ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଆୟାସାମୀ କହିଛନ୍ତି ଯେ ସେ ଏହି ଆଇନ ଅଧୀନରେ ପ୍ରଫେସରଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ଦୃଢ଼ ବିରୋଧ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେମାନଙ୍କ ସମ୍ପ୍ରଦାୟ କାହା ବିରୁଦ୍ଧରେ ମାମଲା ନ କରିବାକୁ ସ୍ୱେଚ୍ଛାକୃତ ନିଷ୍ପତ୍ତି ନେଇଛି, କାରଣ ଏହି ଆଇନଗୁଡ଼ିକର ଅପବ୍ୟବହାର ହେଉଛି ଓ ଏହା ଦ୍ୱାରା ପରସ୍ପର ଭିତରେ ଶତ୍ରୁତା ବଢ଼ୁଛି। ଏହି ନିଷ୍ପତ୍ତିକୁ ଜୋହୋ ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ ଓ ସମ୍ପାଦକ ଏସ୍. ଗୁରୁମୂର୍ତ୍ତୀ ମଧ୍ୟ ସମର୍ଥନ କରିଛନ୍ତି। ସେମାନେ କହିଛନ୍ତି ଯେ ଏହି ଆଇନଗୁଡ଼ିକର ବ୍ୟବହାର ଦ୍ୱାରା ଜାତିଗତ ବିବାଦ ବୃଦ୍ଧି ପାଉଛି।




ମଦୁରାଇର ମିନାକ୍ଷୀ ଅମ୍ମନ ମନ୍ଦିର, ଯେଉଁଠି ମନ୍ଦିରର ଉତ୍ସବ ପଞ୍ଜିକାରେ ଦେବେନ୍ଦ୍ରକୁଳ ବେଲ୍ଲାଲାର ସମ୍ପ୍ରଦାୟ ପାରମ୍ପରିକ ଭୂମିକା ନିର୍ବାହ କରନ୍ତି

## ସଂରକ୍ଷଣ ମୁକ୍ତ ହେବାକୁ ଚାହୁଁଛି 'ଦେବେନ୍ଦ୍ରକୁଳ ବେଲ୍ଲାଲାର' ସମ୍ପ୍ରଦାୟ

ପ୍ରଥମ ଦିନିକିଆ: ଗ୍ରୀଭ୍ସଙ୍କ ଶତକ ସତ୍ତ୍ୱେ ହାରିଲା ଇଣ୍ଡିଜ୍

# କୋହଲି ଓ ଗିଲ୍‌ଙ୍କ ଶତକ: ଭାରତ ବିଜୟୀ

ତିରୁବନନ୍ତପୁରମ୍,୨୭ା୯: ଆଜିଠାରୁ ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜ୍ ଆରମ୍ଭ ହୋଇଥିବା ବେଳେ ଘରୋଇ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତୀୟ ଦଳର ଅଧିନାୟକ ତଥା ଓପନର ଶୁବମାନ ଗିଲ୍ ଓ ତାରକା ଖେଳାଳି ବିରାଟ କୋହଲିଙ୍କ ଶତକକୁ ଆଧାର କରି ଭାରତ ୮ ୱିକେଟ୍‌ରେ ବିଜୟୀ ହୋଇଥିବା ବେଳେ ଓପନର ଜଷ୍ଟିନ୍ ଗ୍ରୀଭ୍ସଙ୍କ ଶତକୀୟ ଇନିଂସ ସତ୍ତ୍ୱେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପରାଜୟ ବରଣ କରିଛି। ଭାରତୀୟ ଦଳର ସ୍ପିନର୍ କୁଲଦୀପ ଯାଦବ ୪୦ ରନ୍ ଦେଇ ୪ଟି ୱିକେଟ୍ ନେଇଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ପ୍ରଥମେ ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ୭ ୱିକେଟ୍‌ରେ ୨୯୫ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଗ୍ରୀଭ୍ସ ୧୨ଟି ଚୌକା ସହ ୧୦୧ ରନ୍ କରିଥିବା ବେଳେ ତାଙ୍କ ଯୋଡ଼ିଦାର ଜନ୍ କ୍ୟାମ୍ପବେଲ୍ ୬ଟି ଚୌକା ଓ ୩ଟି ଛକା ସହ ୬୨, ଆମୀର୍ ଜାଙ୍ଗୁ ୭ଟି ଚୌକା ଓ ଗୋଟିଏ ଛକା ଜରିଆରେ ଅପରାଜିତ ୫୮ ରନ୍ କରିଥିଲେ। ଭାରତ ପକ୍ଷରୁ କୁଲଦୀପଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ରୋହିତ ଶର୍ମା ୩୨ ରନ୍‌ରେ ବିଦାୟ ନେବା ପରେ ଗିଲ୍ ତାଙ୍କ କ୍ୟାରିଅର୍‌ର ଦଶମ ଏବଂ କୋହଲି କ୍ୟାରିଅର୍‌ର ୫୫ତମ ଶତକ ହାସଲ କରିଥିଲେ। ଗିଲ୍ ୧୩ଟି ଚୌକା ଓ ଗୋଟିଏ ଛକା ସହ ୧୧୦ ରନ୍ କରି ଆଉଟ୍ ହୋଇଥିବା ବେଳେ କୋହଲି ମାତ୍ର ୮୮ ବଲ୍‌ରେ ୧୦ଟି ଚୌକା ଓ ୯ଟି ଛକା ସହ ୧୩୯ ରନ୍‌ରେ ଅପରାଜିତ ରହିଥିଲେ। ଇତିମଧ୍ୟରେ ସେ ଦିନିକିଆରେ ତାଙ୍କର ୧୫ ହଜାର ରନ୍ ପୂରଣ କରି ଏକ୍ଷେତ୍ରରେ ସଚିନ୍ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଥିଲେ। ୧୫ ହଜାର ରନ୍ ପାଇଁ କୋହଲି ୩୦୩ଟି ଦିନିକିଆ ନେଇଥିବା ବେଳେ ତେନ୍ଦୁଲକର ୩୭୭ଟି ମ୍ୟାଚ୍ ନେଇଥିଲେ। ଭାରତ ମାତ୍ର ୨ ୱିକେଟ୍‌ରେ ୩୦୦ ରନ୍ ପୂରଣ କରି ସହଜ ବିଜୟ ହାସଲ କରିଥଇଲା। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩୦ ତାରିଖରେ ଗୌହାଟୀଠାରେ ଖେଳାଯିବ।

● ସାତକୋଶିଆରେ ବାଘ ପ୍ରକଳ୍ପ ପାଇଁ ଯୋଜନା

## ଆଡଭେଞ୍ଚର ଟୁରିଜ୍‌ମକୁ ଗୁରୁତ୍ୱ



ଭୁବନେଶ୍ୱର, ୨୭ା୯ (ସଂଚାର ବ୍ୟୁରୋ): ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପାଇଁ ସାଧାରଣ ଲୋକଙ୍କୁ ଅପିଲ୍ କରିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା। ଜଙ୍ଗଲ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ସେ ଅବଗତ କରିଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁ ଘଟଣାରେ କ୍ଷତିପୂରଣ ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଗ୍ରାମାଞ୍ଚଳରେ ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ 'ଗଜ ସାଥୀ' ମୁତୟନ କରାଯାଉଛି। ହାତୀଙ୍କ ସୁରକ୍ଷା ଓ ଗତିବିଧି ଉପରେ ନଜର ରଖିବା ପାଇଁ ଏଆଇଚାଳିତ ଟାୱାର, ଥର୍ମାଲ ଡ୍ରୋନ୍ ଓ ରେଡିଓ କଲାର ଭଳି ଉନ୍ନତ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ଏଆଇ ଟାୱାର ଜଙ୍ଗଲ ନିଆଁ ସମ୍ପର୍କରେ ପୂର୍ବସୂଚନା ଦେବାରେ ସହାୟକ ହେବ। ଶିକାରୀ ଓ ମାଫିଆମାନଙ୍କୁ ଧରିବା ପାଇଁ କଡ଼ା ପଦକ୍ଷେପ ନିଆଯାଉଥିବା ବେଳେ ଖଣି ଅଞ୍ଚଳରେ ହାତୀ କରିଡର୍ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତାମିଲନାଡୁରୁ ୫ଟି କୁଙ୍କି ହାତୀ ଅଣାଯାଇ ଚନ୍ଦକାର କୁମାରଖୁଣ୍ଟିରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେହିପରି ଆସନ୍ତା ବର୍ଷ ସୁଦ୍ଧା ଚନ୍ଦକାରେ ହାତୀ ଗବେଷଣା କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ବନ ବିଭାଗ ପକ୍ଷରୁ ଚନ୍ଦକା, ଶିମିଳିପାଳ ଓ ସାତକୋଶିଆରେ ଆଡଭେଞ୍ଚର ଟୁରିଜ୍‌ମକୁ ଗୁରୁତ୍ୱ ଦିଆଯାଉଛି। ସବୁ କିଛି ଠିକ୍ ରହିଲେ ସାତକୋଶିଆରେ ପୁନର୍ବାର ବାଘ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରହିଥିବା ଶ୍ରୀ ଝା ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋଳିଆ ପାଣିରୁ...

ସବୁ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ଅଛନ୍ତି। ଏହା ସାମ୍ବିଧାନିକ ଅବସ୍ଥାରେ ରହିଛି । ସେମାନେ ଯାଞ୍ଚ କରନ୍ତି ଓ ଭୋଟରଙ୍କ ପାଇଁ ଦାବି ଓ ଆପତ୍ତି ଅଭିଯୋଗ କରିବାର ଅଧିକାର ବି ରହିଛି। ତେଣୁ ତାଲିକା ଭୁଲ ହେବାର ପ୍ରଶ୍ନ ଉଠୁନାହିଁ। ଆଉ ଗୋଟିଏ ଅଭିଯୋଗ କରୁଛନ୍ତି ଯେ ଫର୍ମ-୬ ରେ ପରିବର୍ତ୍ତନ କରାଯାଇଛି। ପ୍ରକୃତରେ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବରଂ ଭୋଟରଙ୍କ ସୁବିଧା ପାଇଁ ସେହି ଗୋଟିଏ ଫର୍ମରେ ଆଉ ଗୋଟିଏ ଘୋଷଣାନାମା ଫର୍ମକୁ ସାମିଲ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏହାକୁ କାଏମ ରଖିଛନ୍ତି। ଭୋଟର ତାଲିକା ଡାଟାବେସକୁ ସେଣ୍ଟ୍ରାଲାଇଜ୍‌ଡ କରାଯାଇଛି ବୋଲି ଅଭିଯୋଗ ହେଉଛି। କିନ୍ତୁ ରାଜ୍ୟର ଭୋଟର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ବିକେନ୍ଦ୍ରିକୃତ ଥିଲା ଓ ରହିଛି ମଧ୍ୟ। ସମସ୍ତ ରାଜ୍ୟର ଇଆରଓମାନଙ୍କର ଆଇନଗତ ଓ ପ୍ରକ୍ରିୟାଗତ କ୍ଷମତାରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ସେ କହିଛନ୍ତି। ନୂଆ ପିଢ଼ିର ଭୋଟରମାନଙ୍କ ପାଇଁ ମଧ୍ୟ କୌଣସି ଅସୁବିଧା ହୋଇନାହିଁ। ୨୦୨୫ ଜୁନ ୨୪ଠାରୁ ଆଜି ପର୍ଯ୍ୟନ୍ତ ୨.୩୭ କୋଟି ନୂଆ ଭୋଟର ବା ଯାହାକୁ ଜେନ୍-ଜି' କୁହାଯାଉଛି ସେମାନେ ସାମିଲ ହୋଇସାରିଲେଣି। ଅର୍ଥାତ ପ୍ରତିଦିନ ପ୍ରାୟ ୫୦ ହଜାରରୁ ଅଧିକ ଜେନ୍-ଜି' ଭୋଟର ସାମିଲ ହେଉଛନ୍ତି। ବର୍ତ୍ତମାନ ୧୮ରୁ ୨୮ ବର୍ଷ ବୟସର ଜେନ୍-ଜି ଭୋଟରଙ୍କ ସଂଖ୍ୟା ୧୭.୩୮ କୋଟି ରହିଛି। ଜେନ୍-ଜି'ଙ୍କ ପାଇଁ ଭୋଟର ତାଲିକାରେ ନାଁ ଯୋଡ଼ିବା ପ୍ରକ୍ରିୟା ବର୍ଷ ସାରା ଉପଲବ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କଂଗ୍ରେସ ଦଳର ନୀତି ହେଉଛି ଯେଉଁଠି ଜିତିଲେ, ସେଠି ସବୁ ଠିକ୍; ଯେଉଁଠି ହାରିଲେ, ସେଠି ଗଣତନ୍ତ୍ର ବିପଦରେ। ଗୋଳିଆ ପାଣିରେ ମାଛ ଧରିବା ପାଇଁ କଂଗ୍ରେସ ଦଳ ଚେଷ୍ଟା କରୁଛି, ସେଥିରେ ସେ ଅସଫଳ ହେବ । ପ୍ରକୃତ କଥା ହେଉଛି, ଏହା ପୂର୍ବରୁ କେନ୍ଦ୍ର ସରକାର ନିଜେ ମନମୁଖୀ ଭାବେ ନିର୍ବାଚନ କମିଶନର ନିଯୁକ୍ତି କରୁଥିଲେ। ନୂଆ ଆଇନରେ ପ୍ରଧାନମନ୍ତ୍ରୀଙ୍କ ସହ ଜଣେ କେନ୍ଦ୍ର ମନ୍ତ୍ରୀ ଓ ବିରୋଧୀ ଦଳ ନେତା ଅଛନ୍ତି। ଏହି ଆଇନକୁ ପୂର୍ବାପେକ୍ଷା ଅଧିକ ଗଣତାନ୍ତ୍ରିକ ଓ ଅଧିକ ନିରପେକ୍ଷ କରାଯାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସ ଦଳ ଏହି ଅଭିଯୋଗ କରିବା ପୂର୍ବରୁ ନିଜର ଇତିହାସ ବିଷୟରେ ଚିନ୍ତା କରିବା ଉଚିତ। ଓଡିଆରେ ଗୋଟିଏ ଢଗ ଅଛି- 'ଚାଲୁଣି କହୁଛି ଛୁଞ୍ଚିକୁ' । ଦେଖିବାକୁ ଗଲେ ଭାରତବର୍ଷରେ ୧୯୮୪ ପରଠାରୁ ୨୦୧୪ ପର୍ଯ୍ୟନ୍ତ କୌଣସି ମେଜରିଟି ସରକାର ଆସିନାହିଁ। କଂଗ୍ରେସ ଦଳର ମଧ୍ୟ କୌଣସି ସମ୍ଭାବନା ଦେଖାଯାଉନାହିଁ। ତେଣୁ ଅତ୍ୟନ୍ତ ହତୋତ୍ସାହିତ ହୋଇ ସେମାନେ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିବା ସହ କଂଗ୍ରେସର ଗୋଳିଆ ରାଜନୀତିକୁ ମୁଖ୍ୟମନ୍ତ୍ରୀ ନିନ୍ଦା କରିଛନ୍ତି।

### ମାନିଲେନି କାଦୁଅ...

ପ୍ରଶାସନ ସହ ବନ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରିଥିଲେ। ରାଜସ୍ୱ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିସନ, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାପାଳମାନେ ମଧ୍ୟ ଏହି ବୈଠକରେ ସାମିଲ ହୋଇଥିଲେ। ବୈଠକରେ ରିଲିଫ୍ ଓ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଉଦ୍ଧାର କାର୍ଯ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବା ସୂଚନା ଦିଆଯାଇଛି। ପ୍ରଭାବିତ ଲୋକଙ୍କ ପାଖରେ ପ୍ରାଥମିକତା ଭିତ୍ତିରେ ସହାୟତା ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟରୁ ହେଲିକପ୍ଟରରେ ଯାଇ ନବରଙ୍ଗପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ। ଜୟପୁରରେ ଏରିଆଲ୍ ସର୍ଭେ ପରେ କୋଟପାଡ଼ରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆକାଶମାର୍ଗରୁ କଳିଙ୍ଗା ଘାଟିର କ୍ଷୟକ୍ଷତି ଅନୁଧ୍ୟାନ ପରେ ଜୟପୁରରେ ବରିଷ୍ଠ ଅଧିକାରୀଙ୍କ ସହ ବନ୍ୟା ସ୍ଥିତି ନେଇ ଆଲୋଚନା କରିଥିଲେ।

### ନିୟମଗିରିରୁ ବକ୍ସାଇଟ୍...

ସହଯୋଗ ସତ୍ତ୍ୱେ ବିଦେଶୀମାନେ କିଭଳି ଓଡ଼ିଶାରେ ସକ୍ରିୟ ହେଲେ, ତାହା ବଡ଼ ପ୍ରଶ୍ନବାଚୀ ହୋଇଥିବା ବେଳେ ୨୦୨୩ରେ ସିଜିମାଳି ଖଣି ପାଇଥିବା ବେଦାନ୍ତ କିନ୍ତୁ ସେଠାକୁ ରାସ୍ତାଟିଏ କରିପାରିନାହିଁ। ବେଦାନ୍ତ ବକ୍ସାଇଟ୍ ହାତେଇବା ପାଇଁ ପୁଣିଥରେ ନିୟମଗିରି ଉପରେ ଆଖି ପକାଇବା ଏବେ ନୂଆ ବିବାଦ ଛିଡ଼ା କରାଇଛି। ଯଦିଓ ରାଜ୍ୟ ସରକାର ଏଥିପାଇଁ ରାଜିଥିବା ଶ୍ରୀ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି, କିନ୍ତୁ ଅତୀତରେ ନିୟମଗିରି ସୁରକ୍ଷା ପାଇଁ ଲଢ଼େଇ କରିଥିବା ବହୁ ନେତା, ପରିବେଶବିତ୍ ଏବେ କ୍ଷମତାରେ ଥିବାରୁ ସେମାନେ ନିଜ ଅଞ୍ଚଳର ଆଦିମ ଆଦିବାସୀଙ୍କ ସହ ରହିବେ ନା କମ୍ପାନୀ ସହ ଛିଡ଼ା ହେବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସୋମବାର...

ଖିଲାପ କରନ୍ତି, ତେବେ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ନୂଆ ସରକାର ଶାସନ ଭାର ଗ୍ରହଣ କରିବା ଦିନଠାରୁ ପ୍ରଶାସନକୁ ଲୋକାଭିମୁଖୀ ଓ ସ୍ୱଚ୍ଛ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ସାଧାରଣ ପ୍ରଶାସନର ମୁଖ୍ୟ ଭାବେ ନିୟମିତ ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ରାଜ୍ୟ ସରକାରଙ୍କ ଏହି 'ନୋ ମିଟିଂ ଡେ' ପଦକ୍ଷେପ ଦ୍ୱାରା ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶାସନ ପ୍ରତି ବିଶ୍ୱାସ ଆହୁରି ସୁଦୃଢ଼ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। କେବଳ ଅତ୍ୟାବଶ୍ୟକ କିମ୍ବା ଜରୁରୀକାଳୀନ ପରିସ୍ଥିତିକୁ ଛାଡ଼ିଦେଲେ ଅନ୍ୟ ସବୁ ସମୟରେ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ବିଭାଗକୁ ତାଗିଦ ମଧ୍ୟ କରାଯାଇଛି।

### ନେପାଳରେ ଆଉ...

ନେପାଳ ରାସୁଓ୍ୱାରେ ଆସିଥିବା ଆକସ୍ମିକ ବନ୍ୟା ଘଟଣାର ପ୍ରାୟ ମାସକ ପରେ ଏଭଳି ଘଟଣା ଘଟିବାକୁ ନେଇ ନେପାଳ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଅଗଷ୍ଟ ୨୬ ତାରିଖରେ ହିମହ୍ରଦ ଭୁଶୁଡ଼ିବା କାରଣରୁ ରାସୁଓ୍ୱା ଜିଲ୍ଲାର ତ୍ରିଶୁଳୀ ନଦୀରେ ସୃଷ୍ଟି ହୋଇଥିବା ବିନାଶକାରୀ ବନ୍ୟା ବିଭୀଷିକାରେ ୧୪୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅଦ୍ୟାବଧି ୫୦୦୦ରୁ ଅଧିକ ନିଖୋଜ ଅଛନ୍ତି। ଏହା ନେପାଳର ତିବ୍ବତ ସୀମାନ୍ତ ଅଞ୍ଚଳକୁ ଛାରଖାର କରିଦେବା ସହ ନେପାଳର ପର୍ଯ୍ୟଟନ ଶିଳ୍ପକୁ ଏକପ୍ରକାର ବିଧ୍ୱସ୍ତ କରିଦେଇଛି।

### ସମୂହ ବିକାଶ...

ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଛି। ଏହାଛଡ଼ା ଆଗାମୀ ଦିନରେ ସମ୍ବଲପୁର ମ୍ୟୁନିସିପାଲିଟି ଓ ଗ୍ରାମାଞ୍ଚଳରେ ବଡ଼ ସ୍ୱଚ୍ଛତା ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ ଆଜି ଓଡ଼ିଶା ସମେତ କେନ୍ଦ୍ରରେ ବିଜେପି ଶାସନରେ ଜନସାଧାରଣଙ୍କ ନିରନ୍ତର ସେବା ଜାରି ରହିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତ ଅତିଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଥିବା ବେଳେ ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ପ୍ରାଥମିକତା ହେବା ଉଚିତ। ଜିଲ୍ଲାରେ ସଡ଼କ ଭିତ୍ତିଭୂମିରେ ବ୍ୟାପକ ନିବେଶ ସହ ରୋଜଗାରକୁ ଦ୍ୱିଗୁଣିତ କରିବା ପାଇଁ 'ଦିଶା' ବୈଠକରେ ବୃହତ୍ ଯୋଜନା କରାଯାଇଛି। ସାମାଜିକ ସଂଗଠନର ମୂଳ ଲକ୍ଷ୍ୟ ହେଉଛି ସମାଜକୁ ସଠିକ୍ ବାଟ ଦେଖାଇବା ଏବଂ ଗରିବ, ଅସହାୟ, ମହିଳା, ଯୁବ ଏବଂ ଜନଜାତିଙ୍କ ସ୍ୱର ହେବା। ଆମକୁ ଶାସନ ଓ ଶାସିତଙ୍କ ମଧ୍ୟରେ ସେତୁ ସାଜିବାକୁ ହେବ। ଆମର ବ୍ୟବହାର ଓ ଆଚରଣ ଯେପରି କାହାରି ମନରେ ଆଘାତ ନ ଦିଏ, ସେଥିପ୍ରତି ସଜାଗ ରହି ବିଷୟ-ଆଧାରିତ ରାଜନୀତିକୁ ଆଗକୁ ବଢ଼ାଇବାକୁ ହେବ। ଶେଷରେ ସମ୍ବଲପୁର ବିକଶିତ ହେଲେ ହିଁ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଆଜି ମୈଦାନକୁ...

ଆଦାୟ ପାଇଁ ଆଇନଗତ ଲଢ଼େଇ ଲଢ଼ୁଥିଲା। ନିଜେ ବିଜେପି ସରକାରର ଆଡ୍‌ଭୋକେଟ ଜେନେରାଲ ସୁପ୍ରିମକୋର୍ଟରେ ଏହି ରାଜସ୍ୱ ଆଦାୟ ପାଇଁ ଯୁକ୍ତି ବାଢ଼ୁଥିଲେ। ହେଲେ ହଠାତ ସରକାର ଓ ବିଜେପି ନେତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ରାଜ୍ୟର ସ୍ୱାର୍ଥ ପାଇଁ ଶୁଭଙ୍କର ନୁହେଁ। ଡବଲ ଇଞ୍ଜିନ ସରକାର ରାଜ୍ୟ ସ୍ୱାର୍ଥ ଅପେକ୍ଷା ଶିଳ୍ପପତିଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ଆର୍ଥିକ ମେରୁଦଣ୍ଡ ଦୋହଲିଯିବ। ଏହା ବିରୋଧରେ ଏକ ଜନଆନ୍ଦୋଳନ ସୃଷ୍ଟି କରିବାକୁ ବିଜେଡି ଆହ୍ୱାନ ଦେଇଛି।

## ରିଲ୍ସ କଲା ବେଳେ ବନ୍ୟା ପାଣିରେ ଭାସିଗଲେ ୩ ଯୁବକ

ବାଲେଶ୍ୱର,୨୭ା୯ (ସଂଚାର ବ୍ୟୁରୋ): ରିଲ୍ସ କରିବା ହେଲା କାଳ । ବନ୍ୟା ପାଣିରେ ଭାସିଗଲେ ୩ ଯୁବକ । ବାଲେଶ୍ୱରରେ ବନ୍ୟା ସମୟରେ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରିଲସ ପାଗଳାମି କିଭଳି ଯୁବକ ମାନଙ୍କୁ ମରଣ ମୁହଁକୁ ଠେଲି ଦେଉଛି, ସେଭଳି ଏକ ଚିତ୍ର ବାଲେଶ୍ୱରରୁ ସାମ୍ନାକୁ ଆସିଛି। ସଦର ବ୍ଲକର ଓଲଗାଇ ... ରିଲ୍ସ କରିବା ସମୟରେ ୩ ଯୁବକ ବନ୍ୟା ପାଣିରେ ଭାସିଯାଇଥିଲେ। ରାସ୍ତା ଉପରେ ପ୍ରବଳ ବେଗରେ ବନ୍ୟାପାଣି ପ୍ରବାହିତ ହେଉଥିଲା। ଏହି ସମୟରେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ ୩ ଯୁବକ। ସବୁଠାରୁ ବଡ଼ କଥା ବନ୍ୟାର ପାଣିକୁ ଦେଖିଲେ ବି ଡର ଲାଗୁଥାଏ। ହେଲେ ଏହାକୁ ଖାତିର ନକରି ଯୁବକମାନେ ରିଲ୍ସ କରୁଥିଲେ। ହେଲେ ବନ୍ୟା ପ୍ରବାହ ଯୁବକମାନଙ୍କୁ ଭସାଇନେଇଥିଲା। ୩ ଯୁବକ ଭାସିଯାଇ ଏକ ଗଛରେ ଅଟକି ରହିଥିଲେ। ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଉଦ୍ୟମ ଫଳରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଓଡ଼ିଶା ରାଜ୍ୟ ନନଚାକୁ ସଂଘର ବେଲ୍ଟ ଗ୍ରେଡିଂ

ଭୁବନେଶ୍ୱର,୨୭ା୯(ସଂଚାର ବ୍ୟୁରୋ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆଜି ଓଡ଼ିଶା ରାଜ୍ୟ ନନଚାକୁ ସଂଘ ପକ୍ଷରୁ ନନଚାକୁ ୟେଲୋ ବେଲ୍ଟ ଓ ଅରେଞ୍ଜ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୪୫ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାକୁ ଜାତୀୟ ନନଚାକୁ ସଂଘର ସମ୍ପାଦକ ସିଥାନ ବାବୁଲ ବର୍ମା ପର୍ଯ୍ୟବେକ୍ଷଣ କରିଥିଲେ। ପରୀକ୍ଷାକୁ ଓଡ଼ିଶା ରାଜ୍ୟ ନନଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରାୟ ଓ କୋଚ୍ ତପନ କୁମାର ମିଶ୍ର ପରିଚାଳନା କରିଥିଲେ ଏବଂ ସଂଘର ସଭାପତି ସୁବ୍ରତ କୁମାର ମହାପାତ୍ର, ଶୁଭେନ୍ଦୁ ଲେଙ୍କା, ସନ୍ଦୀପ ଦାସ, ରଜନୀ ବିଶି, ସଞ୍ଜୀବ କୁମାର ପୁଟେଲ ଓ ବୈଦ୍ୟନାଥ ମହାନ୍ତି ସହଯୋଗ କରିଥିଲେ। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନଙ୍କୁ ଉତ୍କଳ କରାଟେ ସ୍କୁଲ ଓ ଓଡ଼ିଶା ନନଚାକୁ ସଂଘର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ ଓ ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଶୁଭେଚ୍ଛା ଜଣାଇଥିଲେ।

## କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବନ୍ଧୁମିଳନ



କେନ୍ଦ୍ରାପଡ଼ା,୨୭ା୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ, କେନ୍ଦ୍ରାପଡ଼ା ବ୍ଲକ୍ ପକ୍ଷରୁ ଏକ ଆଡ଼ମ୍ବରପୂର୍ଣ୍ଣ ବନ୍ଧୁମିଳନ କାର୍ଯ୍ୟକ୍ରମ ନିକଟସ୍ଥ ସିଦ୍ଧ ବାବା ଫଗୁ ଦାସ ମଠ, ନାଉପାଳଠାରେ ଅନୁଷ୍ଠିତ ହୋଇଛି। ବ୍ଲକ୍ ସଭାପତି ପୀତବାସ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ମହାସଂଘ ନିଜ ସମାଜର ଉନ୍ନତି ସହିତ ଦଳିତ, ଅବହେଳିତ ଓ ଅସହାୟ ଶ୍ରେଣୀର ଲୋକଙ୍କ ସେବାରେ ମଧ୍ୟ ନିଜକୁ ବ୍ରତୀ କରିବା ଉଚିତ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟ ସଂଯୋଜକ ସୁଧାଂଶୁ କୁମାର ବେହୁରା ମହାସଂଘ ନିଜ ଜାତିର ଉନ୍ନତି ସହିତ ସମଗ୍ର ସମାଜର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ବଦ୍ଧପରିକର ବୋଲି ମତ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଶରତ କୁମାର ବେହୁରା ମହାସଂଘର ବିଗତ ଦିନର ବିଭିନ୍ନ ସାମାଜିକ, ସାଙ୍ଗଠନିକ ଓ ଜନସେବାମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗୋଲେଖି ପଡ଼ିହାରୀ, ଉପସଭାପତି ଚୈତନ୍ୟ ଚରଣ ପରିଡ଼ା, ସଂଯୋଜକ ଚନ୍ଦନ କୁମାର ପରିଡ଼ା, କୋଷାଧ୍ୟକ୍ଷ ସୁଶୀଲ ସାମଲ, ରାଜେନ୍ଦ୍ର କୁମାର ରାଉତରାୟ, ବରିଷ୍ଠ ସଦସ୍ୟ ମହେନ୍ଦ୍ର ପରିଡ଼ା, ଗୋଲେଖ ପରିଡ଼ା, ଚିତ୍ତରଞ୍ଜନ ବଳ ଓ ନରୋତ୍ତମ ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଜେନା, ଉମାଶଙ୍କର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ୍ ସଭାପତି ନିରଞ୍ଜନ ରଣସିଂହ, ସଞ୍ଜୀବ ଥାଟୋଇ, ମାନସ ରାଉତରାୟ, ହରି ନାରାୟଣ ମଲ୍ଲିକ, ଶାନ୍ତି ଭୂଷଣ ଭୂୟାଁ ଓ କଳ୍ପନା ପରିଡ଼ା ଯୋଗଦେଇଥିଲେ।

■ ହିନ୍ଦ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ସରକାରଙ୍କ ଶ୍ରମିକବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଶପଥ




ଭୁବନେଶ୍ୱର,୨୭ା୯(ସଂଚାର ବ୍ୟୁରୋ): ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ଓଡ଼ିଶା ରାଜ୍ୟ କାଉନସିଲ୍‌ର ପ୍ରଥମ କାର୍ଯ୍ୟକାରିଣୀ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଛି। ଗତ ୧୩ ତାରିଖରେ ଅନୁଷ୍ଠିତ ପଞ୍ଚଦଶ ରାଜ୍ୟ ସମ୍ମିଳନୀ ପରେ ଏହା କମିଟିର ପ୍ରଥମ ବୈଠକ ଥିଲା। ଏହି ଅବସରରେ ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ବରିଷ୍ଠ ସମାଜବାଦୀ ନେତା ତଥା ଉପସଭାପତି କମ୍ରେଡ ଲକ୍ଷ୍ମୀଧର ସାହୁ ହିନ୍ଦ ମଜଦୁର ସଭାର ସଭାପତି ତଥା ଆଠଗଡ଼ ବିଧାୟକ କମ୍ରେଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଧାରଣ ସମ୍ପାଦକ କମ୍ରେଡ ଶଙ୍କର ପ୍ରସାଦ ବେହେରାଙ୍କ ସମେତ ସମସ୍ତ ନବନିର୍ବାଚିତ ସଭ୍ୟସଭ୍ୟାମାନଙ୍କୁ ଶପଥ ପାଠ କରାଇଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଶ୍ରମିକବିରୋଧୀ ତଥା ଜନବିରୋଧୀ ନୀତିକୁ ତୀବ୍ର ନିନ୍ଦା କରାଯାଇଛି। ବିଶେଷ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ୪ଟି କଳା ଶ୍ରମ କୋଡ୍, ଏମ୍‌ଏମ୍‌ଡିଆର ସଂଶୋଧନ ଆକ୍ଟ ଓ ସିଇସି ଦ୍ୱାରା ପ୍ରସ୍ତୁତ ଏସଆଇଆର ଷଡ଼ଯନ୍ତ୍ର ସମେତ ବିଭିନ୍ନ ଜନବିରୋଧୀ ଓ ଦେଶବିରୋଧୀ ନୀତି ବିରୋଧରେ ଏହି ବୈଠକରେ ଏକ ସଂକଳ୍ପ ପାରିତ କରାଯାଇଛି। ହିନ୍ଦ୍ ମଜଦୁର ସଭା ଓଡ଼ିଶା ରାଜ୍ୟ କାଉନସିଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ଶ୍ରମିକ ମାରଣ ଓ ଜନବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ ଭାବେ ବିରୋଧ କରୁଛି ବୋଲି ବୈଠକରେ ନେତୃବୃନ୍ଦ ପ୍ରକାଶ କରିଛନ୍ତି।

## ଖଣ୍ଡଗିରି-ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଶୁଭାରମ୍ଭ

ଭୁବନେଶ୍ୱର, ୨୭ା୯ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ଐତିହାସିକ ଗୌରବକୁ ପର୍ଯ୍ୟଟକଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଭୁବନେଶ୍ୱରର ଐତିହାସିକ ଖଣ୍ଡଗିରିଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମନୋରମ ପର୍ଯ୍ୟଟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଯୋଗରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଏହି ଆକର୍ଷଣୀୟ ଶୋ' ବିକଶିତ କରାଯାଇଛି। ଏହି ଶୋ' ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଦୁଇଟି ପର୍ଯ୍ୟାୟରେ ପ୍ରଦର୍ଶିତ ହେବ। ପ୍ରତ୍ୟେକ ପ୍ରଦର୍ଶନୀର ଅବଧି ପ୍ରାୟ ୧୬ ମିନିଟ୍ ୭ ସେକେଣ୍ଡ ରହିଥିବା ବେଳେ ଏକା ସାଙ୍ଗରେ ୧୨୦ ଜଣ ଦର୍ଶକ ବସି ଏହାକୁ ଉପଭୋଗ କରିବାର ବ୍ୟବସ୍ଥା ରହିଛି। ପର୍ଯ୍ୟଟକମାନେ ଓଡ଼ିଶା ପର୍ଯ୍ୟଟନର ଅଫିସିଆଲ୍ ଟିକେଟିଂ ପୋର୍ଟାଲ୍ ମାଧ୍ୟମରେ ସହଜରେ ଅନଲାଇନ୍ ଟିକେଟ୍ ବୁକ୍ କରିପାରିବେ।



## 'ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬'ର ପ୍ରଚାର ପାଇଁ 'ପ୍ରୋମୋ ରନ୍'




ଭୁବନେଶ୍ୱର, ୨୭ା୯ (ସଂଚାର ବ୍ୟୁରୋ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶାରେ ଶାରୀରିକ ସୁସ୍ଥତା, ପର୍ଯ୍ୟଟନ ଓ ଜନଭାଗୀଦାରୀର ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆସନ୍ତା ଡିସେମ୍ବର ୧୩ରେ ଆୟୋଜିତ ହେବାକୁ ଥିବା 'ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬'ର ସଚେତନତା ଓ ପ୍ରଚାର ପାଇଁ ସାରା ରାଜ୍ୟରେ ଏକ ସମୟରେ ଏକ ରାଜ୍ୟସ୍ତରୀୟ 'ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି। ରାଜ୍ୟର ସମସ୍ତ ଜିଲ୍ଲା ଓ ମହାନଗର ନିଗମ ସମେତ ମୋଟ ୩୨ଟି ସ୍ଥାନରେ ଏକକାଳୀନ ଆୟୋଜିତ ଏହି ପ୍ରୋମୋ ରନ୍‌ରେ ୧୦ ହଜାରରୁ ଅଧିକ ଧାବକ ଅଂଶଗ୍ରହଣ କରିଥିଲେ। ଏକ ସୁସ୍ଥ, ସବଳ ଓ ସକ୍ରିୟ ଓଡ଼ିଶା ଗଠନର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ରାଜ୍ୟରେ ଏକ ଅଭୂତପୂର୍ବ କ୍ରୀଡ଼ା ଆନ୍ଦୋଳନର ରୂପ ନେଇଥିଲା। ଓଡ଼ିଶାରେ ପ୍ରଥମ ଥର ପାଇଁ ଏପରି ବୃହତ୍ ମାରାଥନ୍ ପ୍ରଚାର ଦୌଡ଼ ଆୟୋଜନ କରାଯାଇଛି। ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଶହ ଶହ ନାଗରିକ ଓ କ୍ରୀଡ଼ାପ୍ରେମୀ ରାଜପଥକୁ ଓହ୍ଲାଇ ଏଥିରେ ସାମିଲ ହୋଇଥିଲେ।

## କ୍ରିକେଟ୍ ଖେଳୁଥିଲେ ହଠାତ୍ ଚାଲିଗଲା ଜୀବନ



ଗୁଣପୁର, ୨୭ା୯ (ସଂଚାର ବ୍ୟୁରୋ): ରାୟଗଡ଼ାରେ କ୍ରିକେଟ ଖେଳୁଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ହେବା ପରେ ଅଚେତ ହୋଇପଡ଼ି ଗୁଣପୁରରେ କାର୍ଯ୍ୟରତ ଏଆର୍‌ଆଇ ପି. ରାଜେଶଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କୁ ମୃତ୍ୟୁ ବେଳକୁ ମାତ୍ର ୪୨ ବର୍ଷ ବୟସ ହୋଇଥିଲା। ସେ ବର୍ତ୍ତମାନ ଗୁଣପୁରରେ ଏଆରଆଇ ଭାବେ କାର୍ଯ୍ୟରତ ଥିଲେ। ରାଜେଶଙ୍କ ପିତାଙ୍କ ପୂର୍ବରୁ ଦେହାନ୍ତ ହୋଇସାରିଥିବା ବେଳେ ପରିବାରରେ ଏବେ ତାଙ୍କ ମା', ସ୍ତ୍ରୀ, ୨ ଝିଅ ଓ ଜଣେ ପୁଅ ଅଛନ୍ତି। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି।

# କଳିଙ୍ଗା ଘାଟିରେ ପୂର୍ତ୍ତ ବିଭାଗ ସଚିବଙ୍କ ଅନୁଧ୍ୟାନ

ଭଞ୍ଜନଗର,୨୭ା୯(ସଂଚାର ବ୍ୟୁରୋ): ଗଞ୍ଜାମ-କନ୍ଧମାଳ ଜିଲ୍ଲା ସୀମାରେ ଥିବା କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହେବାକୁ ଯଥେଷ୍ଟ ସମୟ ଲାଗିବ। ଫଳରେ ଗଞ୍ଜାମ ସହ ଯୋଡ଼ି ହେଉଥିବା ୧୫ଟି ଜିଲ୍ଲାର ଲୋକଙ୍କ ଯାତାୟାତ ପ୍ରଭାବିତ ହେବ। ଏଭଳି ପରିସ୍ଥିତିରେ ପୂର୍ତ୍ତ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ଆଜି ଅପରାହ୍ନରେ କଳିଙ୍ଗା ଘାଟି ଅଞ୍ଚଳକୁ ଆସି ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟ ରଞ୍ଜନ ପରିଡ଼ା ଉପସ୍ଥିତ ଥିଲେ।

**ରାସ୍ତା ଖୋଲିବାରେ ହେବ ବିଳମ୍ବ**



ଏହି ସମୟରେ ସାମ୍ବାଦିକଙ୍କ ସହ ଆଲୋଚନା କରି ସଚିବ କହିଥିଲେ ଯେ ଘାଟି ରାସ୍ତାର ସ୍ଥିତି ସମୀକ୍ଷା କରିବା ପାଇଁ ବାହାରୁ ବୈଷୟିକ ଟିମ ଆସିବେ। ଏହି ଟିମ୍‌ର ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାମ କରାଯିବ। ଘାଟିରେ ବାରମ୍ବାର ଭୂସ୍ଖଳନ ହେବାର କାରଣର ମଧ୍ୟ ସମୀକ୍ଷା କରାଯିବ। ଏଥିସହ ରାସ୍ତାର ଡିଜାଇନ୍‌ରେ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯିବ। ଜାତୀୟ ରାଜପଥର କେତେକ ସ୍ଥାନରେ ରାସ୍ତା ଖରାପ ଥିବା ନେଇ ମଧ୍ୟ ଅଭିଯୋଗ ଆସିଛି। ଏହାର ମଧ୍ୟ ସମୀକ୍ଷା କରାଯିବ ଓ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯିବ ବୋଲି ସଚିବ କହିଥିଲେ।

ସେହିପରି କଳିଙ୍ଗା ଘାଟି ରାସ୍ତା କେବେ ଖୋଲିବ ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସଚିବ କହିଥିଲେ ଯେ ବାହାରୁ ଆସିବାକୁ ଥିବା ବୈଷୟିକ ଟିମ୍‌ର ରିପୋର୍ଟ ମିଳିବା ପରେ ହିଁ ରାସ୍ତା କେବେ ଖୋଲିବ, ସେନେଇ ସ୍ପଷ୍ଟ ସୂଚନା ଦିଆଯାଇପାରିବ।

## ଡିଜେ ସାଉଣ୍ଡରେ ଜଣେ ମୃତ, ୧୦ ଗୁରୁତର

ଖୋର୍ଦ୍ଧା,୨୭ା୯ (ସଂଚାର ବ୍ୟୁରୋ) : ଜଟଣୀରେ ଗଣେଶ ଭସାଣି ବେଳେ ଘଟିଛି ଅଘଟଣ । ଡିଜେର ଶବ୍ଦ ଓ ଭାଇବ୍ରେସନ ମଧ୍ୟରେ ଭୁଶୁଡ଼ି ପଡ଼ିଲା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଦୁଇ ମହଲା କଂକ୍ରିଟ୍ ଛାତ । ଭସାଣି ଦେଖିବା ପାଇଁ ରାସ୍ତାକଡ଼ରେ ଏକାଠି ହୋଇଥିବା ଲୋକଙ୍କ ଉପରେ ଛାତର ଭଗ୍ନାବଶେଷ ଖସି ପଡ଼ିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ଏହାସହ ୧୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ହଠାତ୍ ଆତଙ୍କ ଖେଳିଯାଇଥିଲା । ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ଲୋକେ ତୁରନ୍ତ ଭଗ୍ନାବଶେଷ ତଳୁ ଆହତଙ୍କୁ ବାହାର କରିଥିଲେ। ଗୁରୁତରଙ୍କୁ ଜଟଣୀ ସମେତ ବିଭିନ୍ନ ହସ୍ପିଟାଲକୁ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ।

## ଗୁଳି ଫୁଟାଇ ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍

ହାଟଡିହି, ୨୭ା୯ (ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସୋସୋ ଥାନା ଅଞ୍ଚଳରେ ଗୁଳି ଫୁଟାଇ ଜଣେ ଗହଣା ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ଗତ ଶନିବାର ସନ୍ଧ୍ୟାରେ ଲୁଟ୍ କରିଛନ୍ତି। ବନ୍ଧୁକ ମୁନରେ ମାରିଦେବାର ଧମକ ଦେଇ ସେମାନେ ଲୁଟ୍ କରିଥିବା ଜଣାପଡ଼ିଛି। ପରେ ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରି ଫେରାର ହୋଇଯାଇଛନ୍ତି। ଗୁଳି ଫୁଟିବା ଶବ୍ଦ ଶୁଣି ଭୟଭୀତ ହୋଇ ସ୍ଥାନୀୟ ଲୋକେ ଘରର କବାଟ ବନ୍ଦ କରି ଭିତରେ ରହିଥିଲେ। ଖବର ପାଇ ବିଭିନ୍ନ ଥାନାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ରାତିସାରା ଅନୁଧ୍ୟାନ କରିବା ସହ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେଶନ କରିଥିଲେ। ସୂଚନାଯୋଗ୍ୟ, ସୋସୋ ଥାନା ଅଧିକାରିଣୀ କାନନ ସାହୁ କହିଛନ୍ତି ଯେ, ବ୍ୟବସାୟୀ ଜଣକ ମୌଖିକ ଭାବେ ଜଣାଇବା ପରେ ଘଟଣାସ୍ଥଳକୁ ଯାଇ ଅନ୍ୟ ଥାନା ଅଧିକାରୀମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସିନନ୍ଦି ଗ୍ରାମର ଜଣେ ଗହଣା ବ୍ୟବସାୟୀ ସୋସୋ ଥାନା ଗଡ଼ଚଣ୍ଡୀ ଛକ ନିକଟରେ ନିଜର ଦୋକାନ କରିଛନ୍ତି। ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ବନ୍ତଲା ଗାଁ ନିକଟରେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସିଥିଲେ। ସେମାନେ ୨ ରାଉଣ୍ଡ ଗୁଳି ଚଳାଇବା ସହ ବ୍ୟବସାୟୀଙ୍କୁ ମାଡ଼ ମାରି ତାଙ୍କ ନିକଟରେ ଥିବା ଗହଣା ଲୁଟି ନେଇଥିଲେ। ଏ ନେଇ ବ୍ୟବସାୟୀ ଜଣକ ଥାନାରେ ଜଣାଇଥିବା ପୋଲିସ ସୂଚନା ଦେଇଛି। ତେବେ ଦୁର୍ବୃତ୍ତମାନେ ସେମାନେ କେଉଁ ଅଞ୍ଚଳର ଏବଂ ଏହି ଘଟଣାରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଚଳାଇଛି।

## ବନ୍ୟାଞ୍ଚଳରେ ବିଧାୟକ ହଟହଟା



ଉଦଳା,୨୭ା୯(ସଂଚାର ବ୍ୟୁରୋ): ବନ୍ୟା ଅଞ୍ଚଳ ବୁଲି ଦେଖିବାକୁ ଯାଇଥିବା ସମୟରେ ଉଦଳା ବିଧାୟକ ଭାସ୍କର ମଢ଼େଇ ହଟହଟା ହେଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଭିଡିଓରେ ବିଧାୟକଙ୍କୁ ଜଣେ ବ୍ୟକ୍ତି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଓ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଦେଖାଯାଉଛି। ଯାହା ଫଳରେ ବିଧାୟକ ଭାସ୍କର ମଢ଼େଇ ତାଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି ସେହିଭଳି ଆଚରଣ ଜାରି ରଖିଥିଲେ, ଯାହାକୁ ନେଇ ଉକ୍ତ ବ୍ୟକ୍ତିଙ୍କ ଉପରେ ବିଧାୟକ ବିରକ୍ତ ହେଉଥିବା ଭିଡିଓରେ ଦେଖାଯାଉଛି। ଘଟଣା ବାବଦରେ ବିଧାୟକଙ୍କୁ ପଚାରିବାରୁ ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଜଣେ ଯୁବକ ମାଗଣା ଖାଦ୍ୟ ବଣ୍ଟନ କରୁଥିବା ଦେଖି ତାଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ହେଲେ ଏହି ସମୟରେ ଜଣେ ନିଶାସକ୍ତ ଯୁବକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଭୋଟ୍ ନେବା ପାଇଁ ଆସିଛ ବୋଲି କହିଥିଲେ। ଏହାପରେ ସେ ବିରକ୍ତ ହୋଇଥିଲେ, ସେହି ଭିଡିଓକୁ ସୋସିଆଲ ମିଡିଆରେ ଅତିରଞ୍ଜିତ କରି ପୋଷ୍ଟ କରାଯାଇଥିବା ବିଧାୟକ ସ୍ପଷ୍ଟ କରିଛନ୍ତି।

# ୯.୨୪ କୋଟି ହେରଫେର ମାମଲାରେ ଆଉ ୪ ଗିରଫ



ଭୁବନେଶ୍ୱର,୨୭ା୯(ସଂଚାର ବ୍ୟୁରୋ): ୯.୨୪ କୋଟି ଟଙ୍କା ହେରଫେର ମାମଲାରେ ଗତକାଲି ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ-୧ କାର୍ଯ୍ୟାଳୟରେ ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କାର ସରକାରୀ ଅର୍ଥ ହେରଫେର ମାମଲାରେ ଓଡ଼ିଶା ଭିଜିଲାନ୍ସ ଏହାର ତଦନ୍ତ ପରିସରକୁ ବୃଦ୍ଧି କରିଛି। ଏହି ମାମଲାରେ ଆଉ ୪ ଜଣଙ୍କୁ ଗିରଫ କରାଯିବା ଫଳରେ ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି।

ଆଜି ଗିରଫ ହୋଇଥିବା ୪ ଜଣ ଅଭିଯୁକ୍ତ ହେଲେ ଆର୍‌ଆଣ୍ଡ୍‌ବି ଡିଭିଜନ-୧ କାର୍ଯ୍ୟାଳୟର ପିଅନ ଦୀପକ କୁମାର ରାଉତରାୟ ଓ ଲକ୍ଷ୍ମଣ ବିଶ୍ୱାଳ ଏବଂ ଦୁଇ ଘରୋଇ ଡାଟା ଏଣ୍ଟ୍ରି ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟ ରଞ୍ଜନ ମହାପାତ୍ର। ପୂର୍ବରୁ ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକଙ୍କ ସହ ମିଳିମିଶି ସରକାରୀ ଅର୍ଥ ହେରଫେରରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି।

ତଦନ୍ତ ବେଳେ ହେରଫେର ହୋଇଥିବା ଅର୍ଥରୁ ବଡ଼ ରାଶି ଏହି ୪ ଜଣଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ତଦନ୍ତ ସମୟରେ ଜଣାପଡ଼ିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଦୀପକ କୁମାର ରାଉତରାୟଙ୍କ ଆକାଉଣ୍ଟକୁ ୩୨ ଲକ୍ଷ ୪୭ ହଜାର ୮୦୦ ଟଙ୍କା, ଲକ୍ଷ୍ମଣ ବିଶ୍ୱାଳଙ୍କ ଆକାଉଣ୍ଟକୁ ୧୬ ଲକ୍ଷ ୨୧ ହଜାର ୪୮୪ ଟଙ୍କା, ରାଜୀବ ଲୋଚନ ସେନାପତିଙ୍କ ଆକାଉଣ୍ଟକୁ ୨୮ ଲକ୍ଷ ୨୮ ହଜାର ୮୧୭ ଟଙ୍କା ଏବଂ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ଆକାଉଣ୍ଟକୁ ୩୫ ଲକ୍ଷ ୬୯ ହଜାର ୯୮ ଟଙ୍କା ଟ୍ରାନ୍ସଫର ହୋଇଥିବା ଭିଜିଲାନ୍ସ ତଦନ୍ତରେ ସାମ୍ନାକୁ ଆସିଛି।

ପୂର୍ବରୁ ଏହି ମାମଲାରେ ସେକ୍ସନ ଅଫିସର ଶ୍ରୀମତୀ ମହାନ୍ତି ଏବଂ ଜୁନିୟର ଆସିଷ୍ଟାଣ୍ଟ ଶ୍ରୀ ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଆଜି ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଏହି ବଡ଼ ଧରଣର ଠକେଇ ମାମଲାରେ ଆଉ କାହାର ସମ୍ପୃକ୍ତି ରହିଛି ଓ ହେରଫେର ହୋଇଥିବା ଟଙ୍କା କେଉଁଠିକୁ ଯାଇଛି, ସେନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

## ନୀଳଗିରିରେ ଭାଲୁ ଆତଙ୍କ, ଅଳ୍ପକେ ବର୍ତ୍ତିଲେ ଯୁବକ



ନୀଳଗିରି,୨୭।୯ (ସଂଚାର ବ୍ୟୁରୋ): ଆଜି ସକାଳୁ ସକାଳୁ ନୀଳଗିରି ସହରରେ ଦେଖିବାକୁ ମିଳିଛି ଭାଲୁ ଆତଙ୍କ। ନୀଳଗିରିର ରେଡ୍ ରୋଜ ବେକେରୀ ଦୋକାନ ଗଳିରେ ଏକ ବିରାଟ ଭାଲୁ ବାହାରି ଆସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନା ଅନୁସାରେ, ଆଜି ସକାଳ ସମୟରେ ଭାଲୁଟି ରାସ୍ତାରେ ବୁଲୁଥିବା ବେଳେ ସାମ୍ନାରୁ ଜଣେ ଯୁବକ ହଠାତ୍ ତା'ର ହାବୁଡ଼ରେ ପଡ଼ି ଯାଇଥିଲେ। ଯୁବକଙ୍କୁ ଦେଖି ଭାଲୁଟି ଆକ୍ରମଣ ଉଦ୍ୟମ କରିଥିବା ଦେଖାଯାଇଛି। ତେବେ ଯୁବକଙ୍କ ଭାଗ୍ୟ ଭଲ ଥିବାରୁ ବଡ଼ ଅଘଟଣ ଘଟିନଥିଲା। ଭାଲୁଟି ହଠାତ୍ ରାସ୍ତା ପାର ହୋଇ ସେଠାରୁ ପଳାଇ ଯାଇଥିଲା। ଫଳରେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ଯୁବକ। ଏହି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାଲୁକୁ ନେଇ ଭୟ ଓ ଆତଙ୍କ ବଢ଼ିଛି। ଜନବସତି ଅଞ୍ଚଳକୁ ଭାଲୁ କିପରି ଆସିଲା ଏବଂ ଏହା କେଉଁ ଦିଗକୁ ଯାଇଛି, ତାହାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।

## ନଦୀରେ ଭାସି ଯାଉଥିବା ବୃଦ୍ଧା ଉଦ୍ଧାର



ପଚ୍ଛାମୁଣ୍ଡାଇ,୨୭।୯ (ସଂଚାର ବ୍ୟୁରୋ): କଥାରେ ଅଛି ଯାହାକୁ ରଖିବେ ଅନନ୍ତ କେ କରି ପାରେ ବଳବନ୍ତ। ତାହା ପୁଣି ଥରେ ପ୍ରମାଣିତ ହୋଇଛି ପଚ୍ଛାମୁଣ୍ଡାଇ ବ୍ଲକ ବାଲିପାଟଣା ଗ୍ରାମରେ। ଆଜି ବାଲିପାଟଣା ଗ୍ରାମରେ ସମସ୍ତଙ୍କୁ ଚକିତ କଲା ଭଳି ଘଟଣା ଘଟିଛି। ଏହାକୁ ନେଇ ସମଗ୍ର ପଚ୍ଛାମୁଣ୍ଡାଇ ଅଂଚଳରେ ଚର୍ଚ୍ଚା ଲାଗି ରହିଛି।

ପ୍ରକାଶ ଯେ ଆଜି ପଚ୍ଛାମୁଣ୍ଡାଇ ବ୍ଲକ ବାଲିପାଟଣା ପଂଚାୟତ ଆଗଡିଆ ଗ୍ରାମରେ ବ୍ରାହ୍ମଣୀ ନଦୀର ଗଭୀର ସ୍ରୋତରେ ଭାସି ଯାଉଥିବା ଜଣେ ବୃଦ୍ଧାଙ୍କୁ ସ୍ଥାନୀୟ ଗ୍ରାମବାସୀ ଓ ଯୁବକମାନେ ସାହସିକତାର ସହିତ ନଦୀର ପ୍ରଖର ସ୍ରୋତ ମଧ୍ୟରୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ଏହା ପରେ ସ୍ଥାନୀୟ ଆଶା ଦିଦିଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଆଣି ପଚ୍ଛାମୁଣ୍ଡାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ନଦୀ ଗର୍ଭରୁ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବା ବୃଦ୍ଧା ଜଣକ ହେଲେ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ କଲାଖଣ୍ଡ ଗ୍ରାମର କେ.ସି ଦଳାଇ ବୋଲି ଜଣାପଡିଛି। ସେ ଆଜି ସକାଳେ ନଦୀ କୂଳକୁ ଶୌଚ ହେବା ପାଇଁ ଆସି ଅସାବଧାନତା ବଶତଃ ନଦୀର ପ୍ରଖର ସ୍ରୋତରେ ପଡି ଯାଇ ଭାସି ଆସିଥିବା ବୃଦ୍ଧା ଜଣକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଭରାନଦୀର ପ୍ରଖର ସ୍ରୋତରେ ବୃଦ୍ଧା ଜଣକ ପାଖାପାଖି ୨୦ କିଲୋମିଟର ଅତିକ୍ରମ କରିବା ପରେ ପଚ୍ଛାମୁଣ୍ଡାଇ ବ୍ଲକ ବାଲିପାଟଣା ପଂଚାୟତ ଆଗଡିଆ ଗ୍ରାମର ବ୍ରାହ୍ମଣୀ ନଦୀ ଗର୍ଭରୁ ବୃଦ୍ଧାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ଭାସି ଆସି ୭୦ବର୍ଷରୁ ଉର୍ଦ୍ଧ ବୃଦ୍ଧା ଜଣକ ଜୀବିତ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଜୁଏଲାରୀରୁ ବନ୍ଧୁକ ଦେଖାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ




ପାରାଦୀପ,୨୭।୯ (ସଂଚାର ବ୍ୟୁରୋ): ବନ୍ଦର ନଗରୀ ପାରାଦୀପ ତାରେଣୀଗଡ଼ା ନିକଟସ୍ଥ ସାଧନା ଜୁଏଲାରୀରୁ ବନ୍ଧୁକ ଦେଖାଇ ୨୩ଟି ସୁନା ମୁଦି ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ଜଗତସିଂହପୁର ପୁଲିସ। ଘଟଣାର ମାତ୍ର ୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ତୁଷାର କୁମାର ସାହୁଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି।

ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିଙ୍ଗଲା ଥାନା ଅନ୍ତର୍ଗତ ସେନ୍ଧୀରି ଗ୍ରାମର ପୂର୍ଣ୍ଣାନନ୍ଦ ସାହୁଙ୍କ ପୁଅ ତୁଷାର କୁମାର ସାହୁ ପାରାଦୀପ ତାରେଣୀଗଡ଼ାସ୍ଥିତ ଏଲ୍‌ଆଣ୍ଡ୍‌ଟି ଗେଷ୍ଟ ହାଉସରେ ରହୁଥିଲେ। ସେ ଏଲ୍‌ଆଣ୍ଡ୍‌ଟି କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ତୁଷାର ଅନଲାଇନ୍‌ରେ ଏକ ବନ୍ଧୁକ ମଗାଇଥିଲେ। ଲୁଟ ଘଟଣାର ଗୋଟିଏ ଦିନ ପୂର୍ବରୁ ସେ ସାଧନା ଜୁଏଲାରୀକୁ ଯାଇ ମୁଦି କିଣିବା ବାହାନାରେ ଦୋକାନର ପରିସ୍ଥିତି ଓ କର୍ମଚାରୀଙ୍କ ସମ୍ପର୍କରେ ରେକି କରିଥିଲେ। ପରଦିନ ପୁଣି ଦୋକାନକୁ ଯାଇ ସେଠାରେ ଥିବା ଦୁଇଜଣ ମହିଳା ଓ ଜଣେ ପୁରୁଷ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ୨୩ଟି ସୁନା ମୁଦି ଲୁଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନେତୃତ୍ୱରେ ୪ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ତଦନ୍ତକାରୀ ଟିମ୍ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ତଦନ୍ତରୁ ମିଳିଥିବା ସୁରାକକୁ ଆଧାର କରି ପୁଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ଶେଷରେ ଲୁଟ ଘଟଣାର ମାତ୍ର ୮ ଘଣ୍ଟା ମଧ୍ୟରେ ତୁଷାର କୁମାର ସାହୁଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲା।

# ପ୍ରକୃତିର ପ୍ରକୋପରେ ବେହାଲ କେନ୍ଦ୍ରାପଡ଼ା

### ଲଘୁଚାପ ବର୍ଷାରେ ବୁଡ଼ିଲା ହଜାର ହଜାର ଏକର ଚାଷଜମି, ଚିନ୍ତାରେ ଚାଷୀ

### ଜଳ ନିଷ୍କାସନରେ ବିଫଳତାକୁ ନେଇ ଅସନ୍ତୋଷ

### ୯ଟି ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି



କେନ୍ଦ୍ରାପଡ଼ା,୨୭।୯ (ସଂଚାର ବ୍ୟୁରୋ): ମୁଣ୍ଡ ଉପରେ କଳାହାଣ୍ଡିଆ ମେଘ, ତଳେ ଅସରନ୍ତି ପାଣି । ଯୁଆଡ଼େ ଚାହିଁଲେ ଜଳରାଶି । କେଉଁଠି ଧାନ ବିଲ ତ କେଉଁଠି ପାଣିର ସମୁଦ୍ର । ଆଉ କେଉଁଠି ପାଣି ଘେରରେ ଘରଦ୍ୱାର । ପ୍ରକୃତିର ଏଭଳି ଦାଉରେ ଏବେ ଅସହାୟ ହୋଇପଡ଼ିଛି କେନ୍ଦ୍ରାପଡ଼ା । ଲଘୁଚାପଜନିତ ଲଗାଣ ବର୍ଷା ଜିଲ୍ଲାର ଚାଷୀକୁଳଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବା ବେଳେ ଚାରିଆଡ଼େ ଦେଖାଦେଇଛି ଜଳବନ୍ଦୀର କରୁଣ ଚିତ୍ର।

ପ୍ରବଳ ବର୍ଷାରେ କେଉଁଠି ଶାରଦ ଧାନ ଫସଲ ପାଣି ତଳେ ବୁଡ଼ି ରହିଛି ତ ଆଉ କେଉଁଠି ବିଆଳି ଧାନ ପବନରେ ଭୂମିଶାୟୀ ହୋଇଛି। ଅମଳ ଆଶାରେ ଚାଷୀ ଯେଉଁ ଧାନ କ୍ଷେତକୁ ଚାହିଁ ରହିଥିଲା, ସେହି କ୍ଷେତରେ ଏବେ ଗଜା ମାରିବାର ଭୟ। ବର୍ଷା ଓ ପବନର ମିଳିତ ପ୍ରକୋପରେ ଧାନ ସହ ପନିପରିବା ଚାଷ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି । ଚାଷୀର ଝାଳବୁହା ପରିଶ୍ରମ ଓ ମାସ ମାସର ଆଶା ଏବେ ପାଣିରେ ମିଶିବାକୁ ବସିଛି। ବିଲରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଧାନ ଗଛର ମୂଳ ପଚିବା ସହ ଫସଲ ନଷ୍ଟ ହେବାର ଆଶଙ୍କା ବଢ଼ିଛି।

ପ୍ରବଳ ବର୍ଷା ଜିଲ୍ଲାର ଜଳବନ୍ଦୀ ସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଦେଇଛି। ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ପାଣି ଜମି ରହିବା ସହ ଗାଁ ଗଣ୍ଡାର ଲୋକେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନେକଙ୍କ ଘରେ ଆଣ୍ଠୁଏ ଉଚ୍ଚର ପାଣି ପଶିଥିବାରୁ ରନ୍ଧାବଢ଼ାଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନଯାପନ ପର୍ଯ୍ୟନ୍ତ ସବୁକିଛି ବାଧାପ୍ରାପ୍ତ ହୋଇଛି । ପ୍ରକୃତିର ପ୍ରକୋପ ସାଙ୍ଗକୁ ଜିଲ୍ଲାରେ ଜଳ ନିଷ୍କାସନ ବ୍ୟବସ୍ଥାର ଦୁର୍ବଳତା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ବର୍ଷା ଛାଡ଼ିବା ପରେ ମଧ୍ୟ ଅନେକ ସ୍ଥାନରୁ ପାଣି ନିଷ୍କାସିତ ହୋଇପାରୁନାହିଁ । ନାଳନର୍ଦ୍ଦମାର ଅବ୍ୟବସ୍ଥା, କେନାଲରେ ଜଳ ପ୍ରବାହରେ ବାଧା ଓ ଜଳ ନିଷ୍କାସନ ପଥରେ ଅବରୋଧ ଯୋଗୁଁ ଚାଷଜମିରେ ପାଣି ଜମି ରହୁଥିବା ଅଭିଯୋଗ ହେଉଛି ।

ଜିଲ୍ଲାର ଗରଦପୁର, ମହାକାଳପଡ଼ା, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ଡେରାବିଶ ଆଦି ନଅଟି ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରିବାକୁ ଦାବି ହୋଇଛି । ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ କ୍ଷତିପୂରଣ, ପରବର୍ତ୍ତୀ ଚାଷ ପାଇଁ ବିହନ ଓ ଆବଶ୍ୟକ କୃଷି ସହାୟତା ଯୋଗାଇ ଦେବାକୁ ଦାବି ଜୋର ଧରିଛି। ଯୋଗ୍ୟ ଚାଷୀଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତା ମିଳିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ କରିବାକୁ ମଧ୍ୟ ଦାବି ହେଉଛି ।

## ଅଗ୍ନିକାଣ୍ଡରେ ୨ଟି ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ

ମହାକାଳପଡା,୨୭।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଡିଖିରି ପଞ୍ଚାୟତର ଡିଖିରି ଗ୍ରାମରେ ଶନିବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ବିଦ୍ୟୁତ ସର୍ଟ ସର୍କିଟ୍ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଥିରେ ପରିବାରର ସର୍ବସ୍ୱ ଜଳିଯିବା ସହ ଗୋରୁଗୁହାଳ ମଧ୍ୟ ପୋଡ଼ି ମୃତ୍ୟୁବରଣ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ଗ୍ରାମର କାର୍ତ୍ତିକ ଚନ୍ଦ୍ର ପଲାଇଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ମୁହୂର୍ତ୍ତକ ଭିତରେ ଏହା ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଏହି ଦୁର୍ଘଟଣାରେ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ ଏବଂ ଅନ୍ୟାନ୍ୟ ଜିନିଷପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି।

ସବୁଠାରୁ ଦୁଃଖର ବିଷୟ ଯେ, ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବା ୨ଟି ଗାଈ ଏବଂ ୨ଟି ବାଛୁରୀ ଜୀବନ୍ତ ପୋଡ଼ି ଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ମାର୍ଶାଘାଇ ଓ ମହାକାଳପଡ଼ାରୁ ଦୁଇଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସବୁକିଛି ଜଳି ପାଉଁଶ ହୋଇସାରିଥିଲା।

ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ରାଜସ୍ୱ ନିରୀକ୍ଷକ ଗିରୁ ରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପୀଡ଼ିତ ପରିବାରକୁ ପଲିଥିନ୍ ପ୍ରଦାନ କରିଛନ୍ତି। ସେହିପରି ପ୍ରାଣୀଧନ ନିରୀକ୍ଷକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋସମ୍ପଦକୁ ଅନୁଧ୍ୟାନ କରିଛନ୍ତି।

ଏହି ଭୟଙ୍କର ଅଗ୍ନିକାଣ୍ଡ ପରେ କାର୍ତ୍ତିକଙ୍କ ୬ ଜଣିଆ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ଉଚିତ୍ କ୍ଷତିପୂରଣ ଓ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଯୁବକଙ୍କ ହକ୍ ପାଇଁ ଲଢେଇ ଜୋରଦାର କରିବ ଯୁବ କଂଗ୍ରେସ




କେନ୍ଦ୍ରାପଡ଼ା,୨୭।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଆଜି କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁଶ୍ରୀ ଲକ୍ଷ୍ମୀପ୍ରିୟା (ଲିସ୍ପାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ସମେତ ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ ଦାଶ ଏବଂ ପ୍ରଦେଶ ଯୁବ କଂଗ୍ରେସ କମିଟି ସଂଯୋଜକ ମହମ୍ମଦ୍ ପର୍ବେଜ, ଯୁବନେତା ସନ୍ଦୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକରେ ଜିଲ୍ଲା ଯୁବ କଂଗ୍ରେସର ସାଂଗଠନିକ କାର୍ଯ୍ୟକ୍ରମ, ଯୁବକ-ଯୁବତୀଙ୍କ ସମସ୍ୟା ଏବଂ ଆଗାମୀ ଦିନରେ ଯୁବ କଂଗ୍ରେସର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ଯୁବକମାନଙ୍କ ହକ୍ ଓ ଅଧିକାର ପାଇଁ ଲଢ଼େଇକୁ ଆହୁରି ମଜବୁତ କରିବା । ରୋଜଗାର, ନିଯୁକ୍ତି, ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୁବମାନଙ୍କ ପାଇଁ ସୁଯୋଗ ସୃଷ୍ଟି ଭଳି ପ୍ରସଙ୍ଗକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଜନଆନ୍ଦୋଳନକୁ ଅଧିକ ଶାଣିତ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଜିଲ୍ଲା ଯୁବ କଂଗ୍ରେସ କହିଛି ଯେ ଆଗାମୀ ଦିନରେ କେବଳ ବୈଠକ ମଧ୍ୟରେ ସୀମିତ ନ ରହି, ଯୁବମାନଙ୍କ ଘରେ ଘରେ ପହି ସେମାନଙ୍କ ସମସ୍ୟା ଶୁଣିବା ଏବଂ ସେହି ସମସ୍ୟାକୁ ନେଇ ରାସ୍ତାରେ ଗଣତାନ୍ତ୍ରିକ ଲଢ଼େଇ କରିବା ହେବ ଜିଲ୍ଲା ଯୁବ କଂଗ୍ରେସର ମୁଖ୍ୟ ଲକ୍ଷ୍ୟ । ଏହି ଅବସରରେ ନବ ନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ହଳଧର ସେଠୀଙ୍କୁ ଯୁବ କଂଗ୍ରେସ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ଯୁବ ସଭାପତି ରତିକାନ୍ତ ବେହୁରା, ଉପସଭାପତି କାର୍ତ୍ତିକ ବେହେରାଙ୍କ ସମେତ ଶତାଧିକ ଯୁବକଂଗ୍ରେସ ଓ କଂଗ୍ରେସ ଦଳର ବରିଷ୍ଠ ନେତୃତ୍ୱମାନେ ଯୋଗଦେଇ ଯୁବ କଂଗ୍ରେସକୁ ସାହାଯ୍ୟ ସହଯୋଗ କରିବେ ବୋଲି ଦୃଢ଼ମତ ପୋଷଣ କରିଥିଲେ ଏବଂ ଆଗାମୀ ୨୯ତାରିଖରେ ହେବାକୁ ଥିବା ଏମଏମଡିଆର ବିରୋଧରେ ବିଧାନସଭା ଘେରାଉକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ଯୋଡ଼ା ଟ୍ରକ ମାଲିକ ସଂଘର କାର୍ଯ୍ୟକାଳ ଶେଷ, ୧୨ରେ ନିର୍ବାଚନ



ଯୋଡ଼ା,୨୭।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଟ୍ରକ ମାଲିକ ସଂଘର ଚାଲିଆସୁଥିବା କମିଟିର ପାଞ୍ଚ ବର୍ଷିଆ କାର୍ଯ୍ୟକାଳ ଶେଷ ହୋଇଥିବା ଜଣାପଡ଼ିଛି। ଏନେଇ ରବିବାର ସଂଘ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବହୁ ସଂଖ୍ୟକ ଟ୍ରକ ମାଲିକ ଯୋଗଦେଇଥିଲେ। ସଭାରେ ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଗତ ପାଞ୍ଚ ବର୍ଷ ମଧ୍ୟରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟ ଓ ଗାଡ଼ି ମାଲିକଙ୍କ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏହାସହ ସଂଘର ଗତ ପାଞ୍ଚ ବର୍ଷର ଆୟ-ବ୍ୟୟର ହିସାବ ବିବରଣୀ କୋଷାଧ୍ୟକ୍ଷଙ୍କ ପକ୍ଷରୁ ସଭାରେ ପାଠ କରାଯାଇଥିଲା। ଏହାର ଜବାବଦେହିତା ସମ୍ପାଦକଙ୍କ ପକ୍ଷରୁ ନିଆଯାଇଥିବା ସୂଚନା ମିଳିଛି।

ସଂଘର ସମ୍ପାଦକ ଗତ ପାଞ୍ଚ ବର୍ଷ ମଧ୍ୟରେ ସଂଘ ଓ ଗାଡ଼ି ମାଲିକଙ୍କ ସ୍ୱାର୍ଥ ସମ୍ପର୍କରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସଭାରେ ସୂଚନା ଦେବା ସହ ଆଗାମୀ ଦିନରେ ସଂଘର ଉନ୍ନତି କାମନା କରିଥିଲେ। ଏହାଛଡା ଦୀର୍ଘ ୨୦ ବର୍ଷର ସଙ୍ଘରେ ମାତ୍ର ୨ କୋଟି ଅର୍ଥ ରାଶି ଜମା ଥିବା ବେଳେ ମାତ୍ର ୫ ବର୍ଷରେ ସଙ୍ଘ ଅର୍ଥରେ ଏକ କୋଟି ଯୋଡି ହୋଇଥିବା ନେଇ ସମ୍ପାଦକ ଗାଡି ମାଲିକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସେ ଆହୁରି କହୁଥିଲେ ଯେ ସଙ୍ଘ ସାମାଜିକ କାର୍ଯ୍ୟରେ ଯାହା ୨୦ ବର୍ଷ କରିପାରି ନ ଥିଲା ତାହା ୨୦୨୧ରୁ ୨୦୨୬ ପାଞ୍ଚ ବର୍ଷ ମଧ୍ୟରେ ହୋଇପାରିଛି । ତେବେ ସଭା ଚାଲିଥିବା ସମୟରେ କିଛି ପ୍ରସଙ୍ଗକୁ ନେଇ କାର୍ଯ୍ୟକର୍ତ୍ତା ଓ ଗାଡ଼ି ମାଲିକଙ୍କ ମଧ୍ୟରେ ବାକ୍‌ବିତଣ୍ଡା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ କିଛି ବ୍ୟକ୍ତିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଆସନ୍ତା ଅକ୍ଟୋବର ୧୨ ତାରିଖରେ ଯୋଡ଼ା ଟ୍ରକ ମାଲିକ ସଂଘର ନିର୍ବାଚନ ହେବାକୁ ରହିଛି। ନିର୍ବାଚନ ପୂର୍ବରୁ ସଂଘ ମଧ୍ୟରେ ମତଭେଦ ସାମ୍ନାକୁ ଆସିଥିବାରୁ ଆଗାମୀ ଦିନରେ ପରିସ୍ଥିତି ଉପରେ ପ୍ରଶାସନ ଓ ପୁଲିସର ନଜର ରହିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

### କଳିଙ୍ଗା ଘାଟି ରାସ୍ତା ସିଲ୍ ଘଟଣା

## ସ୍ଥିତି ପରଖିଲେ ପରିବହନ ମନ୍ତ୍ରୀ ଓ ବିଧାୟକ



ଫୁଲବାଣୀ,୨୭।୯ (ସଂଚାର ବ୍ୟୁରୋ): ଚଳିତ ବାତ୍ୟାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ରେ କଳିଙ୍ଗା ଘାଟିରେ ଅନ୍ଧାରିକୋଟ ନିକଟରେ ଗାର୍ଡ ୱାଲ ଧସି ଯିବା ସହିତ ପୂର୍ବ ବର୍ଷ ଧୋଇ ହୋଇ ଯାଇଥିବା ରାସ୍ତା ରେ ଏକ ବିରାଟକାୟ ପଥର ଖସିବା ଫଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯାତାୟାତ ବନ୍ଦ କରିଛି ପ୍ରଶାସନ । ଶୀଘ୍ର ରାସ୍ତା ସ୍ୱାଭାବିକ କରିବା ସହିତ ବିକଳ୍ପ ରାସ୍ତା ବାହାର କରିବା ବଡ଼ ଚାଲେଞ୍ଜ ହୋଉଥିବା ବେଳେ ଆଜି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଙ୍କ ସହିତ ଜି.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ କଳିଙ୍ଗା ଘାଟି ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଯଥା ଶୀଘ୍ର ମୁଖ୍ୟରାସ୍ତାର ସ୍ଥାୟୀ ସମାଧାନ କରିବା ବିକାଶ ରାସ୍ତାର ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ମହୋଦୟ। ଏଥିରେ ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା,ଜି.ଉଦୟଗିରି ବନ ବିଭାଗ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ ଙ୍କ ସହିତ ଜାତୀୟ ରାଜପଥ ବିଭାଗ ପଦାଧିକାରୀ ମାନେ ସାମିଲ ହୋଇଥିଲେ । ପରିବହନ ମନ୍ତ୍ରୀ ଅବରୋଧ ହୋଇ ଥିବା ମୁଖ୍ୟ ଜାତୀୟ ରାଜପଥ ସହିତ ବିକଳ୍ପ ରାସ୍ତା ବୁଲି ଦେଖିଥିଲେ ।

### ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଅଭିଯୋଗ

## ପଡ଼ିଆ ଓ ମାଲକାନଗିରି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଝୁଲୁଛି ତାଲା




ପଡ଼ିଆ,୨୭।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ ଜନସେବା ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଥିବାବେଳେ ପଡ଼ିଆ ଓ ମାଲକାନଗିରି ବ୍ଲକ୍‌ର କେତେକ ସରକାରୀ ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି।

ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବାରମ୍ବାର ବାର୍ତ୍ତା ଓ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ କେତେକ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ସମୟରେ ଉପସ୍ଥିତ ନଥିବା ଏବଂ ବିଦ୍ୟାଳୟ ଖୋଲାଯାଇନଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ସୂଚନା ଓ ପ୍ରତିନିଧିଙ୍କ ପରିଦର୍ଶନ ସମୟରେ ତେଲାମଗୁଡ଼ା, ଝିଲ୍ଲିଗୁଡ଼ା, ବାଟାନ୍‌ୱାଡ଼ା, ଟେକାଲଗୁଡ଼ା, ପୁରୁଣା ଚିତାପାରି, ଉସ୍କାଲବାଗ୍ ଓ ପଡ଼ିଆ ସଦର ଉଚ୍ଚ ବିଦ୍ୟାଳୟ ସମେତ କେତେକ ବିଦ୍ୟାଳୟରେ ବିଦ୍ୟାଳୟ ସମୟରେ ଶିକ୍ଷକଙ୍କ ଉପସ୍ଥିତି ନଥିବା ଅଭିଯୋଗ ଆସିଛି।

ସେହିପରି ମାଲକାନଗିରି ବ୍ଲକ୍‌ର ମେନ୍ଧାଗୁଡ଼ା, ପିତାତଙ୍ଗ ଓ ପୁଜାରିଗୁଡ଼ା ଭଳି କେତେକ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ନିର୍ଦ୍ଧାରିତ ସମୟରେ ଖୋଲାଯାଇନଥିବା ଅଭିଯୋଗ ହୋଇଛି। ଏହା ଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସି ଶିକ୍ଷାଦାନରୁ ବଞ୍ଚିତ ହୋଇଥିବା ଅଭିଯୋଗ ରହିଛି।

ଅନ୍ୟପକ୍ଷରେ, ବର୍ଷା ଓ ବନ୍ୟା ସମୟରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ ଦିନରାତି ଏକ କରି ରିଲିଫ୍, ଉଦ୍ଧାର ଓ ଜନସେବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଶିକ୍ଷା ବିଭାଗର କେତେକ କର୍ମଚାରୀଙ୍କ ଏଭଳି ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ଗ୍ରାମାଞ୍ଚଳର କୋମଳମତି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଦ୍ୟାଳୟ ସମୟରେ ଶିକ୍ଷକଙ୍କ ଅନୁପସ୍ଥିତି ଏବଂ ବିଦ୍ୟାଳୟ ଖୋଲାନଥିବା ଅଭିଯୋଗର ଯଥାର୍ଥତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଦୁଇ ହଜାରରୁ ଅଧିକ ଉପକୃତ



କୋରେଇ,୨୭।୯ (ସଂଚାର ବ୍ୟୁରୋ): କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ପାଣିକୋଇଲି ଠାରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ବିଜେପି, କୋରେଇ ପକ୍ଷରୁ ପି.ଏମ୍. ଶ୍ରୀ ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମେଡିସିନ୍, ଚର୍ମରୋଗ, ଅସ୍ଥି ଓ ହାଡ଼, ପ୍ରସୂତି ଓ ସ୍ତ୍ରୀରୋଗ, ସ୍ନାୟୁ, ଶିଶୁ ରୋଗ, ମଧୁମେହ, ଚକ୍ଷୁ, କାନ, ନାକ, ଗଳା ଓଲ, ଦନ୍ତ ଚିକିତ୍ସାର ବିଶେଷଜ୍ଞ ଓ ବିଭିନ୍ନ ବିଭାଗର ଡାକ୍ତରମାନେ ବିନା ମୂଲ୍ୟରେ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ସବିତା ହେଲ୍‌ଥ କେୟାରର ଡାକ୍ତର ଓ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ପଦାରେ ପଡ଼ିଲା ସରକାରୀ ବିକାଶର ମୁଖା

### ● ପିଣ୍ଡି ପାଇଁ ୨୦୦ରୁ ୩୦୦ ଲୁଟ୍ ● ଦୁଇ ବର୍ଷ ହେଲା ଫାଇଲରେ ଯୋଜନା

କାକଟପୁର/ଅସ୍ତରଙ୍ଗ, ୨୭।୯ (ସଂଚାର ବ୍ୟୁରୋ): ପ୍ରକୃତି ଅସ୍ତରଙ୍ଗକୁ ଦୁଇ ହାତରେ ସୌନ୍ଦର୍ଯ୍ୟ ଦେଇଛି। ଗୋଟିଏ ପଟେ ନୀଳ ସମୁଦ୍ର, ଅନ୍ୟ ପଟେ ଦେବୀ ନଦୀ, ମଝିରେ ପୀରଜାହାନିଆ ବେଳାଭୂମି, କେଲୁଣୀମୁହାଣ ସଙ୍ଗମ ଓ ମା' ଗଙ୍ଗାଦେବୀ ପୀଠ। କିନ୍ତୁ ମଣିଷ ତିଆରି ବ୍ୟବସ୍ଥା ଏଠି ଫେଲ୍। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗର ତିନି ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଲା ବେଳେ ଲାଗୁଛି - ସରକାର କେବଳ ପୋଷ୍ଟରରେ ପର୍ଯ୍ୟଟନ ବିକାଶ କରୁଛନ୍ତି, ଫିଲ୍ଡରେ ସବୁ ଶୂନ। ଦୁଇ ବର୍ଷ ହେଲା ପ୍ରସ୍ତାବ ଫାଇଲରେ ଗଡୁଛି, କାମ ଆରମ୍ଭ ହେଉନି।

ପୀରଜାହାନିଆ ବେଳାଭୂମି ଏବେ ଓଡ଼ିଶାର ଟପ୍ ପିକନିକ ସ୍ପଟ୍। ୱିକେଣ୍ଡ ହେଲେ ଦୈନିକ ୬୦୦ରୁ ଅଧିକ ଚାରି ଚକିଆ ଗାଡି। ହେଲେ ପର୍ଯ୍ୟଟକ ପହଞ୍ଚିଲା ବେଳକୁ ପ୍ରଥମ ପ୍ରଶ୍ନ - ଶୌଚାଳୟ କେଉଁଠି? ଉତ୍ତର - ନାହିଁ। ବନ ବିଭାଗର ଦୁଇଟି ଭଙ୍ଗା ଶୌଚାଳୟ ଅଛି, ସେଥିରେ ୨ଶହ ଦିନ ତାଲା। ପାନୀୟ ଜଳ ପାଇଁ ଗୋଟିଏ ନଳକୂପ ନାହିଁ। ବଣଭୋଜି ପିଣ୍ଡି ପାଇଁ ସ୍ଥାନୀୟ ଦାଦାବଟି - ୨୦୦ରୁ ୩୦୦ ଟଙ୍କା। ନ ଦେଲେ ଗଣ୍ଡଗୋଳ। ଲାଇଫ ଗାର୍ଡ ନାହିଁ, ପ୍ରତି ବର୍ଷ ବୁଡି ମରୁଛନ୍ତି ପର୍ଯ୍ୟଟକ। ବର୍ଷା ହେଲେ ବିଚ୍ କୁ ଯିବା ରାସ୍ତା କାଦୁଅରେ ଏକ ଫୁଟ। ଦେବୀ ନଦୀ ଯେଉଁଠି ସମୁଦ୍ରରେ ମିଶୁଛି, ସେହି କେଲୁଣୀମୁହାଣର ଦୃଶ୍ୟ ଅପୂର୍ବ। କିନ୍ତୁ ଏଠାରେ ଗୋଟିଏ ସ୍ଥାୟୀ ପିଣ୍ଡି ନାହିଁ, ଶୌଚାଳୟ ନାହିଁ। ମହିଳା ପର୍ଯ୍ୟଟକ ଖୋଲାରେ ଅସୁବିଧା ଭୋଗୁଛନ୍ତି। ପାଣି ବୋତଲ ୪୦ ଟଙ୍କା।

ଅସ୍ତରଙ୍ଗର ଅଧିଷ୍ଠାତ୍ରୀ ମା' ଗଙ୍ଗାଦେବୀ ପୀଠ। କିନ୍ତୁ ପୀଠକୁ ଯିବା ୨ କିମି ରାସ୍ତା ପୁରା ଖାଲ ଖମା। ବର୍ଷାରେ ଆଣ୍ଠୁଏ ପାଣି। ପୀଠ ପରିସରରେ ପାନୀୟ ଜଳ ନାହିଁ, ବିଶ୍ରାମାଗାର ନାହିଁ।

ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ସୁକାନ୍ତ ମହାନ୍ତି କହିଛନ୍ତି, "ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ସରକାର ହଜାର କୋଟିର ବିଜ୍ଞାପନ କରୁଛନ୍ତି, କିନ୍ତୁ ଆମ ଅସ୍ତରଙ୍ଗର ପୀରଜାହାନିଆ ଭଳି ସୁନାର ବେଳାଭୂମିକୁ ଗୋଟିଏ ଶୌଚାଳୟ ଦେଇ ପାରୁ ନାହାନ୍ତି। ଦୁଇ ବର୍ଷ ହେଲା ଫାଇଲ ଘୁରୁଛି। ଏହା ଅସ୍ତରଙ୍ଗ ପ୍ରତି ଘୋର ଅନ୍ୟାୟ। "ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡ଼ା କହିଛନ୍ତି, "ପୀରଜାହାନିଆକୁ ଦୈନିକ ହଜାରେ ଲୋକ ଆସୁଛନ୍ତି। କିନ୍ତୁ ନା ଅଛି ପାଣି, ନା ଶୌଚାଳୟ। ଥିବାରେ ତାଲା। ପିଣ୍ଡି ପାଇଁ ୩୦୦ ଟଙ୍କା ଦାଦାବଟି। ଏମିତି ହେଲେ କିଏ ଆସିବ? ବିଶ୍ୱ ପର୍ଯ୍ୟଟନ ଦିବସରେ ଅତି କମରେ ଜିଲ୍ଲା ପ୍ରଶାସନ ଆଖି ଖୋଲୁ।"

ସ୍ଥାନୀୟ ଲୋକଙ୍କ ସିଧା ଦାବି - ପର୍ଯ୍ୟଟନ ଦିବସର ଭାଷଣ ନୁହେଁ, ଅସ୍ତରଙ୍ଗର ତିନି ସ୍ଥାନରେ ତୁରନ୍ତ ରାସ୍ତା, ପାଣି, ଶୌଚାଳୟ ଓ ସୁରକ୍ଷା ଦିଆଯାଉ।

## ବାତ୍ୟା 'ଅର୍ଣ୍ଣବ' ପରେ କ୍ଷୟକ୍ଷତି ଆକଳନ



ନାରାୟଣପାଟଣା,୨୭।୯ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ କମିବା ପରେ ନାରାୟଣପାଟଣାରେ କ୍ଷୟକ୍ଷତି ଓ ପରିସ୍ଥିତିର ସମୀକ୍ଷା କରିଛନ୍ତି କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ। ସେ ବସ୍‌ଷ୍ଟାଣ୍ଡସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରିଲିଫ୍ କ୍ୟାମ୍ପରେ ପହଞ୍ଚି ୯୦ରୁ ଉର୍ଦ୍ଧ୍ୱ ଆଶ୍ରୟ ନେଇଥିବା ଲୋକଙ୍କ ସହ ଆଲୋଚନା କରିଥିଲେ।

ପ୍ରଶାସନ ପକ୍ଷରୁ ମିଳୁଥିବା ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କ୍ଷତିଗ୍ରସ୍ତ ଘରଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ସେ ଅଧିକାରୀଙ୍କୁ କହିଥିଲେ। କ୍ୟାମ୍ପରେ ବିଡିଓ ବିକ୍ରମ କୁମାର ଦୋରା ଆଶ୍ରୟ ନେଇଥିବା ପରିବାରଙ୍କୁ ରନ୍ଧା ଖାଦ୍ୟ ପରଷିଥିଲେ। ପରେ ଉପଜିଲ୍ଲାପାଳ ବାଲିପେଟା ପଞ୍ଚାୟତର ସମଝା ଗାଁ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ବଣ୍ଟନ କରିଥିଲେ। ଘର କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ବ୍ୟବସ୍ଥାରେ ଘର ଯୋଗାଣ ନେଇ ଆଶ୍ୱାସନ ଦେଇଥିଲେ। ଚାଷଜମିର କ୍ଷୟକ୍ଷତି ମଧ୍ୟ ସମୀକ୍ଷା କରି ଶୀଘ୍ର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ କୃଷି ବିଭାଗକୁ କହିଥିଲେ। ନିୟମାନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ଜଣାପଡ଼ିଛି।

ଏହି ସମୟରେ ତହସିଲଦାର ପ୍ରଭାତୀ ଝଡ଼ିଆ, ବିଡିଓ ବିକ୍ରମ କୁମାର ଦୋରା, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଥାନା ଅଧିକାରୀ ମମତା ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସଂଚାର THE SANCHAR

## ସିଟି salad

### ଏକ୍ ତାରା ସବ୍ ପେ ଭାରି

ବିଧାନସଭାର ଚାରିଦିନର କାର୍ଯ୍ୟକାଳରେ ଘଣ୍ଟାଟିଏ ଠିକଣା ଭାବେ ଚାଲିନଥିଲେ ବି କଂଗ୍ରେସ ବିଧାୟକ ତାରା ବାହିନିପତି କିନ୍ତୁ ଚର୍ଚ୍ଚାରେ। ବିରୋଧି ତ ବିରୋଧି ଶାସକଦଳର ସଦସ୍ୟମାନେ ବି ନିଜ ନିଜ ଭିତରେ ଆଲୋଚନା କରୁଛନ୍ତି ଏକ୍ ତାରା ସବପେ ଭାରି। ତାରା ଗୃହରେ ପ୍ରବେଶ କଲେ ବିରୋଧର ମାହୋଲ ବଦଳିଯାଏ। ତାରା ପ୍ରଥମେ ରିପୋର୍ଟର୍ସ ଟେବୁଲ ଉପରକୁ ଉଠି ଏଭଳି ପ୍ରତିବାଦ କରନ୍ତି ଯେ ତାଙ୍କ ଆଗରେ ସମସ୍ତେ ଫିକା ପଡିଯାନ୍ତି। ଗୃହକୁ ମୁଲତବି ରଖିବାକୁ ପଡିଥାଏ।



ଏହି ଚାରିଦିନରେ ଏହା ହିଁ ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାର ଦିନ କିନ୍ତୁ ଦୃଶ୍ୟ ଟିକେ ଭିନ୍ନ ଥିଲା। ଗୃହ ଆରମ୍ଭ ବେଳକୁ ତାରା ନଥିଲେ। କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡାମ ଏକୁଟିଆ ପ୍ରତିବାଦ ପୋଷ୍ଟର ପିନ୍ଧି ନିଜ ଆସନରେ ଛିଡା ହୋଇଥିଲେ। ବିଜେଡି ସଦସ୍ୟମାନେ ଗୃହ ମଧ୍ୟକୁ ଆସି ପ୍ରତିବାଦ କରୁଥିଲେ ମଧ୍ୟ ତାହାର ପ୍ରଭାବ ସେଭଳି ନଥିଲା। ଉପବାଚସ୍ପତି ପ୍ରଶ୍ନକାଳ ଚଳାଇଥିଲେ। ବିଜେଡି ସଦସ୍ୟମାନେ କେବଳ ଚାହିଁ ରହିଥିଲେ। ହଠାତ୍ ଗୃହକୁ ଆସିଲେ ତାରା। ପ୍ରତିବାଦ ପୋଷ୍ଟରକୁ ଦେହରେ ଗଳାଇ ସିଧା ରିପୋର୍ଟର୍ସଙ୍କ ଟେବୁଲକୁ ଉଠିଲେ। ସରକାର ବିରୁଦ୍ଧରେ ରଡି ଦେଲେ। ଗୋଟିଏ ରଡିରେ ଗୃହ ମୁଲତବି। ଗୃହରେ ଉତ୍ତର ରଖୁଥିବା ଶିଳ୍ପମନ୍ତ୍ରୀଙ୍କୁ ଅଧାରୁ ରୋକିଦେଲେ ଉପାବଚସ୍ପତି ଭବାନୀ ଶଙ୍କର ଭୋଇ। ଯେଉଁ କାମକୁ ତାରା ଅଧା ସେକେଣ୍ଡରେ କରିଦେଲେ ତାହାକୁ ବିଜେଡି ସଦସ୍ୟମାନେ କରିପାରୁନଥିଲେ। ଏହି ଦୃଶ୍ୟ ଦେଖିବାପରେ ଏବେ ପ୍ରେସ୍ ଗ୍ୟାଲେରୀ ଠାରୁ ଶାସକ ଶିବିର ପର୍ଯ୍ୟନ୍ତ ଗୋଟିଏ ଚର୍ଚ୍ଚା -ଏକ୍ ଦାରା ସବପେ ଭାରି।

### ଭଣ୍ଡେଇ ଦେଲେ ଖଟୁଆ ବାବୁ

ନିଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ହେଉଛନ୍ତି ଜଣେ କୁହାଳିଆ ନେତା। ବିଧାନସଭା ଭିତରେ ବିରୋଧିଙ୍କୁ ଆକ୍ରମଣ କରିବାବେଳେ ଆଗ ପଛ ଦେଖନ୍ତିନି। କଥା କହିବାର ଶୈଳୀ ବି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ହେଲେ ଶୁକ୍ରବାର ଦିନ କୁଆଡେ ଖଟୁଆ ବାବୁ ନିଜ ଅଞ୍ଚଳର ପିଲାଙ୍କୁ ଭଣ୍ଡାଇ ଦେଇଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ ନିଳଗିରି ଅଞ୍ଚଳର କିଛି କଲେଜ ପିଲା ବିଧାନସଭା ପ୍ରୋସିଡିଂ ଦେଖିବାକୁ ଆସିଥିଲେ। ସେମାନେ ଆସିଲା ବେଳକୁ ଗୃହ ବନ୍ଦ। ଭିତରେ ଜଣେ ଦୁଇଜଣ ବିଧାୟକ ବସି ଗପ ମାରୁଥାନ୍ତି। ଖଟୁଆ ବାବୁ ବି ଜାଣିଥିଲେ ଗୃହ ବନ୍ଦ ହୋଇସାରିଲାଣି ୪ଟା ପର୍ଯ୍ୟନ୍ତ। ହେଲେ ପିଲାଙ୍କୁ ସେକଥା ନଜଣାଇ ଧାଡିକରି ବିଧାନସଭାର ଦର୍ଶକ ଗ୍ୟାଲେରୀକୁ ନେଇଗଲେ। ନିଜେ ସେମାନଙ୍କ ସହିତ ଗଲେ। ପିଲାଏ ତଳକୁ ଅନାଇଲା ବେଳକୁ କେହି ନାହାନ୍ତି। ଜଣେ ଦୁଇଜଣ ବସି ଗପୁଛନ୍ତି। ସେମାନେ ବି ପିଲାଙ୍କ ଆଡକୁ ଅନାଉ ନାହାନ୍ତି। ଖଟୁଆ ବାବୁ ଉପରୁ କହିଲେ, ପିଲାଙ୍କ ଆଡକୁ ଟିକେ ଅନାନ୍ତୁ। ଗୃହରେ ବସିଥିବା ବିଧାୟକମାନେ ଅନାଇଲା ପରେ କହିଲେ ପିଲାଙ୍କୁ ଟିକେ ହାତ ହଲାଇ ଦିଅନ୍ତୁ। ନିଜର ଜଣେ ସହଯୋଗୀଙ୍କ ଏଭଳି କଥାଟାକୁ ଟାଳିପାରିଲେ ନାହିଁ ବିଧାୟକମାନେ। ପିଲାଙ୍କୁ ହାତ ହଲାଇଲେ, ପିଲାଏ ବି ହାତ ହଲାଇଲେ। ସେଇଠୁ ଖଟୁଆ ବାବୁ ପିଲାଙ୍କୁ ନେଇ ବାହାରିଗଲେ। ଏଭଳି ଦୃଶ୍ୟ ଦେଖିଥିବା ଜଣେ ବାବୁ କହୁଥିଲେ ଖଟୁଆ ବାବୁ ତ ଜାଣିବା ଶୁଣିବା ଲୋକ। ପିଲା ଗୁଡାଙ୍କୁ ଟିକେ ଆଗରୁ ଆଣି ବସାଇଥିଲେ ହୋଇନଥାନ୍ତା। ଏତେ ବାଟରୁ ଆସିଥିବା ପିଲାମାନଙ୍କୁ ଖାଲି ଯାହା ଭଣ୍ଡାଇ ଦେଲେ।



### ପ୍ରେମ ପାଇଁ ଜେଲ ବାବୁ ହଲାପଟା



ଚୌଦ୍ୱାର ଜେଲ୍‌ର ମୁଖିଆଙ୍କୁ ପୁଲିସ୍ ଗିରଫ କରି ସେହି ଜେଲରେ ରଖିଲା। ସେଠାରୁ ସିଏ ଅସୁସ୍ଥ ହୋଇ ଡାକ୍ତରଖାନା ଗଲେ। ଏ ଖବରଟି ଏବେ ରାଜ୍ୟର ଅନ୍ୟତମ ପ୍ରମୁଖ ଖବର। ପୂରା ପୁଲିସ୍ ଓ ଜେଲ୍ ବିଭାଗ ଧାଁ ଦଉଡ କରୁଛନ୍ତି। ତେବେ କିଛି ଖାକି ବାବୁ ଚଳାଇଥିବା ଆଲୋଚନା ଅନୁଯାୟୀ ଏହା ପଛରେ ବି କୁଆଡେ ପ୍ରେମ ବ୍ୟାପାର। ରାଉଳ ବାବୁ କୁଆଡେ ନିଜେ ପ୍ରେମ କରିନାହାନ୍ତି। ପ୍ରେମ କରୁଥିବା କିଛି କର୍ମଚାରୀଙ୍କ ରୋଷର ଶିକାର ହୋଇଛନ୍ତି। ଏହି ପ୍ରେମ କାରବାରରେ ଏଭଳି ହସ୍ତୀ ରହିଛନ୍ତି ଯେ ରାଉଳ ବାବୁ ଗିରଫ ନହୋଇ ରହିପାରିଲେ ନାହିଁ। ଖାକି ବାବୁଙ୍କ ଆଲୋଚନା ଅନୁଯାୟୀ ଜେଲ୍ ବିଭାଗରେ ଏହି ପ୍ରେମ ବ୍ୟାପାର ବହୁ ପୁରୁଣା। ସମସ୍ତେ ଜାଣିଥିଲେ। କେହି ପ୍ରେମରେ ଗଡବଡ କରୁନଥିଲେ। ହେଲେ ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ହେବାପରେ ସବୁକିଛି ଓଲଟ ପାଲଟ ହୋଇଗଲା। ଥାନାରେ ମାମଲା ରୁଜୁ ସହିତ ରାଉଳ ବାବୁଙ୍କୁ ଗିରଫ ପାଇଁ ଚାପ ପଡିଲା। ସେଥିରେ ବିଚରା ପ୍ରେମ ଫ୍ରେମ ଠାରୁ ଦୂରରେ ରହୁଥିବା ଜେଲ୍ ବିଭାଗ ମୁଖିଆ ବି ଏକ ପ୍ରକାର ଫସିଗଲେ। ଶେଷରେ ପ୍ରେମ ଆଗରେ ଖାକିର ଚାପ ବି ଫିକା ପଡିଲା। ରାଉଳ ବାବୁ ଗିରଫ ହେଲେ। ଏବେ ସିଏ ଏକପ୍ରକାର ବନବାସରେ। କାଳେ ପ୍ରେମ ସମ୍ପର୍କରେ କିଛି ମୁହଁ ଖୋଲିଦେବେ ତେଣୁ ପାଟି ନଖୋଲିବାକୁ ତାଗିଦା ହୋଇଛି। ଏଣେ କିନ୍ତୁ ରାଉଳ ବାବୁଙ୍କ ଗିରଫ ପରେ ପ୍ରେମିକ-ପ୍ରେମିକା କୁଆଡେ ନୂଆଦିଲ୍ଲୀରେ ଖୁସି ମନାଇଥିବା ନେଇ ଖାକିବାବୁମାନେ ଆଲୋଚନା ଚଳାଇଛନ୍ତି।

### ଗୋଧି ପାଇଁ ଖାକି ବାବୁ ହଲାପଟା



କମିଶନରେଟ ପୁଲିସ୍‌ର ଜଣେ ବଡ ଖାକିବାବୁଙ୍କ ଘରେ ନିକଟରେ ଗୋଧିଟିଏ ପଶିଗଲା। ପଶିଗଲା ଯେ ଆଉ ବାହାରିଲାନି। ଭିତରେ ଥାଇ ପୁଲିସ୍‌କୁ ଡରାଇଲା ଭଳି ଗର୍ଜନ କଲା। ସେଇଠୁ ଥାନାକୁ ଖବର ଗଲା। ସବୁ କାମକୁ ପଛରେ ପକାଇ ତୁରନ୍ତ ଆସ। ଗୋଧିକୁ ଘରକୁ ବାହାର କର। ବଡ ହାକିମଙ୍କ ଘରେ ଗୋଧି ପଶିଥିବା ଖବର ପାଇ ଥାନାର ବାବୁମାନେ ପିସିଆର ଧରି ଧାଇଁଲେ। ତିନି ଚାରି ପିସିଆରରୁ ଖାକି ବାବୁମାନେ ବୀର ଦର୍ପରେ ଓହ୍ଲାଇଲେ। ହେଲେ ଗୋଧିକୁ କେମିତି ଧରିବେ କାହାରି ମୁଣ୍ଡରେ ବୁଦ୍ଧି ଦିଶିଲାନି। ଗୋଧି ଧରାଳିଙ୍କୁ ଖବର ଦେଲେ କାଳେ କିଏ ଘଟଣାର ଭିଡିଓ କରି ଛାଡିଦେବ ସେଥିପାଇଁ କଥାଟାକୁ ଚାପିରେ। ଦିନ ଗଡି ରାତି ହେଲା। ଗୋଧିକୁ ଜଗିଥିବା ତଳିଆ ଖାକିବାବୁ ମାନଙ୍କ ଭିତରେ କିଏ ଜଣେ ବୁଦ୍ଧିଦେଲା। କହିଲା ଏ ଗୋଧି ହେଉଛି ଜଙ୍ଗଲୀ ଜନ୍ତୁ। ସମସ୍ତେ ନିରବ ରହିଲେ ପଳାଇବ। କେହି ପାଟି କର ନାହିଁ। ଏହାପରେ ଖାକିବାବୁମାନେ ପିସିଆରକୁ ପଛକୁ ନେଇ ସେଠାରୁ କିଛି ଦୂର ପଳାଇଲେ। ବଡ ବାବୁ ବି ପିଲା ଛୁଆଙ୍କୁ ଧରି ଘର ଠାରୁ ଦୂରକୁ ଗଲେ। କିଛି ସମୟ ପରେ ଗୋଧି ବି ତା'ରାସ୍ତାରେ ଚାଲିଗଲା। ନିକଟରେ ଚନ୍ଦକା ଜଙ୍ଗଲ ଥିବାରୁ ସେଠାରୁ ଗୋଧିଟି ଆସିଥିବ ବୋଲି କିଛି ଖାକି ବାବୁ ଗବେଷଣାତ୍ମକ ଭଙ୍ଗିରେ ମତ ଦେଲେ। ହେଲେ ଜଣେ କିନ୍ତୁ କହୁଥିଲେ, ଚୋର ଡାକାୟତଙ୍କୁ ଯଦି ଏମିତି ଆମେ ତତ୍ପରତା ଦେଖାଇ ଗୋଡାଉଥାନ୍ତୁ, ତେବେ ରାଜଧାନୀବାସୀ ଶାନ୍ତିରେ ଟିକେ ନିଶ୍ୱାସ ମାରନ୍ତେ।

### କୃଷି ଭବନରେ ଟାଇଲ୍ ଚାଷ




କୃଷି ଭବନର କଫି କାଉଣ୍ଟରରେ ବସି କଫି ପିଇଲାବେଳେ ପାଖ ଟେବୁଲରେ ବସିଥିବା କର୍ମଚାରୀଙ୍କ ମାନଙ୍କ ଆଲୋଚନା କାନରେ ପଡିଲା। ଆମେ ଟିକେ କାନ ଡେରିଲୁ। ଜଣେ କର୍ମଚାରୀ କହୁଥିଲେ ଆମ କୃଷି ଭବନରେ ଏବେ ଟାଇଲ୍ ଚାଷ ହେଲାଣି। ଖାଲି ଭଙ୍ଗାରୁଜା, ଧଡଧାଡ ଶବ୍ଦ। ଆଉ ଜଣେ କର୍ମଚାରୀ ପଚାରିଲେ କ'ଣ ହେଲାକି ? ପ୍ରଥମ କର୍ମଚାରୀ ଜଣଙ୍କ କହିଲେ ତୁମେତ ଅନ୍ୟ ମହଲାରେ ବସୁଛ। କିଛି ଖବର ରଖୁନ। ଏବେ ପରା ଆମ ବିଭାଗର ମନ୍ତ୍ରୀଙ୍କ ଚାମ୍ବର ଦିଆରି ଚାଲିଛି। ମନ୍ତ୍ରୀ ଆସିବେ କି ନାହିଁ, ସନ୍ଦେହ। ହେଲେ ଭଲ ଚାମ୍ବରଟାକୁ ଭାଙ୍ଗିରୁଜି ପୁଣି ନୂଆ ତିଆରି ଚାଲିଛି। ନିଇତି ରଙ୍ଗବେରଙ୍ଗର ଟାଇଲର ସାମ୍ପୁଲ ଆସୁଛି। ପସନ୍ଦ ହେଉନଥିବାରୁ ଫେରି ଯାଉଛି। ତେବେ ବହୁ କସରତ ପରେ ଟାଇଲ ବଛାଯାଇ ଏବେ ଏବେ କାମ ଜୋରସୋରରେ ଚାଲିଛି। ଖୁବଶୀଘ୍ର ସରିବ। ମନ୍ତ୍ରୀ ଦେଖିଲେ ଯେମିତି ଖୁସି ହେବେ ସେଥିପାଇଁ ଠିକାଦାରଙ୍କ ଠାରୁ ସରକାରୀ ବାବୁମାନେ ପୂରା ଦିନ ରାତି ଏକକରି ଦେଇଛନ୍ତି। ଏତକ ଶୁଣିଲାପରେ ଆଉ ଜଣେ କର୍ମଚାରୀ କହିଲେ, ଅଳ୍ପଦିନ ତଳେ ବ ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚକାଟକୁ ଅକ୍ଷରେ ଅକ୍ଷରେ ମାନି ଆମ ମନ୍ତ୍ରୀ ତାଙ୍କର ପାଇଲଟ ଗାଡି ହଟାଇ ଦେଇଛନ୍ତି। ଏବେ ପୁଣି ଏତେ ଖର୍ଚ୍ଚ ହେଉଛି କେମିତି। କର୍ମଚାରୀ ଜଣଙ୍କ ଏକା ନିଶ୍ୱାସରେ ଏତିକି କହିଲା ବେଳକୁ ଆଉ ତିନି ଜଣ ତାଙ୍କ ମୁହଁକୁ ଆଁ କରି ଅନେଇ ରହିଥିଲେ। କାଳେ ସମ୍ପୃକ୍ତ କର୍ମଚାରୀଙ୍କ ପାଟିରୁ ଆଉ କ'ଣ ବାହାରିଯିବ ସେଥିପାଇଁ ଚଟାପଟ୍ ସେ ସ୍ଥାନ ଛାଡି ଚାଲିଗଲେ। ଆମେ ବି ଥଣ୍ଡା ହୋଇଯାଇଥିବା କଫିକୁ ପିଇ କେବଳ ଟାଇଲ ଚାଷ ଉପଖ୍ୟାନ କଥା ଭାବୁଥିଲୁ।

# ହଜାରେ କୋଟିର ଉଚ୍ଚ ପ୍ରଯୁକ୍ତିବିଦ୍ୟା ନିବେଶ ପ୍ରସ୍ତାବ

## 'ଫାର୍ମଏକ୍ସ' ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓଡ଼ିଶାକୁ ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର, ଏଆଇ ସଫ୍ଟୱେର୍, ରୋବୋଟିକ୍ସ ଓ ସ୍ମାର୍ଟ କୃଷି ପ୍ରଣାଳୀର ଏକ ଅତ୍ୟାଧୁନିକ ଉତ୍ପାଦନ ଓ ରପ୍ତାନୀ ହବ୍ ଭାବେ ଗଢ଼ିତୋଳିବା ପାଇଁ ସିଲିକନ୍ ଭ୍ୟାଲିର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ଫାର୍ମଏକ୍ସ' ରାଜ୍ୟ ସରକାରଙ୍କ ନିକଟରେ ୧ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆଗତ କରିଛି। ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଲ ଅସର ଏବଂ ଏଆଇ ଓ ପ୍ରଡକ୍ଟ ଇଞ୍ଜିନିୟରିଂ ମୁଖ୍ୟ ଲଳିତ ଭଟ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବଙ୍କୁ ସାକ୍ଷାତ କରି ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି।

ରାଜ୍ୟରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି ଓ ଉତ୍ପାଦନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ଭଳି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚ-ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ କୃଷକଙ୍କ ଆୟ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଅଧୀନରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କ୍ୟାମ୍ପସ ସହ ସ୍ମାର୍ଟ କୃଷି କାର୍ଯ୍ୟକ୍ରମ ପ୍ରତିଷ୍ଠା କରାଯିବ, ଯାହା ୧,୧୨୦ଟି ପ୍ରତ୍ୟକ୍ଷ ଓ ପ୍ରାୟ ୩,୭୦୦ଟି ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପୂର୍ଣ୍ଣ କ୍ଷମତାରେ ଏହି କ୍ୟାମ୍ପସରୁ ବାର୍ଷିକ ୧ ହଜାର ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର ଓ ୧ ଲକ୍ଷ ଫିଲ୍ଡ-ସେନ୍ସିଂ ୟୁନିଟ୍ ଉତ୍ପାଦନ କରାଯାଇ ଭାରତ ଓ ବିଦେଶୀ ବଜାରକୁ ରପ୍ତାନୀ କରିବାର ଲକ୍ଷ୍ୟ ରଖାଯାଇଛି।

# 'ନୂଆଁଖାଇ ଭେଟଘାଟ୍-୨୦୨୬' କାର୍ଯ୍ୟକ୍ରମ

## 'ନୂଆଁଖାଇ' କୃଷି, ସଂସ୍କୃତି ଓ ଭାଇଚାରାର ଅନନ୍ୟ ପ୍ରତୀକ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ): 'ନୂଆଁଖାଇ' କେବଳ ଗୋଟିଏ ପର୍ବ ନୁହେଁ, ଏହା ଆମ ମାଟି, କୃଷି, ସଂସ୍କୃତି, ଶ୍ରଦ୍ଧା ଓ ଭାଇଚାରାର ଏକ ଅନନ୍ୟ ପ୍ରତୀକ। ନୂଆଦିଲ୍ଲୀ ସ୍ଥିତ 'ମିଲନ୍ ପରିବାର' ଓ 'ଜୁହାର ଦିଲ୍ଲୀ' ପରିବାର ପକ୍ଷରୁ ଆୟୋଜିତ ପୃଥକ 'ନୂଆଁଖାଇ ଭେଟଘାଟ-୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଷ୍ଟ୍ରୀୟ ରାଜଧାନୀରେ ପ୍ରବାସୀ ଓଡ଼ିଆମାନଙ୍କ ଗହଣରେ ଏହି ପବିତ୍ର ସାଂସ୍କୃତିକ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ନିଜକୁ ଅତ୍ୟନ୍ତ ଆନନ୍ଦିତ ଓ ଗୌରବାନ୍ୱିତ ମନେକରିଥିଲେ। ଏହି ଅବସରରେ ସେ 'ଜୁହାର ଦିଲ୍ଲୀ' ପରିବାର ପକ୍ଷରୁ ଆୟୋଜିତ ଉତ୍ସବରେ କୃତୀ ଓ ପ୍ରତିଭାବାନ ବ୍ୟକ୍ତିବିଶେଷମାନଙ୍କୁ 'ଜୁହାର ସମ୍ମାନ'ରେ ସମ୍ମାନିତ କରିଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ହେଉଛି ଆମ ପରିବାରର ଏକତା, ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା-ସମ୍ମାନ ଜଣାଇବାର ଓ ନବାନ୍ନ ଗ୍ରହଣ ସହ ସାମାଜିକ ସଦ୍‌ଭାବ ବୃଦ୍ଧି କରିବାର ଏକ ପବିତ୍ର ଅବସର। ଦିଲ୍ଲୀରେ ରହୁଥିବା ଆମ ଓଡ଼ିଆ ଭାଇଭଉଣୀମାନଙ୍କୁ ଏକାଠି କରି 'ଜୁହାର ଦିଲ୍ଲୀ' ଗତ ୨୭ ବର୍ଷ ଧରି ଆମ କଳା, ସଂସ୍କୃତି, ପରମ୍ପରା ଓ ଆପଣାପଣକୁ ରାଷ୍ଟ୍ରୀୟ ରାଜଧାନୀରେ ବଞ୍ଚାଇ ରଖିବା ସହ ତାହାର ପ୍ରଚାର ଓ ପ୍ରସାର ପାଇଁ ଯେଉଁ ନିରନ୍ତର ପ୍ରୟାସ କରିଆସୁଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ସେହିପରି 'ମିଲନ ପରିବାର' ମଧ୍ୟ ଓଡ଼ିଶାର ଏହି ମହାନ ପରମ୍ପରା ଓ ସାଂସ୍କୃତିକ ବନ୍ଧନକୁ ବଜାୟ ରଖିଥିବାରୁ ସେ ଦୁଇ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ।

# ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



- ସୁସ୍ଥ ହେଉଛନ୍ତି ୫ ଓରାଙ୍ଗଉଟାନ ଶାବକ: ପିସିସିଏଫ୍
- ଆଗକୁ ଡିଏନ୍‌ଏ ଟେଷ୍ଟ କରାଯିବ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଧାନ ସଚିବ ଭାସ୍କର ଶର୍ମା ଏବଂ ପିସିସିଏଫ୍ ପି.କେ. ଝା ଆଜି ନନ୍ଦନକାନନ ପରିଦର୍ଶନ କରି ହ୍ୟାଣ୍ଡ ରିୟରିଂ ସେଣ୍ଟରରେ ରଖାଯାଇଥିବା ଉଦ୍ଧାରକୃତ ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ଓ ସାମଗ୍ରିକ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଓରାଙ୍ଗଉଟାନଙ୍କ ଚିକିତ୍ସା, ଯତ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ନିରନ୍ତର ନିରୀକ୍ଷଣ, ସର୍ବୋତ୍ତମ ପଶୁ ଚିକିତ୍ସା ସେବା ଏବଂ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଉଦ୍ଧାର ହୋଇଥିବା ୫ଟି କିଶୋର ଓରାଙ୍ଗଉଟାନଙ୍କ ଉପରେ ବିଶେଷଜ୍ଞ ଦଳ ନିୟମିତ ନଜର ରଖିଛନ୍ତି। ସେମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବ୍ୟବହାରିକ ଏନ୍‌ରିଚମେଣ୍ଟ କାର୍ଯ୍ୟକ୍ରମ ସକାରାତ୍ମକ ଫଳ ଦେଉଥିବା ବେଳେ ସେମାନଙ୍କ କାର୍ଯ୍ୟକଳାପ ଓ ସକ୍ରିୟତାରେ ଉନ୍ନତି ଦେଖାଯାଉଛି। ବିଶେଷକରି ଏମ୍ମା ଓ ଏଫ୍୨ ନାମକ ଓରାଙ୍ଗଉଟାନଙ୍କ ସ୍ଥିତିରେ ମଧ୍ୟ ସୁଧାର ଆସିଛି। ଏବେ ସେମାନେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସଙ୍ଗରୋଧ ଗୃହରେ ଚିକିତ୍ସକଙ୍କ ନିରୀକ୍ଷଣରେ ରହିଛନ୍ତି। ଆଗକୁ ଆବଶ୍ୟକତା ଅନୁସାରେ ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରାଯାଇପାରେ ବୋଲି ପିସିସିଏଫ୍ ପ୍ରେମ କୁମାର ଝା ସୂଚନା ଦେଇଛନ୍ତି। ସେମାନେ ସଙ୍ଗରୋଧରେ ରହିବାର ଇତିମଧ୍ୟରେ ୨୦ ଦିନ ପୂରଣ ହୋଇଛି। ଶାବକମାନେ ଏବେ ଖାଦ୍ୟ ଖାଇବା ସହ ଖେଳକୁଦ କରୁଛନ୍ତି ଓ ସକ୍ରିୟ ରହିଛନ୍ତି। ନିୟମନୁଯାୟୀ, ସେମାନଙ୍କୁ ଆହୁରି ୧୦ ଦିନ ସଙ୍ଗରୋଧରେ ରଖାଯିବ। ଏହାପରେ ସେମାନଙ୍କୁ ନନ୍ଦନକାନନର କେଉଁ ସ୍ଥାନରେ ରଖାଯିବ, ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

# ଦକ୍ଷିଣ ମିଆଁମାର ଉପକୂଳରେ ସୃଷ୍ଟି ହେଲା ଲଘୁଚାପ

- ୨୪ ଘଣ୍ଟାରେ ଉତ୍ତର ଆଣ୍ଡାମାନ ସାଗରକୁ ଗତି



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଦକ୍ଷିଣ ମିଆଁମାର ଉପକୂଳରେ ସୃଷ୍ଟି ହୋଇଛି ଲଘୁଚାପ। ଏହାସହ ଆସନ୍ତା ୨୪ ଘଣ୍ଟାରେ ଏହି ଲଘୁଚାପ ଉତ୍ତର ଆଣ୍ଡାମାନ ସାଗରକୁ ଗତି କରିବ ବୋଲି ଜଣାପଡ଼ିଛି। ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ବାନା ବାନ୍ଧିବା ଆରମ୍ଭ କରିଛି। କେନ୍ଦ୍ରୀୟ ଥାଇଲାଣ୍ଡ ଉପରରେ ସକ୍ରିୟ ଥିବା ଏହି ଘୂର୍ଣ୍ଣିବଳୟର ପ୍ରଭାବରେ ଆଜି ଦକ୍ଷିଣ ମିଆଁମାର ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୯.୪ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ଏହି ଲଘୁଚାପ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଣ୍ଡାମାନ ସାଗର ଓ ମିଆଁମାର ସଂଲଗ୍ନ ଇରାୱାଡ଼ି ଅଞ୍ଚଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହି ଲଘୁଚାପର ଗତିପଥ ଓ ତୀବ୍ରତା କିପରି ବଦଳିବ, ତାହା ଉପରେ ନଜର ରହିଛି। ବିଶେଷଜ୍ଞଙ୍କ ଏହା ଆଣ୍ଡାମାନ ସାଗରରେ ପହଞ୍ଚିବା ପରେ ଆହୁରି ସଂଗଠିତ ହେଉଛି କି ନାହିଁ ଏବଂ ପରବର୍ତ୍ତୀ ଗତିପଥ କେଉଁ ଦିଗରେ ରହିବ, ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ।

# ମଧ୍ୟପ୍ରଦେଶରୁ ଶିମିଳିପାଳ ଆସିବେ ୩ ବାଘ



ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ): ମଧ୍ୟପ୍ରଦେଶରୁ ଓଡ଼ିଶାକୁ ଆସିବେ ୩ ମହାବଳ ବାଘ। ରାଜ୍ୟ ସରକାରଙ୍କ ଔପଚାରିକ ଅନୁରୋଧକୁ ଅପେକ୍ଷା କରିଛି ମଧ୍ୟପ୍ରଦେଶ ବନବିଭାଗ। ସେମାନେ ଶୀତ ଋତୁରେ ରାଜ୍ୟ ବନବିଭାଗ ନିକଟକୁ ଏହି ପ୍ରସ୍ତାବ ପଠାଇ ପାରନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ ମିଳିବା ପରେ ସ୍ଥାନାନ୍ତର ପାଇଁ ବାଘ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଛତିଶଗଡ଼ ବନବିଭାଗ ପକ୍ଷରୁ କୁହାଯାଇଛି। ବନ୍ୟପ୍ରାଣୀ ବିଭାଗର ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ(ଏପିସିସିଏଫ୍) ଏଲ୍. କୃଷ୍ଣମୂର୍ତ୍ତୀ ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟ ମଧ୍ୟରେ ବାଘ ସ୍ଥାନାନ୍ତର ଯୋଜନା ଅଧୀନରେ ଛତିଶଗଡ଼କୁ ୪ଟି, ଓଡ଼ିଶାକୁ ୩ଟି ଏବଂ ରାଜସ୍ଥାନକୁ ଗୋଟିଏ ବାଘ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ରାଜ୍ୟ ଗୁଡ଼ିକ ପକ୍ଷରୁ କୌଣସି ଦାବି କରାଯାଇ ନାହିଁ। ତେଣୁ ଦାବି ମିଳିବା ପରେ ହିଁ ସ୍ଥାନାନ୍ତର ପାଇଁ ବାଘ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବ। ମଧ୍ୟପ୍ରଦେଶର ବାନ୍ଧବଗଡ଼, ପେଞ୍ଚ୍ ଏବଂ ସାତପୁରା ବାଘ ସଂରକ୍ଷଣ କେନ୍ଦ୍ରରେ ବାଘ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଓଡ଼ିଶାର ଶିମିଳିପାଳ, ସାତକୋଶିଆ ଅଭୟାରଣ୍ୟରେ ମହାବଳଙ୍କ ଖାଦ୍ୟ ବିଶେଷକରି ବରହା ଓ ହରିଣ ପ୍ରଚୁର ପରିମାଣର ଉପଲବ୍ଧ।

# ଭିଜିଲାନ୍ସ ଜାଲରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଏଇଇ



ମାଲକାନଗିରି,୨୭।୯(ସଂଚାର ବ୍ୟୁରୋ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ (ଏଇଇ) ଶିଶିର କୁମାର ଦାଶଙ୍କ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ସେ ତାଙ୍କ ଜଣାଶୁଣା ଆୟ ଉତ୍ସଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଏହି ଚଢ଼ାଉ ଜାରି ରହିଛି। ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭୁବନେଶ୍ୱର, ବ୍ରହ୍ମପୁର ଓ ମାଲକାନଗିରିର ମୋଟ ୬ଟି ସ୍ଥାନରେ ଏହି ଚଢ଼ାଉ କରୁଛି। ଚଢ଼ାଉରେ ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର ଓ ଅନ୍ୟ ଭିଜିଲାନ୍ସ କର୍ମଚାରୀ ସାମିଲ ହୋଇଛନ୍ତି। ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ୪ ମହଲା କୋଠା, ବ୍ରହ୍ମପୁରର ନୀଳାଚଳ ନଗରସ୍ଥିତ ଦୁଇ ମହଲା କୋଠା, ଗଞ୍ଜାମ ଜିଲ୍ଲା ବାସୁଦେବପୁର ଗୋବରାସ୍ଥିତ ଘର, ବ୍ରହ୍ମପୁରର ଗଜପତି ନଗରସ୍ଥିତ ପୈତୃକ ଘର, ମାଲକାନଗିରିରେ ଥିବା ଭଡ଼ା ଘର ଓ ମାଲକାନଗିରି ଡିଆର୍‌ଡିଏ କାର୍ଯ୍ୟାଳୟରେ ଥିବା ତାଙ୍କ ଚାମ୍ବରରେ ଚଢ଼ାଉ ଜାରି ରହିଛି।

# ନାବାଳକଙ୍କୁ ହତ୍ୟା କରି ଦୁଇ କୋଠା ମଝିରେ ଫିଙ୍ଗିଦେଲେ ଦୁର୍ବୃତ୍ତ

ସମ୍ବଲପୁର,୨୭।୯(ସଂଚାର ବ୍ୟୁରୋ): ବୁର୍ଲା ଥାନା ଅନ୍ତର୍ଗତ ଢିପାପଡ଼ା ଅଞ୍ଚଳରେ ରବିବାର ସକାଳେ ଏକ ନାବାଳିକଙ୍କ ମୃତଦେହକୁ ଠାବ କରିଛି ପୁଲିସ। ଉଦ୍ଧାର ମୃତଦେହଟି ୱାନ୍ ଆର୍ କଲୋନୀର ଜନୈକ ୧୫ ବର୍ଷୀୟ ନାବାଳକଙ୍କର ବୋଲି ଚିହ୍ନଟ କରାଯାଇଛି। ସୂଚନାନୁଯାୟୀ, ଢିପାପଡ଼ାରେ ଥିବା ଦୁଇଟି କୋଠା ମଝିରେ ଥିବା ଏକ ଫାଙ୍କା ସ୍ଥାନରେ ନାବାଳକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହକୁ ଉଦ୍ଧାର କରାଯାଇନାହିଁ। ଗତକାଲି ବିଳମ୍ବିତ ରାତିରେ ନିଶା ଦ୍ରବ୍ୟ ସେବନକୁ କେନ୍ଦ୍ର କରି କେତେକ ଯୁବକ ଓ ନାବାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବିବାଦରୁ ହିଁ ଉକ୍ତ ନାବାଳକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

# ପୁଣି ମହାନଦୀରେ ଆସୁଛି ଛୋଟ ବନ୍ୟା

- ୨୪ରୁ ୪୮ ଘଣ୍ଟା ଜଳବନ୍ଦୀ ଆଶଙ୍କା
- ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ଆଲର୍ଟ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ପୁଣି ମହାନଦୀରେ ଆସୁଛି ଛୋଟ ବନ୍ୟା। ଚଳିତ ବର୍ଷର ଚତୁର୍ଥ ବନ୍ୟା ମହାନଦୀରେ ଆସୁଛି ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଲଘୁଚାପ ପ୍ରଭାବରେ ଜଳସ୍ତର ବଢ଼ିଛି। ମହାନଦୀ ଉପରମୁଣ୍ଡ ଛତିଶଗଡ଼ରେ ବର୍ଷା ଯୋଗୁଁ ଜଳସ୍ତର ବଢ଼ିଛି। ହୀରାକୁଦରେ ବର୍ତ୍ତମାନ ୬୨୮.୧୯ ଫୁଟ ଜଳସ୍ତର ଅଛି। ବର୍ତ୍ତମାନ ୨୪ଟି ଗେଟ୍ ଖୋଲା ଅଛି। ଆବଶ୍ୟକ ପଡ଼ିଲେ ଆସନ୍ତାକାଲି ଆଉ କିଛି ଗେଟ୍ ଖୋଲାଯାଇପାରେ।

ଦିଲୀପ ରାଉତ କହିଛନ୍ତି ଯେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପାଇଁ ୨୪ଟି ଗେଟ୍ ଖୋଲାଯାଇଛି। ମୁଣ୍ଡଳୀଠାରେ ଯେପରି ଜଳପ୍ରବାହ ୮ ଲକ୍ଷ କ୍ୟୁସେକ୍‌ରୁ ଅଧିକ ନ ହୁଏ, ସେଥିପାଇଁ ହୀରାକୁଦ ଡ୍ୟାମ୍‌ରୁ ଖଲାସ ହେଉଥିବା ପାଣିକୁ କଡ଼ା ନିୟନ୍ତ୍ରଣରେ ରଖାଯାଇଛି। ତେବେ ମହାନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନଦୀକୂଳବର୍ତ୍ତୀ ତଥା ତଳିଆ ଅଞ୍ଚଳ ପ୍ରଭାବିତ ହୋଇପାରେ। ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ (୧୮.୩୩ ମିଟର) ତଳେ ୧୮.୨୧ ରହିଛି। ଗୋବିନ୍ଦପୁରଠାରେ ବୁଢ଼ାବଳଙ୍ଗର ଜଳସ୍ତର ୮.୧୩ ମିଟର ଥିବା ବେଳେ ଏହା ୭.୮୬ ମିଟରରେ ପ୍ରବାହିତ ହେଉଛି।

ରବିବାର ସନ୍ଧ୍ୟା ସୁଦ୍ଧା ଏହା ଆହୁରି ହ୍ରାସ ପାଇ ୭.୨୧ ମିଟରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ତେବେ ଜଳକା ନଦୀରେ ବିପଦ ସଙ୍କେତ ୬.୫ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୬.୬୬ ମିଟର ରହିଛି, ଯାହା ଆଗାମୀ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ରହିବ। ଦକ୍ଷିଣ ଓଡ଼ିଶାରେ ପ୍ରବାହିତ ଇନ୍ଦ୍ରାବତୀ, କୋଲାବ, ବାଲିମେଳା, ବଂଶଧାରା ଓ ଋଷିକୂଲ୍ୟା ନଦୀର ଜଳସ୍ତର କମିବାରେ ଲାଗିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

### ବିନା ରେଜିଷ୍ଟ୍ରେସନରେ କୀଟନାଶକ ବିକ୍ରି କରୁଥିଲେ ଆମାଜନ

# ଫ୍ଲିପ୍‌କାର୍ଟ ଓ ଜିଓମାର୍ଟକୁ ୨୫ ଲକ୍ଷ ପର୍ଯ୍ୟନ୍ତ ଫାଇନ

ନୂଆଦିଲ୍ଲୀ,୨୭।୯: ଅନ୍‌ଲାଇନ୍ ଶପିଂରେ ଯେଉଁମାନେ ଚାଷାବାଷ ପାଇଁ କୀଟନାଶକ କିଣୁଥିଲେ ସେମାନଙ୍କ ପାଇଁ ବଡ଼ ଖବର। ଅନୁମୋଦନ ଓ ପଞ୍ଜୀକରଣ ନଥିବା କୀଟନାଶକ 'ସାଇକ୍ଲୋସିନୋନ୍ ହର୍ବିସାଇଡ୍'ବିକ୍ରି ଅଭିଯୋଗରେ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା କର୍ତ୍ତୃପକ୍ଷ (CCPA) ଆମାଜନ, ଫ୍ଲିପକାର୍ଟ ଓ ଜିଓମାର୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମାଜନ ଓ ଫ୍ଲିପକାର୍ଟ ଉପରେ ୧୦-୧୦ ଲକ୍ଷ ଓ ଜିଓମାର୍ଟ ଉପରେ ୫ ଲକ୍ଷ ଜରିମାନା ଲଗାଯାଇଛି। ଏଥିସହିତ ଏଗୁଡ଼ିକର ବିକ୍ରି ଓ ବିଜ୍ଞାପନ ଉପରେ ତୁରନ୍ତ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ଫଳରେ ଏଥିରେ କୃଷକ ଓ ସାଧାରଣ ଗ୍ରାହକଙ୍କ ସୁରକ୍ଷା ହୋଇପାରିବ। ଅନ୍ଲାଇନ ପ୍ଲାଟଫର୍ମଗୁଡ଼ିକରେ ଏଗୁଡ଼ିକର ପ୍ରବଳ ବିକ୍ରି ହୋଇଥିଲା CCPAର ତଥ୍ୟ ଅନୁସାରେ, ଏହାର ବିକ୍ରି ପାଇଁ ଅନୁମୋଦନ ନଥିଲେ ବି କେବଳ ଆମାଜନ ମାଧ୍ୟମରେ ଏହି ଉତ୍ପାଦ ପାଇଁ ୩୮,୪୧୦ଟି ଅର୍ଡର ଆସିଥିବା ବେଳେ ମୋଟ ୪୩,୬୩୪ଟି ପ୍ୟାକେଟ୍ ବିକ୍ରି ହୋଇଥିଲା। ଏହି ଉତ୍ପାଦଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ୯୬.୪୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଏତେ ବଡ଼ ପରିମାଣରେ ଉତ୍ପାଦ ବିକ୍ରି ହୋଇଥିବାରୁ ଏହା ଉପରେ ନିୟନ୍ତ୍ରଣ ଓ ଯାଞ୍ଚ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।



ବେଆଇନ ବିକ୍ରି ନେଇ ଖବର ସାମ୍ନାକୁ ଆସିବା ପରେ କୃଷକ ସଂଗଠନ କ୍ରପ୍ କେୟାର ଫେଡେରେସନ୍ ଅଫ୍ ଇଣ୍ଡିଆ ଏନେଇ ଅଭିଯୋଗ କରିଥିଲା। ଏହାପରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରେ ଜଣାପଡ଼ିଥିଲା ଯେ 'ସାଇକ୍ଲୋସିନୋନ୍' ନାମକ ରସାୟନ କୀଟନାଶକ ଆଇନ, ୧୯୬୮ ଅଧୀନରେ ଅନୁମୋଦିତ କୀଟନାଶକ ତାଲିକାରେ ନାହିଁ। ଏହାର ଅର୍ଥ ହେଲା ଏହି କୀଟନାଶକ ଫସଲ, ମାଟି ଓ ମଣିଷ ପାଇଁ ପାଇଁ କେତେ ସୁରକ୍ଷିତ ସେ ନେଇ ସରକାରୀ ଯାଞ୍ଚ ହୋଇ ନାହିଁ। ବିନା ଯାଞ୍ଚ ଓ ସରକାରୀ ମଞ୍ଜୁରୀରେ ଅନଲାଇନ ପ୍ଲାଟଫର୍ମରେ ଏଗୁଡ଼ିକ ଡେମିକି ବିକ୍ରି ହେଲା ସେ ନେଇ ପ୍ରଶ୍ନ ଉଠିଛି। କୃଷିରେ ବ୍ୟବହୃତ ହେଉଥିବା ଏହି କୀଟନାଶକରେ କେଉଁ କେଉଁ ରସାୟନ ସାମଗ୍ରୀ ରହିଛି, ସେ ସମ୍ପର୍କରେ ଆବଶ୍ୟକ ସୂଚନା ସ୍ପଷ୍ଟ ଭାବେ ନ ଦେଇ ଅନଲାଇନ୍ରେ ବିକ୍ରି କରାଯାଉଥିବା ଜଣାପଡ଼ିବା ପରେ ସିସିପିଏ ଆଭିମୁଖ୍ୟ କଡ଼ା କରିଥିଲା। ଏହାପରେ ସିସିପିଏ ତିନୋଟି ଇ-କମର୍ସ କମ୍ପାନୀକୁ ସେମାନଙ୍କ ପ୍ଲାଟଫର୍ମରେ ବିକ୍ରି ହେଉଥିବା କୃଷି ସାମଗ୍ରୀର ନିଜସ୍ୱ ଯାଞ୍ଚ କରିବାକୁ କହିଛି। ଆଇନ ଉଲ୍ଲଂଘନ କରୁଥିବା କିମ୍ବା ଗ୍ରାହକଙ୍କ ପାଇଁ ସମ୍ଭାବ୍ୟ ବିପଦ ଥିବା ଉତ୍ପାଦ ଅନଲାଇନରେ ବିକ୍ରି ନହେବା ନିଶ୍ଚିତ କରିବାକୁ ମଧ୍ୟ କୁହାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ୧୫ ଦିନ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସିସିପିଏ କାର୍ଯ୍ୟାନୁଷ୍ଠାନ ନେବା ସମୟରେ ଅନ୍ଲାଇନ କମ୍ପାନୀଗୁଡ଼ିକ ବିକ୍ରେତାଙ୍କୁ ଦାୟୀ କରି ଖସିଯିବାକୁ ଚେଷ୍ଟା କରିଥିଲେ। ଆମାଜନ ଓ ଫ୍ଲିପକାର୍ଟ କହିଥିଲେ ଯେ ପ୍ଲାଟଫର୍ମରେ ବିକ୍ରି ହେଉଥିବା ସାମଗ୍ରୀର ବୈଧତା ଓ ଗୁଣବତ୍ତା ପାଇଁ ସମ୍ପୃକ୍ତ ସେଲର ଦାୟୀ। କମ୍ପାନୀ ଓ ସେଲରଙ୍କ ମଧ୍ୟରେ ଏନେଇ ଚୁକ୍ତି ରହିଥିବା ନେଇ ଯୁକ୍ତି ଦେଇଥିଲେ କମ୍ପାନୀ।

ତେବେ ସିସିପିଏ କିନ୍ତୁ ଏନେଇ ରୋକଠୋକ୍ ଶୁଣାଇଥିଲା। କମ୍ପାନୀ ଓ ସେଲରଙ୍କ ମଧ୍ୟରେ ଥିବା କୌଣସି ବ୍ୟକ୍ତିଗତ ଚୁକ୍ତି ଦେଶର ଆଇନ ଓ ଗ୍ରାହକଙ୍କ ସୁରକ୍ଷାଠାରୁ ଉପରେ ନୁହେଁ ବୋଲି ସିସିପିଏ କହିଥିଲା। ସେଲରଙ୍କ ପକ୍ଷରୁ ଭୁଲ କିମ୍ବା ଅସମ୍ପୂର୍ଣ୍ଣ ସୂଚନା ଦିଆଯାଇପାରେ ବୋଲି ମଧ୍ୟ ସିସିପିଏ ଅନ୍ଲାଇନ ପ୍ଲାଟଫର୍ମଗୁଡ଼ିକୁ କହିଥିଲା। ଅନ୍ଲାଇନରେ ଏଭଳି ଅନେକ ପ୍ରଡକ୍ଟ ବିକ୍ରି ହେଉଥାଇପାରେ, ଯାହାର ଅସଲିପଣ ଓ ମାନକୁ ନେଇ ପ୍ରଶ୍ନ କରାଯାଇପାରେ। ତେଣୁ ଅନଲାଇନରେ ବିକ୍ରି ହେଉଥିବା କୃଷି ଔଷଧ ଓ କୀଟନାଶକ କିଣିବା ପୂର୍ବରୁ ଗ୍ରାହକ ଏହାର ଅନୁମୋଦନ, ପଞ୍ଜୀକରଣ, ଲେବଲ୍ ଓ ଉତ୍ପାଦ ସମ୍ପର୍କିତ ଆବଶ୍ୟକ ସୂଚନା ଯାଞ୍ଚ କରିବା ନିହାତି ଜରୁରୀ।

## ବିଶ୍ୱର ୧୦ ଶ୍ରେଷ୍ଠ ବଜେଟ୍ ଏୟାର ଲାଇନ୍ସ ମଧ୍ୟରେ ଇଣ୍ଡିଗୋ

ନୂଆଦିଲ୍ଲୀ,୨୭।୯: ପ୍ରମୁଖ ବିମାନ ସେବା କମ୍ପାନି ଇଣ୍ଡିଗୋ ନୂଆ ସଫଳତା ହାସଲ କରିଛି । ବିଶ୍ୱର ଶ୍ରେଷ୍ଠ ୧୦ ବଜେଟ ଏୟାରଲାଇନ୍ସ ମଧ୍ୟରେ କମ୍ପାନି ୯ମ ସ୍ଥାନ ହାସଲ କରିଛି । ସ୍କାଇଟ୍ରାକ୍ସ ଦ୍ୱାରା ପ୍ରକାଶିତ ୱାର୍ଲଡ ଏୟାରଲାଇନ୍ସ ସୂଚକାଙ୍କରେ ଟପ୍ ୧୦ ମଧ୍ୟରେ କମ୍ପାନି ସ୍ଥାନ ଜାହିର କରିଛି । ୱାର୍ଲଡ ଏୟାର ଲାଇନ ଆୱାର୍ଡରେ ଇଣ୍ଡିଗୋକୁ ୩ଟି ଆଞ୍ଚଳିକ ପୁରସ୍କାର ମିଳିଛି । ଏହାବାଦ ଏୟାର ଇଣ୍ଡିଆକୁ ଆଞ୍ଚଳିକ ବର୍ଗରେ ୪ଟି ଆୱାର୍ଡ ମିଳିଛି । ସର୍ବୋତ୍ତମ ବଜେଟ ଏୟାର ଲାଇନ ତାଲିକାରେ ମାଲେସିଆର ଏୟାର ଏସିଆ ଲଗାତାର ୧୭ଥର ଲାଗି ବିଶ୍ୱର ୧ ନମ୍ବର ବଜେଟ ବିମାନ କମ୍ପାନି ସ୍ଥାନ ହାସଲ କରିଛି । ଅନ୍ୟପଟେ ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କାର କୌଣସି ବିମାନ କମ୍ପାନି ଟପ୍ ୧୦୦ରେ ମଧ୍ୟ ନାହାନ୍ତି । ଟପ୍ ୧୦ରେ ଥିବା ଅନ୍ୟ କମ୍ପାନି ଗୁଡିକ ମଧ୍ୟରେ ସିଙ୍ଗାପୁରର ସ୍କୁଟ, ସ୍ପେନର ବୁଏଲିଂ, ଜର୍ମାନୀର ୟୁରୋଗ୍ରୁପ, ସ୍ପେନର ଇବେରିଆ ଏକ୍ସପ୍ରେସ, ବୋଲୋଟିଆ, ସାଉଦି ଆରବ ଫ୍ଲାୟନ୍ସ ଏବଂ ଆମେରିକାର ଏଲିଜିଏଣ୍ଟ ଏଆର ରହିଛି । ଇଣ୍ଡିଗୋ ଭାରତ ଏବଂ ଦକ୍ଷିଣ ଏସିଆର ୧୬ଥର ପାଇଁ ସର୍ବୋତ୍ତମ ବଜେଟ ଏୟାରଲାଇନ ହୋଇଛି।




## ଅକ୍ଟୋବର ୧ରୁ ମହଙ୍ଗା ହେବ ଏସି, ଟିଭି ଓ ୱାଶିଂ ମେସିନ୍



ନୂଆଦିଲ୍ଲୀ,୨୭।୯: ପାର୍ବଣ ଋତୁ ପୂର୍ବରୁ ଗ୍ରାହକଙ୍କୁ ଝଟ୍‌କା ଲାଗିପାରେ। ଆସନ୍ତା ଅକ୍ଟୋବର ୧ ତାରିଖରୁ ଦେଶରେ ଏୟାର କଣ୍ଡିସନର (AC), ଏଲଇଡି ଟିଭି (LED TV), ୱାଶିଂ ମେସିନ୍, ରେଫ୍ରିଜରେଟର ଭଳି ବୈଦ୍ୟୁତିକ ଉପକରଣଗୁଡ଼ିକର ଦର ବୃଦ୍ଧି ପାଇବାକୁ ଯାଉଛି। କଞ୍ଚାମାଲଦର ବୃଦ୍ଧି କାରଣରୁ ନିର୍ମାତା କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦର ମୂଲ୍ୟ ୫ ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ମଧ୍ୟରେ ଏହା ତୃତୀୟ ଥର ପାଇଁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଦାମ୍ ବୃଦ୍ଧି ପାଇବାକୁ ଯାଉଛି। କମ୍ପାନୀଗୁଡ଼ିକର ସୂଚନା ଅନୁଯାୟୀ, ତମ୍ବା (Copper), ଆଲୁମିନିୟମ୍, ଷ୍ଟିଲ୍, ପ୍ଲାଷ୍ଟିକ୍ ଏବଂ ଅଶୋଧିତ ତୈଳ ସହ ଜଡ଼ିତ ସାମଗ୍ରୀର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାସହ ମାଲ ପରିବହନ ଖର୍ଚ୍ଚ ବଢ଼ିବା ଏବଂ ବୈଦେଶିକ ମୁଦ୍ରା ବିନିମୟ ହାରରେ ଅସ୍ଥିରତା ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ହାୟର ଇଣ୍ଡିଆ (Haier India)ର ସଭାପତି ଏନ୍.ଏସ. ସତୀଶଙ୍କ କହିବା ଅନୁଯାୟୀ, ଗୋଟିଏ ଏସି ପ୍ରସ୍ତୁତିରେ ପ୍ରାୟ ୩ ରୁ ୪ କିଲୋଗ୍ରାମ ତମ୍ବା ବ୍ୟବହୃତ ହୋଇଥାଏ। ଗତବର୍ଷ ତମ୍ବାର ମୂଲ୍ୟ ଟନ୍ ପିଛା ୮,୦୦୦ ରୁ ୯,୦୦୦ ଡଲାର ଥିବାବେଳେ ଏବେ ତାହା ବୃଦ୍ଧି ପାଇ ପ୍ରାୟ ୧୪,୫୦୦ ଡଲାରରେ ପହଞ୍ଚିଛି। ଫଳରେ ଏସିର ଉତ୍ପାଦନ ଖର୍ଚ୍ଚ ସିଧାସଳଖ ବଢ଼ିଯାଇଛି। ଏୟାର କଣ୍ଡିସନର (AC): ଦର ୫ ରୁ ୮ ପ୍ରତିଶତ ବୃଦ୍ଧି ପାଇବ। ଟିଭି, ୱାଶିଂ ମେସିନ୍ ଓ ଫ୍ରିଜ୍: ମୂଲ୍ୟ ୨ ରୁ ୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଡାଇକିନ୍ (Daikin): କମ୍ପାନୀ ସେପ୍ଟେମ୍ବର ୧୬ ତାରିଖରୁ ହିଁ ସେମାନଙ୍କ ଏସି ମୂଲ୍ୟରେ ୮ ରୁ ୧୦ ପ୍ରତିଶତ ବୃଦ୍ଧି କରିସାରିଛି। ଏଲଜି (LG) ଓ ହିଟାଚି (Hitachi/Bosch): ଏସି ମୂଲ୍ୟରେ ପ୍ରାୟ ୫ ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ପାର୍ବଣ ଋତୁ କମ୍ପାନୀଗୁଡ଼ିକର ବାର୍ଷିକ ବିକ୍ରିର ପ୍ରାୟ ୩୦ ରୁ ୪୦ ପ୍ରତିଶତ ହୋଇଥିବାରୁ, ବଜାରରେ ଏହାର ପ୍ରଭାବ କିପରି ରହିବ ସେ ନେଇ କେତେକ କମ୍ପାନୀ ସ୍ଥିତିର ଆକଳନ କରୁଛନ୍ତି। ବ୍ୟବସାୟୀଙ୍କ ପାଖରେ ପୁରୁଣା ଦରର ଷ୍ଟକ୍ ଉପଲବ୍ଧ ଥିବାରୁ ଆସନ୍ତା ମାସେରୁ ଦେଢ଼ ମାସ ପର୍ଯ୍ୟନ୍ତ ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ସୀମିତ ରହିପାରେ।

# ଅକ୍ଟୋବରରୁ ପିଏଫ ଲାଗି ବେତନରୁ କଟିବ ଦରମା

ନୂଆଦିଲ୍ଲୀ,୨୭।୯: ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ସଙ୍ଗଠନ (ଇପିଏଫଓ) ପ୍ରୋଭିଡେଣ୍ଟ ଫଣ୍ଡ(ପିଏଫ) ସାଲାରୀ ସୀମା ୧୫ ହଜାର ଟଙ୍କାରୁ ବଢ଼ାଇ ୨୫ ହଜାର ଟଙ୍କା କରିଦେଇଛନ୍ତି। ଏହି ନୂଆ ନିୟମ ସେପ୍ଟେମ୍ବର ୧୭ ତାରିଖରୁ ସାରା ଦେଶରେ ଲାଗୁ ହୋଇଯାଇଛି। ସେପ୍ଟେମ୍ବରରେ ପୁରୁଣା ଓ ନୂଆ ନିୟମ ଅନୁସାରେ ଅଲଗା ଅଲଗା ହିସାବ ହେବ। ଅକ୍ଟୋବର ମାସରୁ ନୂଆ ବ୍ୟବସ୍ଥାର ପୁରା ପ୍ରଭାବ ଦେଖାଯିବ। ଏହି ପିରବର୍ତ୍ତନର ପ୍ରଭାବ ଖାସ କରି ସେହି କର୍ମଚାରୀଙ୍କ ଉପରେ ପଡିବ ଯେଉଁମାନଙ୍କ ପିଏଫ ଲାଗି ବେସିକ ସାଲାରୀ ୧୫ରୁ ୨୫ ହଜାର ମଧ୍ୟରେ ରହୁଥିବ। ଏପରି କର୍ମଚାରୀଙ୍କ ପିଏଫ ଯୋଗଦାନ ବଢିପାରେ, ଅର୍ଥାତ ହାତକୁ ଆସୁଥିବା ବେତନ କମି ପାରେ।

ଭାବନ୍ତୁ ଆପଣଙ୍କ ପିଏଫ ବେତନ ୨୦ ହଜାର ଟଙ୍କା। ଅକ୍ଟୋବର ମାସରୁ କର୍ମଚାରୀଙ୍କ ଯୋଗଦାନ ୧୨% ହିସାବରେ ୨,୪୦୦ ଟଙ୍କା ହେବ । ପୂର୍ବରୁ ୧୫ ହଜାର ଟଙ୍କା ସୀମା କାରଣରୁ ଏହି ଯୋଗଦାନ ୧,୮୦୦ ଟଙ୍କା ଥିଲା। ଅର୍ଥାତ ଏବେଠାରୁ ପ୍ରତି ମାସରେ ପିଏଫ ବାବଦକୁ ଅଧିକ ୬୦୦ ଟଙ୍କା କଟିବ। ଏଥିରେ ନିଯୁକ୍ତି ଦାତା ମଧ୍ୟ ୨,୪୦୦ ଟଙ୍କା ଯୋଗଦାନ କରିବେ, ହେଲେ ପୁରା ପଇସା ଇପିଏଫକୁ ଯିବ ନାହିଁ। ଏଥିରୁ ୧,୬୬୬ ଟଙ୍କା ଇପିଏସ୍ ଅର୍ଥାତ ପେନସନ୍ ସ୍କିମକୁ ଯିବ, ବଳକା ୭୩୪ ଟଙ୍କା ଇପିଏଫ ଖାତାରେ ଜମା ହେବ। ଏହି ହିସାବରେ ଯେଉଁ କର୍ମଚାରୀଙ୍କ ବେତନ ୨୦ ହଜାର ଟଙ୍କା ସବୁ ମାସରେ ପିଏଫକୁ ୪,୮୦୦ ଟଙ୍କା ଯିବ, ପୂର୍ବରୁ ଏହି ରାଶି ୩,୬୦୦ ଟଙ୍କା ଥିଲା।

ଏଠାରେ ଏକ କଥା ବୁଝିବା ଜରୁରି। ୨୫ ହଜାର ଟଙ୍କା ନୂଆ ବେତନ ସୀମା। ଏହାର ଅର୍ଥ ନୁହେଁ ଯେ ସବୁ କର୍ମଚାରୀଙ୍କ ପିଏଫ ୨୫ ହଜାର ଟଙ୍କା ଆଧାରରେ କଟିବ। ଯଦି କୌଣସି କର୍ମଚାରୀଙ୍କ ବେତନ ୨୫ ହଜାର ଟଙ୍କାରୁ କମ୍ ତେବେ ଯୋଗଦାନ ସେହି ବେତନ ଆଧାରରେ ହେବ। ପିଏଫ ବେତନ ଓ ଗ୍ରସ ସାଲାରୀ ଏକାଭଳି ହୋଇ ନଥାଏ। ଇପିଏଫଓ ଅକ୍ଟୋବର ଉଦାହରଣ ମୁତାବକ ୧୦ ହଜାର ଟଙ୍କାର ପିଏଫ ବେତନ ଉପରେ କର୍ମଚାରୀଙ୍କ ଯୋଗଦାନ ୧୨,୦୦ ଟଙ୍କା ହେବ। ଅର୍ଥାତ ସବୁ ମାସରେ ଅଧିକ ୬୦୦ ଟଙ୍କା ପିଏଫ ଆକାଉଣ୍ଟରେ ଜମା ହେବ, ଯାହାର ସିଧା ପ୍ରଭାବ ଟେକ ହୋମ ସାଲାରୀ ଉପରେ ପଡିବ। ତେବେ ବାସ୍ତବିକ ପ୍ରଭାବ ଆପଣଙ୍କ ସାଲାରୀ ଷ୍ଟ୍ରକ୍ଚର ଓ ଏବେକା ପିଏଫ ବ୍ୟବସ୍ଥା ଉପରେ ନିର୍ଭର କରିବ। ଏହି ପରିବର୍ତ୍ତନର ଦ୍ୱିତୀୟ ଦିଗଟି ହେଉଛି କର୍ମଚାରୀଙ୍କ ପିଏଫରେ ଅଧିକ ପଇସା ଜମା ହେବ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହା ଦ୍ୱାରା ରିଟାୟାରମେଣ୍ଟ ଲାଗି ଜମା ହେଉଥିବା ରାଶି ମଧ୍ୟ ବଢିବ। ଇପିଏଫଓ ଏହା ବି ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀ ଓ ନିଯୁକ୍ତିଦାତା ଅର୍ଥାତ କମ୍ପାନୀଙ୍କ ଯୋଗଦାନ ପୃଥକ ପୃଥକ। ନିଯୁକ୍ତିଦାତାଙ୍କ ଯୋଗଦାନ କର୍ମଚାରୀଙ୍କ ବେତନରୁ କାଟି ଦିଆଯିବନି।




## ଅକ୍ଟୋବରରେ ଆସିବ ୧୦୦% ଇଥାନଲ୍ କାର୍

ନୂଆଦିଲ୍ଲୀ,୨୭।୯:ଟୟୋଟା ପକ୍ଷରୁ ଆସନ୍ତା ଅକ୍ଟୋବରରେ ଭାରତର ପ୍ରଥମ ୧୦୦ ପ୍ରତିଶତ ଇଥାନଲ୍‌ରେ ଚାଲୁଥିବା କାର୍ ଉନ୍ମୋଚନ କରାଯିବ। ଏ ସମ୍ପର୍କରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟାୟୋଟାର ଇଲେକ୍ଟ୍ରିକ୍ ଫ୍ଲେକ୍ସ-ଫୁଏଲ୍ ଇନୋଭାର ଉନ୍ମୋଚନ କାର୍ଯ୍ୟକ୍ରମକୁ ଅତିଥି ଭାବେ ତାଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଗାଡ଼ି ଚାଳନା ଖର୍ଚ୍ଚପେଟ୍ରୋଲ୍ କାର୍ ତୁଳନାରେ ଲିଟର ପିଛା ୨୫ ଟଙ୍କା କମ୍ ରହିବ ବୋଲି ସେ ଦାବି କରିଛନ୍ତି। ଟୟୋଟା ଆଣିବାକୁ ଥିବା ନୂଆ ଇନୋଭାରେ ଏକ ଇଥାନଲରେ ଚାଲୁଥିବା ଦହନଶୀଳ ଇଞ୍ଜିନ ସହିତ ଏକ ହାଇବ୍ରିଡ୍ ଇଲେକ୍ଟ୍ରିକ ପାୱାରଟ୍ରେନ୍‌ର ମିଶ୍ରଣ ରହିବ। ଇନ୍ଧନକୁ ବ୍ୟବହାର କରି ଗାଡ଼ି ଚାଲିବା ବେଳେ ତାହାର ବ୍ୟାଟେରି ଚାର୍ଜ ହେବ। ବ୍ୟାଟେରି ଚାର୍ଜ ହୋଇଗଲେ ଇନ୍ଧନ ସଞ୍ଚୟ ହେବ ଓ ଗାଡ଼ି ବ୍ୟାଟେରିରେ ଚାଲିବ। ଏହିଭଳି ଭାବେ ସେଥିରେ ଇନ୍ଧନ ବାବଦ ଖର୍ଚ୍ଚ କମିଯିବ। ଗଡ଼କରୀ କହିଛନ୍ତି, ଫ୍ଲେକ୍ସ ଫୁଏଲ୍ ଇଞ୍ଜିନରେ ୬୦ ପ୍ରତିଶତ ସମୟ ପେଟ୍ରୋଲ ଇଞ୍ଜିନ ବନ୍ଦ ରହିବ ଓ ସେହି ସମୟରେ ତାହା ଇଲେକ୍ଟ୍ରିକ୍ ଗାଡ଼ି ଭାବେ ଚାଲିବ। ଇଥାନଲକୁ ୧୯ଟି ଦେଶରେ ଗାଡ଼ି ଇନ୍ଧନ ଭାବେ ବ୍ୟବହାର କରାଯାଉଛି ଓ ବର୍ତ୍ତମାନସୁଦ୍ଧା ଭାରତରେ ଏହାକୁନେଇ କୌଣସି ଗାଡ଼ିରୁ ଅଭିଯୋଗ ଆସିନି ବୋଲି ସେ କହିଛନ୍ତି।




## ଏମ୍‌ଡିଆର୍‌କୁ ମୋବାଇଲ ରିଟେଲରଙ୍କ ବିରୋଧ

ନୂଆଦିଲ୍ଲୀ,୨୭।୯: ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍)କୁ ଦେଶର ମୋବାଇଲ୍ ଫୋନ୍ ବ୍ୟବସାୟୀମାନେ ବିରୋଧ କରିଛନ୍ତି। ଅକ୍ଟୋବର ୨ ବା ଗାନ୍ଧୀ ଜୟନ୍ତୀକୁ ସେମାନେ 'ନୋ ୟୁପିଆଇ ଡେ' ପାଳନ କରିବାକୁ ଅଲ୍ ଇଣ୍ଡିଆ ମୋବାଇଲ୍ ରିଟେଲର୍ସ ଆସୋସିଏସନ୍ (ଏଆଇଏମ୍‌ଆର୍‌ଏ) ଘୋଷଣା କରିଛି। ସଂଘ ପକ୍ଷରୁ କୁହାଯାଇଛି, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ମୋବାଇଲ୍ ରିଟେଲର୍‌ମାନେ ପ୍ରତୀକାତ୍ମକ ଭାବେ ନିଜ ଦୋକାନର ୟୁପିଆଇ କ୍ୟୁଆର୍ କୋଡ୍‌କୁ କଳା କପଡ଼ାରେ ଘୋଡ଼ାଇ ରଖିବେ ଏବଂ ୟୁପିଆଇ ମାଧ୍ୟମରେ ଦେୟ ଗ୍ରହଣରୁ ବିରତ ରହିବେ। ଅକ୍ଟୋବର ୧୫ ତାରିଖରୁ ଦେଶରେ ୨,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତ ଏମ୍‌ଡିଆର୍ ଲାଗୁ ହେବା ପ୍ରସ୍ତାବ ରହିଛି। ଏହା ଛୋଟ ମୋବାଇଲ୍ ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ଆର୍ଥିକ ଚାପ ପକାଇବ ବୋଲି ସଂଘ ଆଶଙ୍କା ବ୍ୟକ୍ତ କରିଛି। ଏଆଇଏମ୍‌ଆର୍‌ଏ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଦିଆଯାଇଥିବା ପତ୍ରରେ କୁହାଯାଇଛି, ମାସକୁ ୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ମାଧ୍ୟମରେ କାରବାର କରୁଥିବା ଛୋଟ ରିଟେଲର୍‌ଙ୍କ ପାଇଁ ଏହି ଚାର୍ଜ ମାସକୁ ପ୍ରାୟ ୨,୦୦୦ରୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ନିଟ୍ କ୍ଷତି ଆଣିପାରେ। ସଂଘର ଆକଳନ ଅନୁଯାୟୀ, ଦେଶର ଛୋଟ ମୋବାଇଲ୍ ବ୍ୟବସାୟୀଙ୍କ ଉପରେ ଏହାର ମାସିକ ଆର୍ଥିକ ବୋଝ ପ୍ରାୟ ୪୦ କୋଟି ଏବଂ ବାର୍ଷିକ ପ୍ରାୟ ୫୦୦ କୋଟି ଟଙ୍କା ହୋଇପାରେ। ତେବେ ରିଟେଲର୍ ସଂଘ ସ୍ପଷ୍ଟ କରିଛି ଯେ ଏହି ପ୍ରତିବାଦ ୟୁପିଆଇ କିମ୍ବା ଡିଜିଟାଲ୍ ପେମେଣ୍ଟ ବିରୋଧରେ ନୁହେଁ; ବରଂ ବ୍ୟବସାୟୀଙ୍କ ଉପରେ ପଡ଼ିବାକୁ ଥିବା ଅତିରିକ୍ତ ଖର୍ଚ୍ଚ ବିରୋଧରେ।



# ଆଇନ ପରିବର୍ତ୍ତନର ଇଞ୍ଜିନ ଭାବେ କାର୍ଯ୍ୟ କରେ

ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ): ଭାରତରେ ବର୍ଷ ବର୍ଷ ଧରି ଆଇନ ବ୍ୟବସ୍ଥାର ବିକାଶ ସମାଜରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର କହିଛନ୍ତି। "ଆଇନ ପରିବର୍ତ୍ତନର ଇଞ୍ଜିନ ଭାବେ କାର୍ଯ୍ୟ କରେ। ଆଇନ କାର୍ଯ୍ୟକାରୀ ହେଲେ ସମାଜ ତା'ର ଅନୁସରଣ କରେ" ବୋଲି ଜଷ୍ଟିସ୍ ମିଶ୍ର ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆଇନ: 'ସାମାଜିକ ପରିବର୍ତ୍ତନ ସୁଶାସନର ଏକ ଉପକରଣ' ଶୀର୍ଷକ ବକ୍ତୃତା ପ୍ରଦାନ କରି କହିଛନ୍ତି।




ସୋଆ ବାର୍ଷିକ ବକ୍ତୃତାମାଳାର ଅଂଶ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନ ଓ କୃଷି ବିଜ୍ଞାନ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।

ଜଷ୍ଟିସ୍ ମିଶ୍ର କହିଥିଲେ ଯେ ସମ୍ବିଧାନ ପ୍ରଣୟନ ପୂର୍ବରୁ ସମାଜ ବିଭିନ୍ନ ଭେଦଭାବରେ ବିଭକ୍ତ ଥିଲା ଏବଂ ଅସ୍ପୃଶ୍ୟତା ଏକ ଗୁରୁତର ସାମାଜିକ ସମସ୍ୟା ଥିଲା। ଅସ୍ପୃଶ୍ୟ ଭାବେ ବିବେଚିତ ଲୋକଙ୍କୁ ମନ୍ଦିର ପ୍ରବେଶରୁ ବଞ୍ଚିତ କରାଯାଉଥିଲା। ଭାରତୀୟ ସମ୍ବିଧାନର ଧାରା ୧୭ ଏହି ପ୍ରଥାକୁ ଦୂର କରି ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିଥିଲା। ବର୍ଷ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ନ୍ୟାୟିକ ହସ୍ତକ୍ଷେପ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ସେ କହିଥିଲେ।

ଆଇନ ଦ୍ୱାରା ଆସିଥିବା ବିଭିନ୍ନ ସାମାଜିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରି ସେ ସୂଚନା ଅଧିକାର ଆଇନ, ତୃତୀୟ ଲିଙ୍ଗର ସ୍ୱୀକୃତି ଏବଂ ବଞ୍ଚିତ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ନେଇ ସଂରକ୍ଷଣ ବ୍ୟବସ୍ଥାର ଉଦାହରଣ ଦେଇଥିଲେ।

ସମ୍ବିଧାନର ଧାରା ୨୧ ପ୍ରତ୍ୟେକ ନାଗରିକଙ୍କୁ 'ଜୀବନର ଅଧିକାର' ପ୍ରଦାନ କରିଛି ଏବଂ ଏହାକୁ ସେ 'ସମ୍ବିଧାନର ଆତ୍ମା' ବୋଲି ଅଭିହିତ କରିଥିଲେ। ୧୯୯୭ ମସିହାର ସୁପ୍ରିମକୋର୍ଟଙ୍କ ଐତିହାସିକ ବିଶାଖା ମାମଲାର ରାୟ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ। ଏହି ରାୟ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନର ସଜ୍ଞା ନିର୍ଦ୍ଧାରଣ କରିବା ସହ ମହିଳାଙ୍କ ସୁରକ୍ଷା ପାଇଁ ପ୍ରତିଷେଧାତ୍ମକ ନିର୍ଦ୍ଦେଶାବଳୀକୁ ଆଇନଗତ ଭାବେ ବାଧ୍ୟତାମୂଳକ କରିଥିଲା।

ସୁଶାସନ ସମ୍ପର୍କରେ ଜଷ୍ଟିସ୍ ମିଶ୍ର କହିଥିଲେ ଯେ ଆଇନର ଅନୁପାଳନ, ଉତରଦାୟିତ୍ୱ ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକଙ୍କ ଅଂଶଗ୍ରହଣକୁ ସୁଯୋଗ ଦେବା ହେଉଛି ସୁଶାସନର ମୁଖ୍ୟ ଉଦ୍ଦେଶ୍ୟ। ଦୁର୍ନୀତି ରୋକିବା ପାଇଁ ମଧ୍ୟ ଦୃଢ଼ ପଦକ୍ଷେପ ଆବଶ୍ୟକ ଏବଂ ଏଥିପାଇଁ ଦୁର୍ନୀତି ନିବାରଣ ଆଇନ ପ୍ରଣୟନ କରାଯାଇଛି ବୋଲି ସେ କହିଥିଲେ।

କୃଷି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ମିଶ୍ର କହିଥିଲେ ଯେ ଦେଶର ପ୍ରାୟ ୭୦ ପ୍ରତିଶତ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ ଥିବାରୁ ସେମାନେ ଜଣେ କୃଷକଙ୍କ ଭଳି ଚିନ୍ତା କରିବା ଆରମ୍ଭ କରିବା ଉଚିତ। "ଆଇନ କିପରି କାର୍ଯ୍ୟ କରେ ତାହା ଜାଣିବା ସହ ନିଜ ମନକୁ ଖୋଲା ରଖିବା ଆବଶ୍ୟକ। ମାନବ ମନ ଏକ ପାରାସୁଟ୍ ଭଳି, ଏହା ଖୋଲା ରହିଲେ ହିଁ କାର୍ଯ୍ୟ କରେ," ବୋଲି ସେ କହିଥିଲେ।

## ୩୬.୧୨ ଲିଟର ବେଆଇନ ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ



ଡେଙ୍ଗା ପୋଲ,୨୭।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ବେଆଇନ ମଦ କାରବାର ଓ ଚୋରା ମଦ ଚାଲାଣ ରୋକିବା ନେଇ ପୁଲିସ ପକ୍ଷରୁ ଅଭିଯାନ ଜୋରଦାର କରାଯାଇଛି। ଏହି କ୍ରମରେ ବାଲିକୁଦା ଥାନା ପୁଲିସକୁ ମିଳିଛି ସଫଳତା। ପାଟ୍ରୋଲିଂ ସମୟରେ ପୁଲିସ ଏକ ମୋଟରସାଇକେଲ ସହ ବିପୁଳ ପରିମାଣର ବେଆଇନ ମଦ ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କୁ କୋର୍ଟକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ବାଲିକୁଦା ଥାନା ପୁଲିସ ଟିମ୍ ପାଟ୍ରୋଲିଂରେ ଥିବା ସମୟରେ ମଦ ଚାଲାଣ ନେଇ ସନ୍ଦେହ ହେବାରୁ ଏକ ମୋଟରସାଇକେଲକୁ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ମୋଟରସାଇକେଲରୁ ବିଭିନ୍ନ ବ୍ରାଣ୍ଡର ମଦ ଜବତ କରାଯାଇଥିଲା। ମୋଟ ୩୬.୧୨୦ ଲିଟର ବେଆଇନ ମଦ ଜବତ ହୋଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ପୁଲିସ କୋଳଥାପାଟଣାର ନିରଞ୍ଜନ ସାହୁ (୪୬)ଙ୍କୁ ଅଭିଯୁକ୍ତ ଭାବେ ଧରିଛି। ତାଙ୍କ ପିତାଙ୍କ ନାମ ଫକୀର ଚରଣ ସାହୁ ବୋଲି ପୁଲିସ ସୂଚନା ମିଳିଛି। ତାଙ୍କ ଠାରୁ ମଦ ଚାଲାଣରେ ବ୍ୟବହୃତ ଓଡି-୦୫-ଡିପି-୬୫୭୪ ନମ୍ବର ବିଶିଷ୍ଟ ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଘଟଣା ସମ୍ପର୍କରେ ବାଲିକୁଦା ଥାନା ଅଧିକାରୀ ତାଙ୍କ ପ୍ରକ୍ରିୟାରେ ଜଣାଇଛନ୍ତି ଯେ, କେସ୍ ନମ୍ବର ୩୪୩/୨୬ ରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଛି,ପରେ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

**କନ୍ୟା ସନ୍ତାନ ଜନ୍ମର ଖୁସି କ୍ଷଣରେ ଶୋକ**

## ପ୍ରସବ ପରେ ପ୍ରାଣ ହରାଇଲେ ମା', ନବଜାତକକୁ ଛାଡ଼ିଗଲେ



ଫୁଲବାଣୀ,୨୭।୯ (ସଂଚାର ବ୍ୟୁରୋ): କନ୍ୟା ସନ୍ତାନର ଆଗମନରେ ପରିବାରରେ ଖେଳିବାକୁ ଥିଲା ଖୁସିର ମାହୋଲ। ହେଲେ ଖୁସିର ସେହି କ୍ଷଣ ପରିଣତ ହେଲା ଶୋକରେ। ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ପ୍ରସବ ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ନବଜାତ କନ୍ୟା ସନ୍ତାନଟି ମା'କୁ ହରାଇଥିବା ବେଳେ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼।

ମୃତ ମହିଳା ଜଣକ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ବୁଡ଼ାଗୁଡ଼ା ଗ୍ରାମର ଆଦ୍ୟାଶା ବେହେରଦଳାଇ। ସୂଚନା ଅନୁଯାୟୀ, ଶନିବାର ସକାଳେ ପ୍ରସବ ବେଦନା ହେବାରୁ ପରିବାର ଲୋକ ଓ ଆଶାକର୍ମୀଙ୍କ ସହ ଅଟୋ ଯୋଗେ ଆଦ୍ୟାଶା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଚିକିତ୍ସାଳୟରେ ପ୍ରସବ ପରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ଶିଶୁକୁ ଜନ୍ମ ଦେବା ପରେ ଆଦ୍ୟାଶା ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମା'ଙ୍କ ମୃତ୍ୟୁ ପରେ ନବଜାତ ଶିଶୁଟି ଚିକିତ୍ସାଳୟରେ ରହିଥିବା ବେଳେ ପରିବାରରେ ଶୋକର ଛାୟା ଖେଳିଯାଇଛି। ତେବେ ପ୍ରସବ ପରେ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ, ତାହା ଚିକିତ୍ସା ସମ୍ବନ୍ଧୀୟ ତଦନ୍ତ ପରେ ସ୍ପଷ୍ଟ ହେବ।

## ସୋଆ ବିଶ୍ୱବିଦ୍ୟାଳୟର ଯୁକ୍ତଦୁଇ ବିଦ୍ୟାଳୟରେ 'ମାଇଣ୍ଡ ମାଟର୍ସ' ମାନସିକ ସ୍ୱାସ୍ଥ୍ୟ କମର୍ଶାଳା




ଭୁବନେଶ୍ୱର,୨୭।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଯୁକ୍ତଦୁଇ ମହାବିଦ୍ୟାଳୟର ପରିସରରେ ଆଜି ଅପରାହ୍ନରେ ଗ୍ଲୋବାଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମେଡିକାଲ୍ ଷ୍ଟୁଡେଂଟସ୍ (ଜିଏଆଇଏମ୍ଏସ୍) ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ମାଇଣ୍ଡ ମାଟର୍ସ' ଅନୁଷ୍ଠିତ ହୋଇଯାଇଛି।

ଏହି କମର୍ଶାଳାରେ ସଭାପତିତ୍ୱ କରିଥିଲେ ଜିଏଆଇଏମ୍ଏସ୍‌ର ମୁଖ୍ୟ ଡା. ମୌସୁମୀ ଭଟ୍ଟାଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆଇ.ଏଚ.ଏସ୍.ସିର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଦିଲୀପ ସାହୁ, ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ରବୀନ୍ଦ୍ର କୁମାର କର ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ ପାଣିଗ୍ରାହୀ।

ଅତିଥିମାନେ ଓଡ଼ିଆ ଭାଗବତ ଓ ଯୋଗ ଦର୍ଶନ ଆଧାରରେ କିଶୋରାବସ୍ଥାର ଚାପ, ଉଦ୍‌ବେଗ ଓ ମାନସିକ ଦ୍ୱନ୍ଦ୍ୱକୁ କିପରି ସାମ୍ନା କରାଯାଇପାରିବ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ମନୋଚିକିତ୍ସକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ନିଜର ମନର ଦ୍ୱନ୍ଦ୍ୱ ଦୂର କରିଥିଲେ। ବିଶେଷ କରି 'ମନକୁ ବୁଝିବା, ମନକୁ ସମ୍ଭାଳିବା ଓ ଆଶାକୁ ଜାଗ୍ରତ କରିବା' ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ସେବା ସଂକଳ୍ପ ଅଭିଯାନ ଓ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ 'ଓଡ଼ିଶା ପ୍ରୋମୋ ରନ୍'




ସୁନ୍ଦରଗଡ଼,୨୭।୯ (ସଂଚାର ବ୍ୟୁରୋ): 'ସେବା ସଂକଳ୍ପ ଅଭିଯାନ- ୨୦୨୬' ଏବଂ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ପକ୍ଷରୁ ସୁନ୍ଦରଗଡ଼ଠାରେ 'ଓଡ଼ିଶା ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନସାଧାରଣ ଉତ୍ସାହର ସହ ଏହି ଦୌଡ଼ରେ ସାମିଲ ହୋଇ ଥିଲେ।

ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ସମ୍ଭାର, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ସଂସ୍କୃତିକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହିତ ଯୁବପିଢ଼ି ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୌଡ଼ ଏବଂ ନିୟମିତ ବ୍ୟାୟାମ ପ୍ରତି ଆଗ୍ରହ ବଢ଼ାଇବା ସହ ସୁସ୍ଥ ଓ ସକ୍ରିୟ ଜୀବନ ଶୈଳୀ ଆପଣାଇବାର ବାର୍ତ୍ତା ଦିଆଯାଇଥିଲା।

ଏହି 'ଓଡ଼ିଶା ପ୍ରୋମୋ ରନ୍' କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର,ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା, ଅନ୍ୟାନ୍ୟ ଜନପ୍ରତିନିଧି ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

ପ୍ରକାଶ ଥାଉକି ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୩ ଡିସେମ୍ବର ୨୦୨୬ରେ ଆୟୋଜିତ ହେବାକୁ ଥିବା 'ପୁରୀ କୋଷ୍ଟାଲ ମାରାଥନ୍-୨୦୨୬'ରେ ଅଂଶଗ୍ରହଣ କରିବେ।

## 'କଳାହାଣ୍ଡି ପ୍ରମୋ ରନ'ରେ ଭାଗ ନେଲେ ୨୦୦ରୁ ଉର୍ଦ୍ଧ୍ୱ ଧାବକ



ଭବାନୀପାଟଣା,୨୭।୯ (ସଂଚାର ବ୍ୟୁରୋ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟଟନସ୍ଥଳୀ, ସମୃଦ୍ଧ ଐତିହ୍ୟ ଓ ବିବିଧ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଯୁବବର୍ଗଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଭବାନୀପାଟଣା ଠାରେ ୫ କିମି ମାରାଥନ ରନ ଅନୁଷ୍ଠିତ ହୋଇଯାଇଛି।

ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରରୁ ଏହି ପ୍ରମୋ ରନ୍ ଆରମ୍ଭ ହୋଇ ବିନାୟକ ମହାବିଦ୍ୟାଳୟ ଦେଇ ପୁନର୍ବାର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଶେଷ ହୋଇଥିଲା।

ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମୋ ରନ୍‌ର ଶୁଭାରମ୍ଭ କରିଥିବା ବେଳେ ଏଥିରେ ୨୦୦ ଜଣ ଯୁବା ଧାବକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଐତିହ୍ୟ ଓ ବିବିଧ ସଂସ୍କୃତିକୁ ଆବିଷ୍କାର, ଅନୁଭବ ଓ ସଂରକ୍ଷଣ କରିବା ସହ ପର୍ଯ୍ୟଟନର ପ୍ରଚାର-ପ୍ରସାର, ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା, ସୁରକ୍ଷା ଓ ପର୍ଯ୍ୟଟକଙ୍କ ପ୍ରତି ଉତ୍ତମ ଆତିଥ୍ୟର ବାର୍ତ୍ତା ପ୍ରସାର କରିବା ଏହି ପ୍ରମୋ ରନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଆଗାମୀ ୧୩ ଡିସେମ୍ବରରେ ପୁରୀଠାରେ ଆୟୋଜିତ ହେବାକୁ ଥିବା ପୁରୀ କୋଷ୍ଟାଲ ବିଚ୍ ମାରାଥନ୍/ପ୍ରମୋ ରନ୍ କଳାହାଣ୍ଡି ଜିଲ୍ଲାରୁ ଅଧିକରୁ ଅଧିକ ସଂଖ୍ୟକ ଧାବକ ଅଂଶଗ୍ରହଣ କରି ଜିଲ୍ଲାର ସମୃଦ୍ଧ ଐତିହ୍ୟ, ପର୍ଯ୍ୟଟନସ୍ଥଳୀ ଓ ସଂସ୍କୃତିର ପ୍ରଚାର-ପ୍ରସାରରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ।

ପୁରୁଷ ବର୍ଗରେ ରବି ନାରାୟଣ ନାଏକ ପ୍ରଥମ, ଧର୍ମେନ୍ଦ୍ର ସୁନା ଦ୍ୱିତୀୟ ଏବଂ ଦିନେଶ ଭାଟି ତୃତୀୟ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସେଭଳି ମହିଳା ବର୍ଗରେ ହେମପ୍ରଭା ମାଝୀ ପ୍ରଥମ, ମେହେକ୍ ଦୁର୍ଗା ଦ୍ୱିତୀୟ ଏବଂ ବାଲସିନି ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବିଜେଡି ଅଭିଯୋଗକୁ ଖଣ୍ଡନ କଲା ପଡିଆ ବ୍ଲକ ବିଜେପି



ମାଲକାନଗିରି,୨୭।୯ (ସଂଚାର ବ୍ୟୁରୋ): ପଡିଆ ବ୍ଲକ ବିଧାୟକଙ୍କ ପ୍ରତିନିଧି ପିସି ମାଗିବା ନେଇ ଗତକାଲି ବିଜେଡି ପକ୍ଷରୁ ଅଣାଯାଇଥିବା ଅଭିଯୋଗକୁ ଆଜି ପଡିଆ ବ୍ଲକ ବିଜେପି ଖଣ୍ଡନ କରିଛି। ଏହି ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦଳ ପକ୍ଷରୁ କୁହାଯାଇଥିବା ବେଳେ ଏଭଳି ଅଭିଯୋଗ ଆଣିବାକୁ ନିନ୍ଦା କରାଯାଇଛି। ରବିବାର ପଡିଆ ବ୍ଲକ ସଦର ମହକୁମାରେ ଥିବା କଲ୍ୟାଣ ମଣ୍ଡପ ଠାରେ ବ୍ଲକ ବିଜେପି ପକ୍ଷରୁ ଆୟୋଯିତ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ବିଧାୟକଙ୍କ ପଡିଆ ବ୍ଲକ ପ୍ରତିନିଧି ମନ ଦୀପଙ୍କର ରାୟ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟ, କୃଷି, ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ସହ ବିଭିନ୍ନ ସମସ୍ୟା ସମୟରେ ଲୋକଙ୍କ ନିକଟରେ ରହି ସହଯୋଗ କରୁଛନ୍ତି ବୋଲି କହିଛନ୍ତି । ଏହାକୁ ନେଇ ତାଙ୍କ ବିରୋଧରେ ଅପପ୍ରଚାର କରାଯାଉଥିବା ପଡିଆ ବ୍ଲକ ବିଜେପି ସଭାପତି କୋଟାମ ବାଲାୟା ଓ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ବିଧାୟକଙ୍କ ପ୍ରତିନିଧି ମନଦୀପ ରାୟ ସବୁବେଳେ ଲୋକଙ୍କ ସହ ରହିଆସିଛନ୍ତି ଏବଂ ନିଜ ସାମର୍ଥ୍ୟ ଅନୁଯାୟୀ ଲୋକଙ୍କୁ ସହଯୋଗ କରିଆସୁଛନ୍ତି ବୋଲି କହିଛନ୍ତି । ସେ କୌଣସି ବ୍ୟକ୍ତିଙ୍କଠାରୁ କୌଣସି ଟଙ୍କା ନେଇନଥିବା ଏବଂ କାହାକୁ ଧମକଚମକ ଦେଇନଥିବା ନେଇ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ସ୍ପଷ୍ଟ କରିଛନ୍ତି।

## କୁନ୍ତୀ ପ୍ରଧାନଙ୍କୁ ବିଜେଡିର ରାଜ୍ୟ ଆଦିବାସୀ ସେଲ୍‌ର ସାଧାରଣ ସମ୍ପାଦକ ଦାୟିତ୍ୱ



ସୁନ୍ଦରଗଡ଼,୨୭।୯ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳର ରାଜ୍ୟ ଆଦିବାସୀ ସେଲ୍‌ର ନୂଆ ପଦାଧିକାରୀ ତାଲିକାରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ସଭାପତି କୁନ୍ତୀ ପ୍ରଧାନଙ୍କ ନାଁ ସାମିଲ ହୋଇଛି। ଦଳ ପକ୍ଷରୁ। ଏନେଇ ବିଜେଡି ପକ୍ଷରୁ ଜାରି ପଦାଧିକାରୀ ତାଲିକାରେ ତାଙ୍କ ନାଁ ରହିଛି। ସୁନ୍ଦରଗଡ଼ ଜିଲ୍ଲାରୁ ରାଜ୍ୟସ୍ତରୀୟ ସଂଗଠନରେ ଏହି ଦାୟିତ୍ୱ ମିଳିବା ପରେ ସୁନ୍ଦରଗଡ ବିଜେଡି ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ଜୈନ ସଂଘର ସାମୂହିକ କ୍ଷମାପଣା ସମାରୋହ ସମ୍ପନ୍ନ




ଯାଜପୁର ରୋଡ଼,୨୭।୯ (ସଂଚାର ବ୍ୟୁରୋ): ଯାଜପୁର ରୋଡ଼ ଜୈନ ସଂଘ ତତ୍ତ୍ୱାବଧାନରେ ରବିବାର ଚୋରଦା ଛକ ସ୍ଥିତ ହୋମ ଟାଉନ ବିଲ୍ଡିଂ କମ୍ୟୁନିଟି ହଲ୍‌ରେ ସାମୂହିକ କ୍ଷମାପଣା ସମାରୋହ ଭକ୍ତିଭାବ, ଗରିମା ଓ ହର୍ଷୋଲ୍ଲାସର ସହ ସମ୍ପନ୍ନ ହୋଇଛି। ନବକାର ମନ୍ତ୍ର ଜପ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ଥାନକବାସୀ, ତେରାପନ୍ଥ ଓ ଦିଗମ୍ବର ପରମ୍ପରାର ସମସ୍ତ ଜୈନ ପରିବାର ଏକତ୍ରିତ ହୋଇ ପରସ୍ପର କ୍ଷମା ପ୍ରାର୍ଥନା କରି ଏକତା ଓ ଭାଇଚାରାର ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲେ।

ମୁଖ୍ୟ ଅତିଥି ଭାବେ ଯାଜପୁର ଏସପି ଯଶପ୍ରତାପ ଶ୍ରୀମଲ ଓ ତାଙ୍କ ଧର୍ମପତ୍ନୀ ପଲକ ଶ୍ରୀମଲ ଯୋଗଦେଇଥିଲେ। ସେ କହିଥିଲେ, "କ୍ଷମା ବୀରମାନଙ୍କର ଆଭୂଷଣ, ଏହା କାପୁରୁଷର କାମ ନୁହେଁ। ଭଗବାନ ମହାବୀରଙ୍କ କ୍ଷମାପଣା ସିଦ୍ଧାନ୍ତ ବ୍ୟକ୍ତିକୁ ଭୁଲ୍ ସୁଧାରି ଆତ୍ମସମ୍ମାନର ସହ ଆଗକୁ ବଢ଼ିବାର ଦିଗ ଦେଖାଏ।" ଭଜନ ଓ ଚିନ୍ତନରେ ସଭାଗୃହ ଗୁଞ୍ଜରିତ ହୋଇଥିଲା। ପଙ୍କଜ ଜୈନ ଓ ଆଙ୍କାକ୍ଷା ଜୈନ ସୁମଧୁର ଭଜନ ପରିବେଷଣ କରିଥିଲେ। ଉଷା ସେଠିଆ ଓ ବୀଣା ଚୋରଡ଼ିଆ ଭାବପୂର୍ଣ୍ଣ ଭଜନ ଗାଇଥିଲେ। ପଦମ ସେଠିଆ କ୍ଷମା ଧର୍ମର ମହତ୍ୱ ଉପରେ ଚିନ୍ତାଧାରା ରଖିଥିଲେ। ଏଥିରେ ସଂଘର ବହୁ ଗଣମାନ୍ୟ ସଦସ୍ୟ, ମହିଳା, ପୁରୁଷ ଓ ଯୁବବର୍ଗ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ଏକତ୍ର ଭୋଜନ କରି ପରସ୍ପରକୁ 'ମିଚ୍ଛାମି ଦୁକ୍କଡ଼ମ୍' ଓ 'ଉତ୍ତମ କ୍ଷମା' କହି କ୍ଷମା ପ୍ରାର୍ଥନା କରିଥିଲେ।

## ଷଡ଼ବଂଶୀୟ ଗଣ୍ଡ ସମାଜ ତରଫରୁ ନୂଆଁଖାଇ ଭେଟଘାଟ



ସୁନ୍ଦରଗଡ଼,୨୭।୯ (ସଂଚାର ବ୍ୟୁରୋ): ସେପ୍ଟେମ୍ବର ୨୭ ତାରିଖ ରବିବାର ଦିନ ସଦର ଥାନା ପଡିଆ ଠାରେ ଷଡବଂଶୀୟ ଗଣ୍ଡ ସମାଜ ସୁନ୍ଦରଗଡ଼ ଜିଲ୍ଲା ତରଫରୁ ନୂଆଁଖାଇ ଭେଟଘାଟ ବହୁ ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଷଡବଂଶୀୟ ଗଣ୍ଡ ସମାଜର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜଙ୍ଗା ବଡ଼ଦେଓଙ୍କର ପୂଜା କରି କାର୍ଯ୍ୟକ୍ରମ କୁ ଆରମ୍ଭ କରା ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରର ସେବତରାମ କୁମୁରା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବଦ୍ରି କୁମାର ବରିହା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଓ ବରଗଡ଼ର ବିଭିନ୍ନ ଆଞ୍ଚଳିକ ଗୁଡି ସମୂହ ଯୋଗ ଦେଇଥିଲେ ।

ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ସର୍କଲ ଯଥା ବଣେଇରୁ ୬ ଗୋଟି ଆଞ୍ଚଳିକ ଗୁଡ଼ି ଯୋଗ ଦେଇଥିବା ବେଳେ ରାଉରକେଲା ର ସର୍କଲ ଉପସ୍ଥିତ ଥିଲେ । ସଦର ସୁନ୍ଦରଗଡ଼ ସର୍କଲ ରୁ ଯୋଗ ଦେଇଥିବା ବେଳେ ହେମଗିର ସର୍କଲର ୭ ଗୋଟି ଆଞ୍ଚଳିକ ଗୁଡ଼ି ତଥା ସର୍କଲ ସଭାପତି ମଧ୍ୟ ଉପସ୍ଥିତ ଥିଲେ । ଉଜ୍ଜଳପୁର ସର୍କଲ ସମୂହ ଉପସ୍ଥିତ ରହିଥିବା ବେଳେ ପ୍ରାୟ ୨୦୦୦ ରୁ ଉର୍ଦ୍ଧ ସମାଜ ପ୍ରେମୀ ଭାଇ ଭଉଣୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାର ନୃତ୍ୟ କଳାକାରଙ୍କ କଳା ପ୍ରଦର୍ଶନ । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ନୂଆଁଖାଇ ଭେଟଘାଟ -୨୦୨୬ କାର୍ଯ୍ୟକାରିଣୀ କମିଟି ସହଯୋଗ କରିଥିବା ବେଳେ ସମସ୍ତଙ୍କ ମନମୁଗ୍ଧ କରିଥିଲେ । ବେଦବ୍ୟାସ ଧୁଆ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକାରିଣୀ କମିଟି ତରଫରୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ତଥା ସମ୍ମାନିତ ଅତିଥି ମାନଙ୍କୁ ପୁଷ୍ପମାଲ୍ୟ, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା । ନୃତ୍ୟ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ମାରାଥନ ଆୟୋଜିତ



ସୁବର୍ଣ୍ଣପୁର,୨୭।୯ (ସଂଚାର ବ୍ୟୁରୋ): ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଏକ ମାରାଥନ ଆୟୋଜିତ ହୋଇଛି। ପର୍ଯଟନ ଦିବସର ଆଭିମୁଖ୍ୟ ହେଉଛି ଡିଜିଟାଲ ଏବଂ ଏଆଇର ପର୍ଯ୍ୟଟନ ବୃଦ୍ଧିରେ ଭୂମିକା। ଆଗାମୀ ଡିସେମ୍ବର ମାସରେ ପୁରୀରେ ହେବାକୁ ଥିବା ଗଣଦୌଡ଼ ପାଇଁ ସମସ୍ତ ଜିଲ୍ଲା ପରି ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ତାର ପ୍ରମୋସନ ହେଉଛି। ସୁରେଶ୍ୱରୀ ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ମାରାଥନ ନଳିନୀ ଛକ, ବିଜୁ ପଟ୍ଟନାୟକ ଛକ, ମଝିପଡ଼ା, ମସଜିଦ ଛକ ଓ କୋର୍ଟ ଛକ ଦେଇ ସୋନପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାରଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା।

ସୁରେଶ୍ୱରୀ ମନ୍ଦିରଠାରେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମାରାଥନରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇଥିଲେ।

ଏହି ମାରାଥନରେ ସୋନପୁର ମହାବିଦ୍ୟାଳୟର ଏନ୍‌ସିସି ଓ କଲେଜ ଆଥଲେଟିକ୍ ଛାତ୍ରଛାତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଲୋ ଇଣ୍ଡିଆ ଛାତ୍ରଛାତ୍ରୀ ଏବଂ ମାଇ ଭାରତ ଓ ଏନ୍‌ଏସ୍‌ଏସ୍ ସହ ଜଡ଼ିତ ଅଂଶଗ୍ରହଣକାରୀମାନେ ଯୋଗଦେଇଥିଲେ।

## ସିଂହାରପାଳରେ ସୁନାମୀ ସଚେତନତା କାର୍ଯ୍ୟକ୍ରମ



କାକଟପୁର/ଅସ୍ତରଙ୍ଗ,୨୭।୯ (ସଂଚାର ବ୍ୟୁରୋ): ଯଦି ହଠାତ୍ ସମୁଦ୍ର ପଛକୁ ଚାଲିଯାଏ, ଯଦି ସାଇରନ୍ ବାଜେ, ଯଦି ପାଣିର ପାହାଡ ମାଡି ଆସେ, ତେବେ ଆମେ କ'ଣ କରିବୁ? ଏହି ଭୟଙ୍କର ପ୍ରଶ୍ନର ଉତ୍ତର ଶନିବାର ଖୋଜିଲା ପୁରୀ ଜିଲ୍ଲା କାକଟପୁର ବ୍ଲକର ସମୁଦ୍ର କୂଳିଆ ଗାଁ ସିଂହାରପାଳ। ଆଉ ଏହି ଉତ୍ତର ଶୁଣିବାକୁ ଦିଲ୍ଲୀ-ଚେନ୍ନାଇରୁ ଆସିଥିଲା କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଟିମ୍।

ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ପଞ୍ଚାୟତର ସିଂହାରପାଳ ଅଞ୍ଚଳକୁ ସୁନାମୀ ପୂର୍ବ ପ୍ରସ୍ତୁତ ଗ୍ରାମ ମାନ୍ୟତା ଦେବା ପାଇଁ ଚାଲିଛି ଶେଷ ପର୍ଯ୍ୟାୟ ଯାଞ୍ଚ। ଏହି କ୍ରମରେ ଶନିବାର କାକଟପୁର ବିଡିଓ ନାରାୟଣ ଦୀକ୍ଷିତୀଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏକ ବିଶାଳ ସୁନାମୀ ସଚେତନତା ଓ ପ୍ରସ୍ତୁତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ପରୀକ୍ଷକ ଭାବେ ଯୋଗ ଦେଇଥିଲେ ଚେନ୍ନାଇସ୍ଥିତ ଭାରତ ସରକାରଙ୍କ ଆଇଏନ୍‌ସିଓଆଇଏସ୍ ସଂସ୍ଥାର ଦୁଇ ବରିଷ୍ଠ ବୈଜ୍ଞାନିକ ଡଃ ବି. ଅଜୟ କୁମାର ଓ ଡଃ ପତାଞ୍ଜଳି କୁମାର। ତାଙ୍କ ସହ ମଞ୍ଚରେ ଥିଲେ ପୁରୀର ଡେପୁଟୀ ଜିଲ୍ଲାପାଳ ଅନୁସର୍ଭ ଗନ୍ତାୟତ, ଓସଡମା ଜିଏମ୍ ଅମ୍ବିକା ପ୍ରସାଦ ମିଶ୍ର, ଡିପିଓ ଅଶୋକ କୁମାର ରଥ, ଜିପିଡିଓ ରଞ୍ଜନ ବେହେରା, ବ୍ଲକ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ଓ ଅବଦାନ ସରପଞ୍ଚ ଲକ୍ଷ୍ମୀପ୍ରିୟା ସେନ।

ବୈଜ୍ଞାନିକ ଦୁହେଁ ଆପଦ ମିତ୍ର, ସ୍ୱେଚ୍ଛାସେବୀ ଓ ଯୁବକ-ଯୁବତୀଙ୍କୁ ଘେରି ଗଲେ। ସିଧା ପ୍ରଶ୍ନ - ସୁନାମୀର ସଙ୍କେତ କ'ଣ? ସାଇରନ୍ ବାଜିଲେ କେଉଁ ରାସ୍ତାରେ ଯିବ? ସିଗନାଲ କିଏ ଦେବ? ଯୁବକମାନେ ହାତ ଉଠାଇ କହିଲେ - "ଆମେ ମାଇକରେ ଡାକିବୁ, ଯାହା ହାତରେ ପାଇବୁ ବଜାଇ ଦୌଡିବୁ ଆଶ୍ରୟ ସ୍ଥଳୀକୁ, କାହାକୁ ପଛରେ ଛାଡିବୁନି।" ବୈଜ୍ଞାନିକମାନେ ଆତ୍ମସନ୍ତୋଷ ପ୍ରକାଶ କଲେ। ସବୁଠୁ ବଡ ଆକର୍ଷଣ ଥିଲା ସଚେତନତା ପାଲା। ବିଶିଷ୍ଟ ପାଲା ଗାୟକ ମଙ୍ଗରାଜ ବିଶ୍ୱାଳ ପାଲା ମାଧ୍ୟମରେ ବୁଝାଇଲେ- ସୁନାମୀ ବେଳେ ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମଙ୍କୁ କେମିତି ବଞ୍ଚାଇବେ। ତା' ପରେ ଆପଦ ମିତ୍ର, ସ୍ୱେଚ୍ଛାସେବୀ ଓ ଟାସ୍କ ଫୋର୍ସ ଲାଇଭ୍ ଡେମୋ କଲେ - ଗାମୁଛାରେ ଷ୍ଟ୍ରେଚର, ବାଉଁଶ ମୁଙ୍ଗେରେ ଉଦ୍ଧାର, ପ୍ରାଥମିକ ଚିକିତ୍ସା।

ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କହ୍ନେଇ ଚରଣ ପ୍ରଧାନ, ଡିଇଓ ଚନ୍ଦ୍ରକାନ୍ତ ପରିଡା, ସମ୍ପାଦକ ଶଶୀ ଭୂଷଣ ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରଖର ସ୍ରୋତରେ ଭାସିଯାଇଥିବା ଯୁବକର ମୃତଦେହ ଉଦ୍ଧାର

ବାରିପଦା,୨୭।୯ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ତଥା ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ସୀମାନ୍ତ ତିରିଂଥାନ ଅଞ୍ଚଳର କୁଲୁଘୁଟୁ ଗ୍ରାମ୍ମ ନାଣ୍ଡୁଆ ନାଳରେ ଗତକାଲି ଶନିବାର ଦିନ ପୂର୍ବାହ୍ନ ସମୟରେ ସାଙ୍ଗସାଥୀଙ୍କ ସହ ଗାଧୋଇବାକୁ ଯାଇ ପ୍ରଖର ସ୍ରୋତରେ ଭାଷି ଯାଇଥିବା ନବାଳକ ର ମୃତଦେହକୁ ଆଜି ଅଗ୍ନିଶ୍ରମ ବାହିନୀ ଉଦ୍ଧାର କରିଅଛି।



ସୂଚନାଯୋଗ୍ୟ ପଡୋଶୀ ଝାଡଖଣ୍ଡ ରାଜ୍ୟର ପଶ୍ଚିମସିଂହଭୂମ ଜିଲ୍ଲାର ତାନ୍ତେନଗର ଥାନା ଅଞ୍ଚଳର କାକେହୋ ଗ୍ରାମର ସ୍ୱର୍ଗତ ଦୁର୍ଯୋଧନ କାଲୁଣ୍ଡିଆଙ୍କ ୧୭ ବର୍ଷିୟ ନାବାଳକ ପୁଅ ଶୁକ୍ରା କାଲୁଣ୍ଡିଆ କୁଲୁଘୁଟୁ ଗ୍ରାମରେ ମାମୁଁ ଘରେ ରହି ଦିର୍ଘବର୍ଷ ହେଲା ପଢ଼ାପଢ଼ି କରୁଥିଲା। ଗତକାଲି ନାଣ୍ଡୁଆ ନାଳରେ ସାଙ୍ଗସାଥୀଙ୍କ ସହ ଗାଧୋଇବାକୁ ଯାଇ ପ୍ରଖର ସ୍ରୋତରେ ଭାସି ଯାଇଥିବା ଭଳି ଦୁଃଖଦ ଘଟଣା ଘଟି ଯାଇଥିଲା । ବଢିପାଣି ଯୋଗୁଁ ଗତକାଲି ବହୁ ଖୋଜାଖୋଜି କରି ଶୁକ୍ରାକୁ ପାଇ ନଥିଲେ। ଆଜି ଅଗ୍ନିଶମ ବିଭାଗ ଦ୍ୱାରା ମୃତକକୁ ଉଦ୍ଧାର କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।



# ସବୁ ଋତୁରେ ମୁହଁରେ ଲେମ୍ବୁ ରସ ଲଗାଇବା କ୍ଷତିକାରକ

ସାଧାରଣତଃ ଆପଣମାନେ ଜାଣିଥିବେ ଶୀତ ଦିନରେ ସ୍କିନ୍ ଅଧିକ ଡ୍ରାଏ ହୋଇଯାଏ। ଏହା ବ୍ୟତୀତ ଆହୁରି ଅନେକ ପ୍ରକାର ସମସ୍ୟା ମଧ୍ୟ ଦେଖା ଦେଇଥାଏ। ସେଥିପାଇଁ ଶୀତ ଦିନରେ ସ୍କିନକୁ ଅତିରିକ୍ତ ଯତ୍ନର ଆବଶ୍ୟକତା ରହିଛି, କାରଣ ଏହି ସମୟରେ ଥଣ୍ଡା ପବନ ଏବଂ କମ୍ ଆର୍ଦ୍ରତା ଯୋଗୁଁ ସ୍କିନ୍ ଖରାପ ହୋଇପାରେ। ଥଣ୍ଡା ପାଗରେ, ବାୟୁରେ ଆର୍ଦ୍ରତା କମିଯାଏ, ଯେଉଁ କାରଣରୁ ସ୍କିନରେ ଅନେକ ପ୍ରକାରର ସମସ୍ୟା ଦେଖାଯାଏ। ଏହା ବ୍ୟତୀତ ଶୀତଦିନେ ତାପମାତ୍ରା ହ୍ରାସ ହେତୁ ଆମ ସ୍କିନରେ ଆର୍ଦ୍ରତା ବଜାୟ ରଖିବା ଜରୁରୀ ହୋଇଥାଏ। ସ୍କିନକୁ ଆର୍ଦ୍ରତା ଯୋଗାଇବା ଏବଂ ଏହାକୁ ଚମକାଇବା ପାଇଁ ଅନେକ ଲୋକ ଅନେକ ପ୍ରକାରର ଜିନିଷ ବ୍ୟବହାର କରିବା ସହିତ ଘରୋଇ ଉପଚାର ମଧ୍ୟ ବ୍ୟବହାର କରନ୍ତି। ତାହେଲେ ଆସନ୍ତୁ ସେହି ବିଷୟରେ ବିଶେଷ ଭାବେ ଜାଣିବା। ଘରୋଇ ଉପଚାରରେ, ଲୋକମାନେ ଅନେକ ପ୍ରାକୃତିକ ଜିନିଷର ପେଷ୍ଟ ତିଆରି କରନ୍ତି କିମ୍ବା ଏହାକୁ ସିଧାସଳଖ ମୁହଁରେ ଲଗାନ୍ତି, କିନ୍ତୁ ଏହା ସ୍କିନକୁ କ୍ଷତି ପହଞ୍ଚାଇପାରେ। ଆଜି ଆମେ ଆପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ବିଷୟରେ କହିବାକୁ ଯାଉଛୁ ଯାହାକୁ ଶୀତଦିନେ ଆପଣଙ୍କ ମୁହଁରେ ଲଗାଇବା ଠାରୁ ଦୂରେଇ ରହିବା ଉଚିତ୍।

**ଲେମ୍ବୁ ରସ:** ସ୍କିନର ଯତ୍ନ ପାଇଁ ଅନେକ ଲୋକ ଲେମ୍ବୁ ରସ ବ୍ୟବହାର କରନ୍ତି। ଶୀତଦିନେ ସ୍କିନର ଯତ୍ନ ପାଇଁ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। ଲେମ୍ବୁରେ ଭିଟାମିନ୍ 'ସି' ଥାଏ ଏବଂ ସ୍କିନ୍ ଉଜ୍ଜ୍ୱଳତା ପାଇଁ ଜଣାଶୁଣା। କିନ୍ତୁ ଲେମ୍ବୁରେ ସାଇଟ୍ରସ୍ ଏସିଡ୍ ଥାଏ, ଯାହା ସ୍କିନର ପ୍ରାକୃତିକ ଆର୍ଦ୍ରତାକୁ ହ୍ରାସ କରିପାରେ ଏବଂ ଶୀତଦିନେ ଶୁଷ୍କ ଚର୍ମ ଥିବା ଲୋକଙ୍କ ପାଇଁ ଅଧିକ କ୍ଷତି କରିପାରେ। ଏହି କାରଣରୁ ସ୍କିନ୍ ଅଧିକ ଶୁଷ୍କ ଦେଖାଯିବାକୁ ଆରମ୍ଭ କରେ। ଏଥି ସହିତ, ଲେମ୍ବୁ ଲଗାଇବା ଦ୍ୱାରା ସ୍କିନରେ କୁଣ୍ଡେଇ ହେବା ଏବଂ ପୋଡିବା ଭଳି ସମସ୍ୟା ସୃଷ୍ଟି ହୋଇପାରେ।

**ଚନ୍ଦନ ପାଉଡର:** ସ୍କିନକୁ ଥଣ୍ଡା କରିବା ଏବଂ ଚେହେରାକୁ ଚମକାଇବା ପାଇଁ ସାଧାରଣତଃ ଚନ୍ଦନ ପାଉଡର ବ୍ୟବହୃତ ହୁଏ, କିନ୍ତୁ ଶୀତଦିନେ ଏହା ସ୍କିନକୁ ଶୁଷ୍କ କରିପାରେ। ଚନ୍ଦନ କାଠର ସ୍କିନକୁ ଥଣ୍ଡା କରାଇବାର ଗୁଣ ରହିଛି, ତେଣୁ ଶୀତଦିନେ ଏହାକୁ ମୁହଁରେ ଲଗାଇଲେ ସ୍କିନର ଆର୍ଦ୍ରତା ଖରାପ କରିପାରେ, ଯାହା ସ୍କିନରେ ଶୁଷ୍କତା ଏବଂ ପୋଡ଼ିବା ଭଳି ସମସ୍ୟା ସୃଷ୍ଟି କରିପାରେ।

**ବେକିଂ ସୋଡା:** ଅନେକ ଲୋକ ସ୍କିନକୁ ଭଲ ରଖିବା ପାଇଁ ବେକିଂ ସୋଡା ବ୍ୟବହାର କରନ୍ତି। କିନ୍ତୁ ଶୀତ ଦିନରେ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। କାରଣ ବେକିଂ ସୋଡାର ପିଏଚ ସ୍ତର ସ୍କିନର ପିଏଚ ସ୍ତରଠାରୁ ଅଧିକ ରହିଥାଏ। ଏପରି ପରିସ୍ଥିତିରେ, ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନର ପିଏଚ ସ୍ତର ଖରାପ ହୋଇପାରେ, ଯେଉଁ କାରଣରୁ ସ୍କିନରେ ଶୁଷ୍କତା, ପୋଡ଼ିବା କିମ୍ବା ଲାଲ୍ ହେବା ଭଳି ସମସ୍ୟା ଦେଖାଦେଇଥାଏ। ସେଥି ପାଇଁ ଯେଉଁମାନେ ଶୀତ ଦିନରେ ନିଜ ସ୍କିନକୁ ଭଲ ରଖିବାକୁ ଚାହୁଁଛନ୍ତି, ସେମାନେ ଏହି ସବୁ ଜିନିଷ ଠାରୁ ଦୂରେଇ ରୁହନ୍ତୁ।

# ଭାତକୁ ଗରମ କରି ଖାଇଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ଭାତ ବଳକା ରହିବା (ରାଇସ୍) ଅନେକ ଭାରତୀୟ କିଚେନରେ ଏକ ସାଧାରଣ କଥା ଏବଂ ଅନେକ ସମୟରେ ଏହାକୁ ବିନା ସଙ୍କୋଚରେ ପୁଣି ପରବର୍ତ୍ତୀ ଦିନ , ପୁନର୍ବାର ଗରମ କରି ଖିଆ ଯାଏ। କାରଣ ଏହା ଦେଖିବାରେ ଏବଂ ବାସ୍ନାରେ ଠିକଠାକ୍ ଲାଗିଥାଏ। ଏଥିପାଇଁ ଅଧିକାଂଶ ଲୋକେ ଭାବନ୍ତି ଯେ, ଏହା ଖାଇବା ପାଇଁ ସଂପୂର୍ଣ୍ଣ ସୁରକ୍ଷିତ। ହେଲେ , ବାସ୍ତବତା ଯେ, ଯଦି ଚାଉଳକୁ ସଠିକ୍ ଢଙ୍ଗରେ ଷ୍ଟୋର୍ କିମ୍ବା ଆଉଥରେ ଗରମ କରାନଯାଏ , ତ ଏହା ଶୀଘ୍ର ହାନିକାରକ ବ୍ୟାକ୍ଟେରିଆ ପାଇଁ ସଠିକ୍ ସ୍ଥାନ ପାଲଟି ଯାଏ।

ଡାକ୍ତର ଏମି ଶାହ , ଯିଏ ଡବଲ ବୋର୍ଡ –ସାର୍ଟିଫାଇଡ୍ ଏମଡି ଓ ନ୍ୟୁଟ୍ରିସନିଷ୍ଟ, ନିଜର ୨୩ ଅକ୍ଟୋବରର ଇନଷ୍ଟାଗ୍ରାମ୍ ପୋଷ୍ଟରେ ଚେତାବନୀ ଦେଇଛନ୍ତି । କହିଛନ୍ତି - ରାଇସ୍କୁ ଆଉ ଥରେ ଗରମ କରିବା ଏକ ଦୈନିକ କରାଯାଉଥିବା ଭୁଲରୁ ଫୁଡ୍ ପଏଜନିଂ ଓ ପେଟରେ ଇନଫେକ୍ସନର ଆଶଙ୍କା ବଢି ପାରେ। ଡାକ୍ତର ଏମି ଚେତାବନୀ ଦେଇଛନ୍ତି ଯେ, ଏମିତି ଭୁଲ କରନାହିଁ। ଏଥିରୁ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ଏବଂ ଗୁରୁତର ସମସ୍ୟାରେ ଆପଣ ହସ୍ପିଟାଲକୁ ମଧ୍ୟ ଯିବାକୁ ପଡ଼ିପାରେ।



ସେ ପ୍ରଥମେ ଏକ ଗୁରୁତ୍ୱପୂର୍ଣ୍ଣ ଭୁଲ୍ ଧାରଣାକୁ ସ୍ପଷ୍ଟ କରିଛନ୍ତି – ଚାଉଳକୁ ଫ୍ରିଜ୍ରେ ରଖିବା ବାସ୍ତବରେ ଆପଣଙ୍କ ପାଇଁ ବହୁତ ଭଲ। ଏହାକୁ ରୋଷେଇ କରିବା ପରେ ଏହାକୁ ଶୀଘ୍ର ଥଣ୍ଡା କରନ୍ତି ଏବଂ ସାରା ରାତି ପାଇଁ ଫ୍ରିଜ ଷ୍ଟୋର କରନ୍ତି। ଯେବେ ଆପଣ ଏହାକୁ ପରବର୍ତ୍ତୀ ଦିନ ଖାଆନ୍ତି, ତ କିଛି ଷ୍ଟାର୍ଚ ପେଟ ପାଇଁ ଫଳପ୍ରଦ ରେଜିଷ୍ଟାଣ୍ଟ ଷ୍ଟାର୍ଚରେ ବଦଳି ଯାଏ ,ଯାହା ବ୍ଲଡ୍ ସୁଗାର ରେସପନ୍ସକୁ ଭଲ କରିଥାଏ ଏବଂ ହେଲଦି ମାଇକ୍ରୋବାୟୋମକୁ ସପୋର୍ଟ କରିଥାଏ। ହେଲେ ଡାକ୍ତର ଶାହ ଏହି କଥା ଉପରେ ଜୋର ଦେଇଛନ୍ତି ଯେ, ବାସ୍ତବରେ ବିପଦ ଫ୍ରିଜ୍ରେ ରଖିବା ଦ୍ୱାରା ନୁହେଁ , ବରଂ ଏହା ପୂର୍ବରୁ କଣ ହୋଇଥାଏ, ଏଥିରେ ରହିଛି। ସବୁଠୁ ବଡ଼ ଭୁଲ ରନ୍ଧା ଭାତକୁ ପୂରା ଦିନ ଖୋଲାରେ ରଖି ଦେବା। ସେ ଆହୁରି କହିଛନ୍ତି ଯେ, ଏହି ବିପଦ ମେଡିକାଲ ଟ୍ରେନିଂରେ ଭଲଭାବେ କୁହାଯାଇଛି। ଏହା ସବୁଠୁ ବେସିକ୍ ଫୁଡ୍ ସେଫ୍ଟି ପ୍ରଶ୍ନରେ ଗୋଟିଏ ଥିଲା, ଯାହା ଉପରେ ମେଡିକାଲ ସ୍କୁଲରେ ଆମର ଟେଷ୍ଟ ନିଆଯାଇ ଥିଲା ଏବଂ ଏହା ଏକ ବଡ଼ ଚେତାବନୀ। ବିଶେଷକରି କଲେଜ୍ ଷ୍ଟୁଡେଣ୍ଟ କିମ୍ବା କୌଣସି ବି ଏମିତି ବ୍ୟକ୍ତିଙ୍କ ପାଇଁ ଯିଏ ଖାଦ୍ୟକୁ ଅଧିକ ସମୟ ଯାଏ ଖୋଲାରେ ରଖି ଦିଅନ୍ତି।

ଡାକ୍ତର ଶାହ କହିଛନ୍ତି ଯେ, ରୁମ୍ ଟେମ୍ପରେଚରରେ ଛାଡ଼ି ଦିଆଯାଇ ଥିବା ଭାତ ହାନିକାରକ ବ୍ୟାକ୍ଟେରିଆ ବୃଦ୍ଧି ପାଇଁ ପୂରା ସଠିକ୍ ମାହୋଲ ହୋଇଥାଏ। ଯଦି ଏହା ଦୂଷିତ ହୋଇଯାଏ ,ତ ଏହା ଗୁରୁତର ଫୁଡ୍ ପଏଜନିଂର କାରଣ ହୋଇପାରେ ଏବଂ କ୍ୱଚିତ କ୍ଷେତ୍ରରେ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିପାରେ। ଶେଷରେ ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ, ଭାତକୁ ପ୍ରଥମ ରାନ୍ଧନ୍ତୁ , ତାକୁ ଯେତେ ଶୀଘ୍ର ସମ୍ଭବ ଥଣ୍ଡା କରନ୍ତୁ , ପୁଣି ଫ୍ରିଜ୍ରେ ଏକ ଏୟାରଟାଇଟ୍ କଣ୍ଟେନରରେ ଷ୍ଟୋର କରିଦିଅନ୍ତୁ । ଏହାକୁ ଥରୁଟିଏରୁ ଅଧିକ ଗରମ କରନ୍ତୁ ନାହିଁ।

# କୋଲ୍ଡଡ୍ରିଙ୍କ୍ସ ଓ ଚୁଇଙ୍ଗମର ମିଠା ହୃଦୟ, ମସ୍ତିଷ୍କକୁ ହାନି ପହଞ୍ଚାଏ

କୋଲ୍ଡଡ୍ରିଙ୍କ୍ସ, ସୁଗାର୍ ଫ୍ରି ଚୁଇଙ୍ଗମ୍ ଏବଂ ଡାଏଟ୍ ଉତ୍ପାଦରେ ବ୍ୟବହୃତ କୃତ୍ରିମ ମିଠାକୁ ନେଇ ସବୁବେଳେ ପ୍ରଶ୍ନ ଉଠାଯାଏ। କିନ୍ତୁ ଏବେ ଏକ ଅଧ୍ୟୟନରେ ଏପରି କିଛି ପ୍ରକାଶ ପାଇଛି ଯାହା ଆପଣଙ୍କୁ ଭୟଭୀତ କରିବ। ସଦ୍ୟତମ ଅଧ୍ୟୟନରୁ ଜଣାପଡିଛି ଯେ କୋଲ୍ଡଡ୍ରିଙ୍କ୍ସ ଏବଂ ଚୁଇଙ୍ଗମର ମିଠା ହୃଦରୋଗ ବୃଦ୍ଧି କରୁଛି ଏବଂ ମସ୍ତିଷ୍କର କାର୍ଯ୍ୟକୁ ହ୍ରାସ କରୁଛି। ଆସ୍ପାର୍ଟେମ୍, ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ଭଳି ମିଠା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ। କୃତ୍ରିମ ମିଠା ଚିନି ଅପେକ୍ଷା ୨୦୦ ଗୁଣ ଅଧିକ ମିଠା, କିନ୍ତୁ ଏଥିରେ ବହୁତ କମ୍ କ୍ୟାଲୋରୀ ଥାଏ। ଏଥିରେ ମୁଖ୍ୟତଃ ଆସପାର୍ଟାମ (ଡାଏଟ୍ କୋକ୍, ସୁଗାର ଫ୍ରି ଉତ୍ପାଦରେ), ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ (ସୁଗାର ଫ୍ରି ଗମ୍, କ୍ୟାଣ୍ଡି, ଟୁଥପେଷ୍ଟରେ), ସୁକ୍ରାଲୋଜ୍ ଏବଂ ସାକାରିନ୍ ଅନ୍ତର୍ଭୁକ୍ତ। ବାୟୋମେଡିସିନ୍ ଏବଂ ଫାର୍ମାକୋଥେରାପିରେ ଏକ ଅଧ୍ୟୟନରେ ମୂଷା ଉପରେ ଆସ୍ପାର୍ଟାମର ପ୍ରଭାବ ପରୀକ୍ଷା କରାଯାଇଥିଲା। ଏହି ଫଳାଫଳରୁ ଜଣାପଡିଛି ଯେ ଏହାର କମ ମାତ୍ରା ମଧ୍ୟ ହୃତପିଣ୍ଡର ମାଂସପେଶୀକୁ ମୋଟା କରିଥାଏ , ଯାହା ହୃତପିଣ୍ଡକୁ ଦୁର୍ବଳ କରିଥାଏ।



ସେହିପରି, କ୍ଲିଭଲ୍ୟାଣ୍ଡ କ୍ଲିନିକ୍ (୨୦୨୪-୨୦୨୫) ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ରକ୍ତ ପ୍ଲେଟଲେଟ୍ ସହିତ ଲାଗି ରହିଥାଏ, ଯାହା ଫଳରେ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟ ହୃଦୟ କିମ୍ବା ମସ୍ତିଷ୍କକୁ ଯାଇ ଷ୍ଟ୍ରୋକ ସୃଷ୍ଟି କରିପାରେ। ଯେଉଁମାନେ ଏଗୁଡ଼ିକୁ ଅତ୍ୟଧିକ ସେବନ କରନ୍ତି ସେମାନଙ୍କ ହୃଦଘାତର ଆଶଙ୍କା ୫୦ ପ୍ରତିଶତ ବଢ଼ିଯାଏ। ସେପ୍ଟେମ୍ବର ୨୦୨୫ରେ ନ୍ୟୁରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଆଠ ବର୍ଷ ଧରି ୧୨,୭୦୦ ଲୋକଙ୍କୁ ଅନୁସରଣ କରିଥିଲା। ଏଥିରେ ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ମିଠା ବ୍ୟବହାର କରୁଥିଲେ ସେମାନଙ୍କ ସ୍ମୃତିଶକ୍ତି ଏବଂ ଚିନ୍ତା କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଇଥିଲା।ଏହି ବ୍ୟକ୍ତିମାନଙ୍କଠାରେ ସ୍ମୃତିଶକ୍ତି ହ୍ରାସ ୬୨% ରୁ ଅଧିକ ଥିଲା।

# ବ୍ଲଡ୍ ସୁଗର ସ୍ତର ବୃଦ୍ଧି ଶରୀର ପାଇଁ କ୍ଷତିକାରକ




ଡାଇବେଟିସ୍ ବା ମଧୁମେହ କେବଳ ରକ୍ତରେ ଶର୍କରା ସ୍ତରକୁ ବୃଦ୍ଧି ପାଇବାର ସମସ୍ୟା ନୁହେଁ ; ଏହା ଆମ ହାର୍ଟର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଗମ୍ଭୀର ଚେତାବନୀ ସଦୃଶ। ରକ୍ତରେ ଯେତେବେଳେ ଶର୍କରା ସ୍ତର ଦୀର୍ଘ ଦିନ ଯାଏ ଅନିୟନ୍ତ୍ରିତ ରହିଥାଏ, ସେତେବେଳେ ସେମାନେ ହାର୍ଟକୁ କାର୍ଯ୍ୟକ୍ଷମ କରୁଥିବା ସ୍ନାୟୁ ଏବଂ କ୍ଷୁଦ୍ର ରକ୍ତବାହୀ ନଳୀଗୁଡ଼ିକୁ ନୀରବରେ ଦୁର୍ବଳ କରିବାକୁ ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ଜଣେ ମଧୁମେହ ରୋଗୀଙ୍କ ହୃଦରୋଗର ଆଶଙ୍କା ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୨-୪ ଗୁଣ ଅଧିକ ବଢିଯାଏ। ବାସ୍ତବତା ହେଉଛି ହାର୍ଟର (ହୃଦୟ)ସୁରକ୍ଷା ପାଇଁ ଚିନି ବା ସୁଗାରକୁ ନିୟନ୍ତ୍ରଣ କରିବା। ମ୍ୟାକ୍ସ ସୁପର ସ୍ପେଶାଲିଟି ହସ୍ପିଟାଲ (ଶାଲିମାର ବାଗସ୍ଥିତ )ର ହୃଦରୋଗ ବିଶେଷଜ୍ଞ ଡକ୍ଟର ନବୀନ ଭାମାରୀଙ୍କ ଠାରୁ ଆସନ୍ତୁ ଜାଣିବା ଯେ, ଅନିୟନ୍ତ୍ରିତ ଡାଇବେଟିସ୍ ହାର୍ଟର ସ୍ୱାସ୍ଥ୍ୟ ଉପରେ କେମିତି ଖରାପ ପ୍ରଭାବ ପକାଇ ଥାଏ। ଶର୍କରା ସ୍ତର ବୃଦ୍ଧି ମାତ୍ରା ରକ୍ତ ବାହିକା ଗୁଡ଼ିକର ଭିତର ଆସ୍ତରଣକୁ କ୍ଷତି ପହଞ୍ଚାଇ ଧମନୀଗୁଡ଼ିକ କଠିନ ଏବଂ ସଙ୍କୁଚିତ କରିଥାଏ। ଯେଉଁଥିରେ ହାର୍ଟକୁ ରକ୍ତ ପ୍ରବାହ ହ୍ରାସ ପାଏ ଏବଂ କରୋନାରୀ ଆର୍ଟେରୀ ଡିଜିଜର ବିପଦ ବୃଦ୍ଧି କରେ। ମଧୁମେହରେ ପ୍ରାୟତଃ ଏଲଡିଏଲ (ଖରାପ କୋଲେଷ୍ଟ୍ରଲ) ଏବଂ ଟ୍ରାଇଗ୍ଲିସେରାଇଡ୍ ବଢି ଯାଏ , ଯେତେବେଳେ କି ଏଚଡିଏଲ (ଭଲ କୋଲେଷ୍ଟ୍ରଲ) ହ୍ରାସ ପାଇଯାଏ। ଏହା ଧମନୀରେ ପ୍ଲାକ୍ ଜମା କରିଥାଏ ଏବଂ ହୃଦଘାତର ଆଶଙ୍କା ବଢାଇ ଥାଏ। ମଧୁମେହ ସହ ପ୍ରାୟତଃ ଉଚ୍ଚ ରକ୍ତଚାପ ମଧ୍ୟ ହୋଇ ଥାଏ । ଏହା ଏକାଠି ହୃଦୟ ଉପରେ ଅତିରିକ୍ତ ଚାପ ପକାଇଥାଏ , ହୃଦଘାତ ଭଳି ସମସ୍ୟାର ଆଶଙ୍କା ବୃଦ୍ଧି କରିଥାଏ। ମଧୁମେହରେ ସ୍ନାୟୁର କ୍ଷତି ହୋଇଥାଏ, ଯାହା ହୃଦସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରଣକୁ ପ୍ରଭାବିତ କରିପାରେ। ସାଧାରଣ ହୃଦଘାତର ଲକ୍ଷଣଗୁଡ଼ିକ ପ୍ରାୟତଃ ଲୁଚି ଯାଇପାରେ, ଯେଉଁଥିରେ ସ୍ଥିତି ଆହୁରି ବିପଦପୂର୍ଣ୍ଣ ହୋଇଯାଏ। ଦୀର୍ଘ ଦିନ ଯାଏ ବଢୁଥିବା ଉଚ୍ଚ ସୁଗାର ସ୍ତର ଶରୀରରେ ପ୍ରଦାହ(ଇନଫ୍ଲେସନ) ବୃଦ୍ଧି କରାଏ , ଯାହା ହାର୍ଟ ଓ ରକ୍ତବାହୀ ନଳୀକୁ ଆହୁରି କ୍ଷତି କରିଥାଏ।

**ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖନ୍ତୁ:** ପ୍ରତିଦିନ କିମ୍ବା ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପଣଙ୍କର ସୁଗାରକୁ ଚେକ୍ କରନ୍ତୁ , ବିଶେଷକରି ଫାଷ୍ଟିଂ ଏବଂ ପିପି ( ଖାଇବା ପରେ) ଏଚବିଏ୧ସି ସ୍ତର ୭%ରୁ କମ୍ ରଖିବାର ଲକ୍ଷ୍ୟ ରଖନ୍ତୁ। ଏହା ଆପଣଙ୍କ ହାର୍ଟ ଓ ପୂରା ଶରୀରକୁ ସୁରକ୍ଷା ଦେଇଥାଏ।

**ଅନ୍ୟାନ୍ୟ ରୋଗ ଏବଂ ବିପଦ କାରଣଗୁଡ଼ିକୁ ନିୟନ୍ତ୍ରଣ କରନ୍ତୁ:** ଉଚ୍ଚ ରକ୍ତଚାପ, ହାଇ କୋଲେଷ୍ଟ୍ରଲ ଏବଂ ମୋଟାପା ମଧ୍ୟ ହୃଦରୋଗର ଆଶଙ୍କା ବୃଦ୍ଧି କରେ। ଏଗୁଡ଼ିକୁ ଡାଇବେଟିସ ସହ ନିୟନ୍ତ୍ରଣ କରିବା ଖୁବ୍ ଜରୁରୀ।

**ହାର୍ଟ ପାଇଁ ସୁସ୍ଥ ଆହାର ଖାଆନ୍ତୁ:** ଖାଦ୍ୟରେ ଫଳ, ପନିପରିବା, ଶସ୍ୟ, ଲିନ୍ ପ୍ରୋଟିନ୍ ଏବଂ ସୁସ୍ଥ ଚର୍ବି (ଯେପରିକି ବାଦାମ, ମଞ୍ଜି ଏବଂ ମାଛ) ସାମିଲ କରନ୍ତୁ। ଅତ୍ୟଧିକ ଭଜା ଖାଦ୍ୟ, ଟ୍ରାନ୍ସ ଚର୍ବି, ସାଚୁରେଟେଡ୍ ଚର୍ବି ଏବଂ ପ୍ରକ୍ରିୟାକୃତ ଚିନି ପରିହାର କରନ୍ତୁ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଲୁଣ ଖାଇବାକୁ ସୀମିତ କରନ୍ତୁ।

**ନିୟମିତ ବ୍ୟାୟାମ କରନ୍ତୁ:** ପ୍ରତିଦିନ ବ୍ୟାୟାମ ରକ୍ତ ଶର୍କରା (ବ୍ଲଡ୍ ସୁଗାର) କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହାର୍ଟକୁ ଶକ୍ତିଶାଳୀ କରେ। ସପ୍ତାହରେ ଅତି କମରେ ୩୦ ମିନିଟ୍ ଦ୍ରୁତ ଗତିରେ ଚାଲିବା, ପହଁରିବା କିମ୍ବା ସାଇକେଲ ଚଲାଇବା ଲାଭଦାୟୀ।

**ଭଲ ନିଦ୍ରା ଯିବା:** ହାର୍ଟ ଓ ଡାଇବେଟିସ୍ ସ୍ୱାସ୍ଥ୍ୟ ପାଇଁ ଭଲ ନିଦ ଜରୁରୀ, ଦୈନିକ ୭-୯ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।

**ଚିନ୍ତା ବା ଚାପ କମାନ୍ତୁ, ଧୂମପାନ ଏବଂ ମଦ୍ୟପାନ ଛାଡ଼ନ୍ତୁ:** ଅତ୍ୟଧିକ ଚାପ ରକ୍ତ ଶର୍କରା ବୃଦ୍ଧି କରିପାରେ, ଏବଂ ଧୂମପାନ ଓ ମଦ୍ୟପାନ ହାର୍ଟ ପାଇଁ ବହୁତ କ୍ଷତିକାରକ। ହାର୍ଟ ପାଇଁ ଧ୍ୟାନ, ଯୋଗ ଏବଂ ଡିପ୍ ବ୍ରେଦିଂର ଅଭ୍ୟାସ କରନ୍ତୁ। ଧୂମପାନ ତ୍ୟାଗ କରିବା ଆପଣଙ୍କ ହାର୍ଟ ପାଇଁ ସର୍ବୋତ୍ତମ ନିଷ୍ପତ୍ତି। ଆପଣଙ୍କ ମଦ୍ୟପାନ ସେବନକୁ ସୀମିତ କରନ୍ତୁ।

**ନିୟମିତ ମଧୁମେହ ଏବଂ ହୃଦଘାତ ଯାଞ୍ଚ କରାନ୍ତୁ:** ଡାକ୍ତରଙ୍କ ପରାମର୍ଶ ସହ ନିୟମିତ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ। ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ହୃଦସ୍ପନ୍ଦନ ପରୀକ୍ଷା ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପରାମର୍ଶ ଡାକ୍ତର ନବୀନ ଭାମାରୀ କୁହନ୍ତି ଯଦି ମଧୁମେହ ନିୟନ୍ତ୍ରଣରେ ନ ଥାଏ କିମ୍ବା ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟା କଷ୍ଟ, ଛାତିରେ ଭାରୀପଣ, କିମ୍ବା ବାହୁ, କିମ୍ବା ବେକରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

## ମାଣିକପାଟଣାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଆଳି,୨୭।୯ (ସଂଚାର ବ୍ୟୁରୋ): ଆଳି ମାଣିକପାଟଣା ପଂଚାୟତରେ ଶୁକଳଦେବୀ ପବ୍ଲିକ ସ୍କୁଲ ପରିସରରେ କୋଣାର୍କ ଦର୍ଶନ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡର ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକର ଅଭିଜ୍ଞ ବରିଷ୍ଠ ଡକ୍ଟରଙ୍କ ମେଡ଼ିସିନ, ଶିଶୁପ୍ରଶିରା, ଅସ୍ଥିରୋଗ ଆଦି ବିଭିନ୍ନ ବିଭାଗର ଡାକ୍ତର ମାନଙ୍କ ଦ୍ୱାରା ଚିକିତ୍ସା ସେବା ସହିତ ଓଜନ ବ୍ଲଡ ପ୍ରେସର ମାପିବା ରକ୍ତ ପରୀକ୍ଷା କରାଯାଇ ମାଗଣା ରେ ଔଷଧ ଯୋଗାଇ ଦିଆଯାଇଥିଲା।ପ୍ରମୋଟ ଜେନାଙ୍କ ପ୍ରୟାସ ସନ୍ତୋଷ ପାତ୍ର ଙ୍କ ସଂଯୋଜନା ଓ ସହକର୍ମୀ ଙ୍କ ସହଯୋଗ ରେ ଏହି ଶିବିରରେ ଶତାଧିକ ସମସ୍ୟା ଧାରୀ ଚିକିତ୍ସା ସୁବିଧା ପାଇଥିଲେ। ସମସ୍ତଙ୍କ ପାଇଁ ଥଣ୍ଡା ପାନୀୟ ଅଣ୍ଡା କଦଳୀ ସହିତ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ଗ୍ରାମାଞ୍ଚଳ ର ଲୋକେ ଦୂରକୁ ଯାଇ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଏଭଳି ଏକ ମହତ ପ୍ରୟାସରେ ମାଗଣା ସ୍ୱାସ୍ଥ୍ୟ ସେବା ସମଗ୍ର ଅଂଚଳରେ ଖୁସି ଆଣି ଦେଇଛି।

## ବିଶ୍ୱ ନଦୀ ଦିବସରେ ଗୋବରୀ ନଦୀ ପୂଜନ

*ନଦୀ ସୁରକ୍ଷା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସ୍ୱତନ୍ତ୍ର ପ୍ରୟାସ*



କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ): ବିଶ୍ୱ ନଦୀ ଦିବସ ଅବସରରେ କେନ୍ଦ୍ରାପଡ଼ାର ଗୋବରୀ ନଦୀ ପୂଜନ କରି ନଦୀ ସୁରକ୍ଷା ଓ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଜିଲ୍ଲାର ଜୀବନରେଖା ଗୋବରୀ ନଦୀ ଦିନକୁ ଦିନ ଆବର୍ଜନାମୟ ହେଉଥିବାରୁ ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଟ୍ରଷ୍ଟ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି।

ଏହି ଅବସରରେ ନଦୀ ମାତା ଗୋବରୀଙ୍କ ଆଳତି କରାଯିବା ସହ ଶାନ୍ତି ପିଣ୍ଡାର ପ୍ରାର୍ଥନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନଦୀକୁ ଆବର୍ଜନାମୁକ୍ତ ରଖିବା ସହ ଏଥିରେ ଅଳିଆ ଆବର୍ଜନା ନ ପକାଇବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଗପୁର, ଦେପୁର, କଦଳୀବାଡ଼ି, ସାରଙ୍ଗ, ହଜାରିବଗିଚା ଓ ଆଳିଜଙ୍ଗ ଅଞ୍ଚଳ ଅନେକେ ଯୋଗଦେଇଥିଲେ। ସହରରେ ଏଭଳି ଏକ ନିଆରା କାର୍ଯ୍ୟକ୍ରମକୁ ଦେଖି ବହୁ ବୁଦ୍ଧିଜୀବୀ ଓ ବୟସ୍କ ବ୍ୟକ୍ତି ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଚଳିତ ବର୍ଷର ନଦୀ ପୂଜନର ମୁଖ୍ୟ ବାର୍ତ୍ତା ଥିଲା, "ଜଙ୍ଗଲ ନାହିଁ, ନଦୀ ନାହିଁ, ଜଳ ନାହିଁ, ଜୀବନ ନାହିଁ"। ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଏହି ବାର୍ତ୍ତା ମାଧ୍ୟମରେ ପ୍ରକୃତି ଓ ଜଳସମ୍ପଦ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## 'ଅଙ୍ଗନ କା ଉତ୍ସବ-୨୦୨୬' ପାଳିତ



କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ-୨୦୨୬' ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁସ୍ମିତା ମହାନ୍ତି ଆୟୋଧ୍ୟାନଗର, ବଡ଼ହାଟ ଓ ବଗପୁର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଉତ୍ସବରେ ଯୋଗଦେଇଥିଲେ।

ଏହି ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଅଭିଭାବକ, ଅଦ୍ରିକା ବାଳିକା, ସୁଭଦ୍ରା ହିତାଧିକାରୀ, ପ୍ରାକ୍-ବିଦ୍ୟାଳୟ ଶିଶୁ, ସ୍ଥାନୀୟ ଜନପ୍ରତିନିଧି ଓ ସମୁଦାୟର ବିଭିନ୍ନ ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଉତ୍ସବର ଅଂଶ ଭାବେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପିତାମାନଙ୍କ ପାଇଁ ସେଲ୍ଫି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପିତାମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବିଭିନ୍ନ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଅଙ୍ଗନବାଡ଼ି କେନ୍ଦ୍ରର ବିଭିନ୍ନ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଆଇସିଡିଏସ ଅଧୀନରେ ମିଳୁଥିବା ବିଭିନ୍ନ ସେବା ଓ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଓ ଅନୁଭୂତି ଜାଣିଥିଲେ। ଏହିସବୁ ଶିଶୁମାନଙ୍କ ପୋଷଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା, ମାତୃ ଓ ଶିଶୁ ଯତ୍ନ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁଙ୍କ ପୋଷଣ, ପ୍ରାରମ୍ଭିକ ଶିକ୍ଷା ଓ ମାତୃ-ଶିଶୁ ଯତ୍ନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବା ସହ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା 'ଅଙ୍ଗନ କା ଉତ୍ସବ'ର ମୁଖ୍ୟ ଉଦ୍ଦେଶ୍ୟ।

## ବିଶ୍ୱ ପର୍ଯ୍ୟଟନ ଦିବସରେ 'ଓଡ଼ିଶା ପ୍ରୋମୋ ରନ୍'



କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆଜି କେନ୍ଦ୍ରାପଡ଼ାରେ 'ଓଡ଼ିଶା ପ୍ରୋମୋ ରନ୍-କେନ୍ଦ୍ରାପଡ଼ା' ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାର ସହ ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ଉଦ୍ଦେଶ୍ୟରେ ଆୟୋଜିତ ପ୍ରୋମୋ ରନ୍‌ରେ ଧାବକ ଓ ସାଧାରଣ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା।

ଆଜି ସକାଳ ୬ଟା ୩୦ ମିନିଟ୍‌ରେ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ନିକଟସ୍ଥ ଯାତ୍ରୀ ନିବାସଠାରୁ ପ୍ରୋମୋ ରନ୍‌ର ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ଏହି ରନ୍‌ର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶିବମ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ମାଇ ଭାରତର ଯୁବ ଅଧିକାରୀ ସିଦ୍ଧାର୍ଥ ଯାଦବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଧାବକ ଓ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ଏଥିସହ ଆଗାମୀ ଓଏମସି ପୁରୀ କୋଷ୍ଟାଲ୍ ମାରାଥନ୍- ୨୦୨୬, ଯାହା ୧୩ ଡିସେମ୍ବର ୨୦୨୬ରେ ଅନୁଷ୍ଠିତ ହେବ, ତାହାର ପ୍ରଚାର ଓ ଜନସଚେତନତା ସୃଷ୍ଟି ମଧ୍ୟ ଏହି ପ୍ରୋମୋ ରନ୍‌ର ଅନ୍ୟତମ ଉଦ୍ଦେଶ୍ୟ ଥିଲା।

### କୁମ୍ଭକର୍ଣ୍ଣ ନିଦ୍ରାରେ ପର୍ଯ୍ୟଟନ ବିଭାଗ

# ନିଜସ୍ୱ ଖର୍ଚ୍ଚରେ ପର୍ଯ୍ୟଟକଙ୍କୁ ସ୍ୱାଗତ କଲେ ସ୍ଥାନୀୟ ଲୋକ



ନୀଳଗିରି,୨୭।୯(ସଂଚାର ବ୍ୟୁରୋ): ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ସାରା ବିଶ୍ୱରେ ପର୍ଯ୍ୟଟନ ଓ ପର୍ଯ୍ୟଟନସ୍ଥଳୀର ବିକାଶକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ, ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାବା ପଞ୍ଚଲିଙ୍ଗେଶ୍ୱରରେ ଦେଖିବାକୁ ମିଳିଛି ଏକ ନିଆରା ଚିତ୍ର।ପର୍ଯ୍ୟଟକଙ୍କୁ ସ୍ୱାଗତ କରିବାକୁ ଆଗେଇ ଆସିଲେ ସ୍ଥାନୀୟ ଲୋକ। ନିଜସ୍ୱ ଖର୍ଚ୍ଚରେ ଫୁଲ ଓ ମିଠା ଦେଇ ପର୍ଯ୍ୟଟକଙ୍କୁ ଭବ୍ୟ ସ୍ୱାଗତ କରିବା ସହ ଅତିଥି ଦେବୋ ଭବଃର ପରିଚୟ ଦେଇଛନ୍ତି ଅଞ୍ଚଳବାସୀ।

ସ୍ଥାନୀୟ ଯୁବ ପରିବେଶବିତ୍ ତଥା ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସ ଏବଂ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲେ। ତେବେ ପ୍ରଶ୍ନ ଉଠୁଛି— ବିଶ୍ୱ ପର୍ଯ୍ୟଟନ ଦିବସ କାହା ପାଇଁ?

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ, ଆଜିର ଏହି ବିଶେଷ ଦିନରେ ପର୍ଯ୍ୟଟକଙ୍କ ସ୍ୱାଗତ ପାଇଁ ବିଭାଗୀୟ ସ୍ତରରେ ଆଶାନୁରୂପ ତତ୍ପରତା ଦେଖିବାକୁ ମିଳିନଥିବା ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଯେଉଁଠି ପର୍ଯ୍ୟଟନ ବିଭାଗର ପଦକ୍ଷେପ ଆଶା କରାଯାଉଥିଲା, ସେଠାରେ ସ୍ଥାନୀୟ ଲୋକ ନିଜ ଉଦ୍ୟମରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରି 'ଅତିଥି ଦେବୋ ଭବଃ'ର ବାର୍ତ୍ତା ଦେଇଛନ୍ତି ।ପଞ୍ଚଲିଙ୍ଗେଶ୍ୱରର ପ୍ରାକୃତିକ ସୌନ୍ଦର୍ଯ୍ୟ, ଶୈବପୀଠର ମାହାତ୍ମ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ଦେଖି ଏଠାରେ ଅଧିକ ପ୍ରଚାର, ପର୍ଯ୍ୟଟକ ସୁବିଧା ଓ ବିଭାଗୀୟ ପଦକ୍ଷେପକୁ ନେଇ ସ୍ଥାନୀୟ ମହଲରେ ଦାବି ଉଠିଛି।

ତେବେ ବିଶ୍ୱ ପର୍ଯ୍ୟଟନ ଦିବସରେ ପର୍ଯ୍ୟଟକଙ୍କୁ ବିଭାଗ ନୁହେଁ ବରଂ ସ୍ଥାନୀୟ ଲୋକ କରିଛନ୍ତି ସ୍ୱାଗତ। ଏବେ ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସାଧାରଣ ସମ୍ପାଦକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଡେରାବିଶ,୨୭।୯(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବନିଯୁକ୍ତ ସାଧାରଣ ସମ୍ପାଦକ ରତିକାନ୍ତ କାନୁନ୍‌ଗୋଙ୍କୁ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ସ୍ୱଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆଜି ଶ୍ରୀ କାନୁନ୍‌ଗୋଙ୍କୁ କଂଗ୍ରେସର ଶହଶହ କର୍ମୀ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ବଜାର ନିକଟରୁ ଏକ ବାଇକ୍ ର୍‌ୟାଲି ଶୋଭାଯାତ୍ରାରେ ବାଜା ବାଣ ରୋଷଣୀରେ ଚାନ୍ଦୋଳ କଲେଜ ଛକ ସ୍ଥିତ ସଭାସ୍ଥଳ ନିକଟକୁ ପାଛୋଟି ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକରୁ ଆସିଥିବା କଂଗ୍ରେସ କର୍ମକର୍ତା ଓ କର୍ମୀମାନେ ଶ୍ରୀ କାନୁନ୍‌ଗୋଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

ଶ୍ରୀ କାନୁନ୍‌ଗୋ ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ କଂଗ୍ରେସ ଦେଶ ତଥା ରାଜ୍ୟରେ ସ୍ଥିର ଓ ସୁଶାନ ଦେଇପାରିବ ବୋଲି ମନ୍ତବ୍ୟ ଦେବା ସହ କଂଗ୍ରେସର ଭୋଟର ତାଲିକା ସଂଶୋଧନ ଓ ରାଜ୍ୟର ଖଣି କେନ୍ଦ୍ର ହାତକୁ ଟେକିଦେବା ନୀତିକୁ ତିବ୍ର ବିରୋଧ କରିବା ସହ କଂଗ୍ରେସକୁ ଲୋକମାନେ ପୁଣି ଶାସନର ଦାୟିତ୍ୱ ଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଦଳ ତାଙ୍କ ଉପରେ ଏହି ଗୁରୁଦାୟିତ୍ୱ ଦେଇଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡ଼ଗେ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ସମସ୍ତ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଲଘୁଚାପ ଜନିତ ବର୍ଷାରେ ବେହାଲ ବୈଶିଙ୍ଗା ଅଞ୍ଚଳ

ବୈଶିଙ୍ଗା,୨୭।୯(ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଏବେବି ଜନଜୀବନ ଅସ୍ତବ୍ୟସ୍ତ। ଅବିଶ୍ରାନ୍ତ ଦିନରାତି ବର୍ଷା ଯୋଗୁଁ ଦୁର୍ବଳ ଘର ପ୍ରତି ବିପଦ ବଢ଼ିବାରେ ଲାଗିଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧିନ ବୈଶିଙ୍ଗା ପଞ୍ଚାୟତର ରଙ୍ଗାମାଟିଆ ଡାହିବାଡି ଗ୍ରାମରେ।ଲଗାଣ ବର୍ଷାରେ ଏହି ଗ୍ରାମର କାହ୍ନୁ ମୁର୍ମୁଙ୍କ ଆଜବେଷ୍ଟ ଘରର କାନ୍ଥ ଭୁଷୁଡି ପଡିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ଏହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ପରିବାର ଲୋକମାନେ ସମସ୍ତେ ଘରେ ଥିଲେ।ଘରର କାନ୍ଥ ଭୁଷୁଡିବା ପୂର୍ବରୁ କେମିତି ଜାଣିପାରି ପଡିଶା ଘରକୁ ଦୌଡି ପଳାଇଥିଲେ ଫଳରେ ଏକ ବଡ ଅଘଟଣରୁ ବର୍ତ୍ତି ଯାଇଥିଲେ।ଏବେ ପଡିଶା ଘରେ ଆଶ୍ରୟ ନେଉଛନ୍ତି ପରିବାରବର୍ଗ। ସେହିପରି ଏହି ଗ୍ରାମର ସ୍ୱର୍ଗତ ନିମାଇଁ ମାଝିଙ୍କ ପୁଅ ଶିବାନ ମାଝିଙ୍କ ଆଜବେଷ୍ଟ ଘରର ପଛପଟ କାନ୍ଥ ମଧ୍ଯ କିଛି ଅଂଶ ଭୁଷୁଡି ପଡିଥିବା ବେଳେ ସାମ୍ନା ବାରଣ୍ଡାରେ ବିପଦ ସଙ୍କୁଳ ଅବସ୍ଥାରେ ଆଶ୍ରୟ ନେଉଛନ୍ତି ପରିବାରବର୍ଗ। ଏପଟେ ସରକାର ତୁରନ୍ତ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି।



## ସିଆଇଆଇ ଏସଏଚଇ ଉତ୍କର୍ଷ ପୁରସ୍କାରରେ ଇଫକୋ ପାରାଦୀପ




ପାରାଦୀପ,୨୭।୯(ସଂଚାର ବ୍ୟୁରୋ): ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଇଫକୋ ପାରାଦୀପ ୟୁନିଟ୍‌କୁ ମିଳିଛି ଦୁଇଟି ସମ୍ମାନଜନକ ସ୍ୱୀକୃତି। ସିଆଇଆଇ ଏସଏଚଇ ଉତ୍କର୍ଷ ପୁରସ୍କାର ୨୦୨୫-୨୬ରେ ଇଫକୋ ପାରାଦୀପ ୟୁନିଟ୍ ପୂର୍ବାଞ୍ଚଳ ସ୍ତରରେ ଦ୍ୱିତୀୟ ରନର୍ସ-ଅପ୍ ଏବଂ ବୃହତ୍ ଶିଳ୍ପ ଉତ୍ପାଦନ କ୍ଷେତ୍ରର ଓଡ଼ିଶା ରାଜ୍ୟ ବର୍ଗରେ ପ୍ରଥମ ରନର୍ସ-ଅପ୍ ସମ୍ମାନ ହାସଲ କରିଛି।

କୋଲକାତାର ନ୍ୟୁ ଟାଉନ୍‌ସ୍ଥିତ ବିଶ୍ୱ ବଙ୍ଗଳା ପ୍ରଦର୍ଶନୀ କେନ୍ଦ୍ରରେ ଆୟୋଜିତ ପୁରସ୍କାର ସମାରୋହରେ ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ଶ୍ରୀ ଅନିରୁଦ୍ଧ ବିକ୍ରମ ସିଂହଙ୍କ ପକ୍ଷରୁ ଜିଏମ୍ (ଏଫ୍ ଆଣ୍ଡ୍ ଏସ୍) ଶ୍ରୀ ଆର୍. କେ. ସ୍ୱାଇନ୍ ଓ ଉପ-ପ୍ରବନ୍ଧକ (ଏଫ୍ ଆଣ୍ଡ୍ ଏସ୍) ଶ୍ରୀ ଆଦିଲ ୱାକାର ପୁରସ୍କାର ଗ୍ରହଣ କରିଥିଲେ। ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ଉପକମିଟିର ଅଧ୍ୟକ୍ଷ ଶ୍ରୀ ରାଜୀବ ମଙ୍ଗଲ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଇଫକୋ ପାରାଦୀପର ଏହି ସଫଳତା ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଅନୁଷ୍ଠାନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ଏହି ଦୁଇ ସମ୍ମାନ ଇଫକୋ ପାରାଦୀପର ସମଗ୍ର ଟିମ୍‌ର ଏକତ୍ରିତ ପ୍ରୟାସ, ଦୃଢ଼ ଦଳଗତ କାର୍ଯ୍ୟ ଏବଂ ଏକ ପ୍ରଭାବଶାଳୀ ସୁରକ୍ଷା ସଂସ୍କୃତି ଗଠନ ପାଇଁ ରହିଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି କୁହାଯାଇଛି। ଏହି ସଫଳତା ପାଇଁ ଇଫକୋ ପାରାଦୀପର କର୍ମଚାରୀ ଓ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

## ଗୋବରୀ ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨୭।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଥାନା ଅଧିନ ନାଗପୁରା ଗ୍ରାମର ଅନନ୍ତ ଚରଣ ରାଉତ(୫୨) ଶନିବାର ବିଲକୁ ଘାସ କାଟିବା ପାଇଁ ଯାଇଥିଲେ। ଘାସ କାଟି ଘରକୁ ଫେରୁଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଗୋବରୀ ନଦୀ ଘାଟରେ ଧୂଆଧୋଇ ହେଉଥିବା ବେଳେ ଗୋଡ ଖସିଯିବାରୁ ନଦୀରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନଦୀରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ତାଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନଦୀରେ ବୁଡ଼ି ଯୁବତୀ ମୃତ

ଧାମନଗର,୨୭।୯(ସଂଚାର ବ୍ୟୁରୋ): ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମ (ଭୋଇ ସାହି)ର ପ୍ରଦୀପ ଜେନାଙ୍କ ଝିଅ କ୍ରିଷ୍ଣା ଜେନା (୨୧) ରବିବାର ସକାଳ ସମୟରେ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ଏନେଇ ମୃତକଙ୍କ ଭାଇ ଧାମନଗର ଥାନାରେ ଅଭିଯୋଗ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ ରବିବାର ସକାଳ ସମୟରେ ମୃତ କ୍ରିଷ୍ଣାରାଣୀ ଶୌଚ ହେବାକୁ ଘର ନିକଟସ୍ଥ ଗେଙ୍ଗୁଟି ନଦୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନଫେରିବା ନେଇ ପରିବାର ଓ ଗ୍ରାମବାସୀ ଲୋକେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ ଲୋକେ ଘର ଠାରୁ କିଛି ଦୂର ନଦୀର ଯନ୍ତଖାଇ ମାହାରା ଠାରେ ଏକ ମୃତ ଦେହ ଭାସୁଥିବା ନେଇ ଦେଖିବାକୁ ପାଇଥିଲେ। ମୃତକଙ୍କୁ ଉଦ୍ଧାର କରିବା ନେଇ ଧାମନଗର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିବା ପରେ ପରିବାର ଲୋକ କ୍ରିଷ୍ଣା ରାଣୀ ବୋଲି ଚିହ୍ନଟ କରିଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ଶବକୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇଥିଲା। ଖବର ପାଇ ଧାମନଗର ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ସ୍ୱଚ୍ଛତା ସେବା ଓ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ




ବାଲିଆପାଳ,୨୭।୯(ସଂଚାର ବ୍ୟୁରୋ): ଦେଶରେ ସବୁଠାରୁ ବଡ ଶିଳ୍ପ ହେଉଛି ପର୍ଯଟନ ସ୍ଥଳୀ।ଲକ୍ଷ ଲକ୍ଷ ଚାକିରିର ନିଯୁକ୍ତି, ଅର୍ଥ ରୋଜଗାର, ଜିଡ଼ିପିଓ ବୃଦ୍ଧି, ଆର୍ନ୍ତଜାତୀୟ ସହଯୋଗ,ଦେଶ ଦେଶ ମଧ୍ୟରେ ସୀମା ଏବଂ ସଂସ୍କୃତିକୁ ସଂଯୋଗ କରୁଥିବା ମାଧ୍ୟମ ହେଉଛି ପର୍ଯ୍ୟଟନ ସ୍ଥଳୀ। ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ସ୍ୱଚ୍ଛତାର ଗୁରୁତ୍ୱ ଅଧିକ ରହିଛି ବୋଲି ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୭ ସେପ୍ଟେମ୍ବର ଠାରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ସ୍ୱଚ୍ଛତା ସେବା ଓ ବିଶ୍ୱ ପର୍ଯ୍ୟଟନ ଦିବସ ଡଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ମଦର ଟେରେସା ବିଦ୍ୟାଳୟର ସମ୍ପାଦକ ଅନିରୁଦ୍ଧ ପାତ୍ର, ସମ୍ମାନିତ ଅତିଥି ଭାବେ ଡିଆରସିର ଅଧିକାରିଣୀ ସ୍ନେହଲତା ମହାନ୍ତି, ଖବରଦାତା ରାଜଶ୍ରୀ ପାଣିଗ୍ରାହୀ,ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ଜିପିଡିଓ ପ୍ରୀୟବ୍ରତ ଗିରି, ସମିତି ସଦସ୍ୟ ମନୋଜ ଦାସ, ଡଗରା ବେଳାଭୂମି ଉନ୍ନୟନ କମିଟିର ସଭାପତି ନିତ୍ୟାନନ୍ଦ ଜେନା, ସଦସ୍ୟ ଅର୍ଜୁନ ବାରିକ,ମୁକ୍ତିପଦ ନନ୍ଦୀ, ରବିନ୍ଦ୍ର ମଣ୍ଡଳ, ପ୍ରତାପ ଧଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ବିଦ୍ୟାଳୟରୁ ବେଳାଭୂମି ପର୍ଯ୍ୟନ୍ତ ଏକ ସ୍ୱଚ୍ଛତା ରାଲି ବାହାରୀ ସମୁଦ୍ର ବେଳାଭୂମିରେ ପହଞ୍ଚି ସଫେଇ କାର୍ଯ୍ୟ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱଚ୍ଛତା ସମ୍ପର୍କୀତ ଭାଷଣ, ନୃତ୍ୟ ସଙ୍ଗୀତ, ଅଭିନୟ ପ୍ରଭୃତି ପରିବେଷଣ କରିଥିଲେ।

## ସୁନୀଲ ସାମଲଙ୍କ ଦ୍ୱାଦଶରେ କ୍ୟାଣ୍ଡଲ ଯାତ୍ରା




ଛତ୍ରପୁର,୨୭।୯(ସଂଚାର ବ୍ୟୁରୋ):ଗଞ୍ଜାମ ସହରର ଜଣାଶୁଣା ଶିକ୍ଷକ ସ୍ୱର୍ଗତ ସୁନୀଲ ସାମଲଙ୍କ ଦ୍ୱାଦଶ ଅବସରରେ ରବିବାର କ୍ୟାଣ୍ଡଲ ଯାତ୍ରା ଓ ଶୋକସଭା ଅନୁଷ୍ଠିତ ହୋଇଛି। ଜୟଶ୍ରୀ ଛକଠାରୁ ଆରମ୍ଭ ହୋଇଥିବା କ୍ୟାଣ୍ଡଲ ଯାତ୍ରା ସହର ପରିକ୍ରମା କରି ସୁନୀଲଙ୍କ ବାସଭବନ ଓ କୋଚିଂ ସେଣ୍ଟର ପର୍ଯ୍ୟନ୍ତ ପହଞ୍ଚିଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ, ସହକର୍ମୀ ଓ ଶୁଭେଚ୍ଛୁ ସାମିଲ ହୋଇ ସୁନୀଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ମାତ୍ର ୩୯ ବର୍ଷ ବୟସରେ ସୁନୀଲ ସାମଲଙ୍କ ଅକାଳ ବିୟୋଗ ଗଞ୍ଜାମ ସହରରେ ଶୋକର ଛାୟା ଖେଳି ଯାଇଛି। ଶାନ୍ତ, ସରଳ ଓ ମିଷ୍ଟଭାଷୀ ଭାବେ ପରିଚିତ ସୁନୀଲ ଗଞ୍ଜାମସ୍ଥିତ ଜୟଶ୍ରୀ କେମିକାଲ ସ୍କୁଲରେ ପ୍ରାଣୀ ବିଜ୍ଞାନ ଶିକ୍ଷକ ଭାବେ ଦୀର୍ଘ ୧୮ ବର୍ଷ ଧରି ଶିକ୍ଷାଦାନ କରିଥିଲେ। ଏଥିସହ ସେ ନିଜର କୋଚିଂ ସେଣ୍ଟର ମଧ୍ୟ ପରିଚାଳନା କରୁଥିଲେ। ଗତ ପ୍ରାୟ ୬ ମାସ ଧରି ସେ କିଡ୍‌ନୀଜନିତ ଅସୁସ୍ଥତାରେ ପୀଡ଼ିତ ଥିଲେ। ଭୁବନେଶ୍ୱର ଏମ୍‌ସରେ ନିୟମିତ ଚିକିତ୍ସିତ ହେଉଥିବା ବେଳେ ଚଳିତ ସପ୍ତାହରେ ତାଙ୍କର ମୃତ୍ୟୁ ଘଟିଥିଲା।।

ଦ୍ୱାଦଶ ଅବସରରେ ଆୟୋଜିତ ଶୋକସଭାରେ ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର, ସହକର୍ମୀ ଓ ଶୁଭେଚ୍ଛୁମାନେ ସୁନୀଲଙ୍କ ସ୍ମୃତିଚାରଣ କରିଥିଲେ। ଶୋକସଭାକୁ ଜିଜ୍ଞାଂଶା ସାହୁ, ଅମ୍ବିକା ପଣ୍ଡା, ଏସ୍. ସୁମିତ୍ରା ରେଡ୍ଡୀ, ସସ୍ମିତା ବେହେରା, ସାଇ ଶ୍ରଦ୍ଧା ପଲାଇ, ଦୀପକ ବେହେରା ଓ ପ୍ରତୀକ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

*ସିଆଇଆଇ ଇଷ୍ଟର୍ନ ରିଜିଅନ୍ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ଆୱାର୍ଡ ୨୦୨୫-୨୬*

## ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଖଣିକୁ ରାଜ୍ୟସ୍ତରୀୟ ପ୍ରଥମ ପୁରସ୍କାର




ଯୋଡ଼ା,୨୭।୯(ସଂଚାର ବ୍ୟୁରୋ): ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ (ଏସ୍‌ଏଚ୍‌ଇ) ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଲୁହାପଥର ଖଣି ସମ୍ମାନିତ ହୋଇଛି। କୋଲକାତାରେ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ), ପୂର୍ବାଞ୍ଚଳ ପକ୍ଷରୁ ଆୟୋଜିତ 'ଏସ୍‌ଏଚ୍‌ଇ ଏକ୍ସଲେନ୍ସ ଆୱାର୍ଡ ୨୦୨୫-୨୬'ରେ ଲାର୍ଜ ସ୍କେଲ୍ ମାଇନିଂ ସେକ୍ଟରରେ ଖଣ୍ଡବନ୍ଧ ଖଣି ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ରାଜ୍ୟସ୍ତରୀୟ ବିଜେତା ହୋଇଛି।

ଖଣି ଅଞ୍ଚଳରେ ସୁରକ୍ଷିତ କାର୍ଯ୍ୟପରିବେଶ, କର୍ମଚାରୀଙ୍କ ସ୍ୱାସ୍ଥ୍ୟସୁରକ୍ଷା ଏବଂ ପରିବେଶ ଅନୁକୂଳ ପରିଚାଳନା ପାଇଁ ଖଣ୍ଡବନ୍ଧ ଖଣି ଏହି ସମ୍ମାନ ଲାଭ କରିଛି। କୋଲକାତାରେ ଆୟୋଜିତ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ ଟାଟା ଷ୍ଟିଲ୍ ପକ୍ଷରୁ ସିନିୟର ଏରିଆ ମ୍ୟାନେଜର (ଏକ୍ସକାଭେସନ୍) ଅଭିଷେକ ସିଂହ ଓ ଏରିଆ ମ୍ୟାନେଜର (ସେଫ୍ଟି) ଜୀବିତେଶ କୁମାର ଅନୋଖେ ପୁରସ୍କାର ଗ୍ରହଣ କରିଥିଲେ।

ଏହି ଅବସରରେ 'କନ୍ସଲ୍ଟିଭୋ ସେଫ୍ଟି ଲିଡରଶିପ୍ କୁଇଜ୍-୨୦୨୬'ରେ ଅଂଶଗ୍ରହଣ ପାଇଁ ଜୀବିତେଶ କୁମାରଙ୍କୁ 'ଆୱାର୍ଡ ଅଫ୍ ଆପ୍ରିସିଏସନ୍' ପ୍ରଦାନ କରାଯାଇଥିଲା।

ବିପଦମୁକ୍ତ କାର୍ଯ୍ୟପରିବେଶ ସୃଷ୍ଟି, କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି ଏବଂ ପରିବେଶ ସୁରକ୍ଷାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଖଣ୍ଡବନ୍ଧ ଖଣି ଗୁରୁତ୍ୱ ଦେଇଆସୁଛି। ଏହି ପୁରସ୍କାର ଦାୟିତ୍ୱବାନ୍ ଓ ସ୍ଥାୟୀ ଖନନ ପ୍ରକ୍ରିୟା ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

## ଅନ୍ତର୍ଜାତୀୟ ପର୍ଯ୍ୟଟନ ଦିବସରେ ଜିଲ୍ଲାସ୍ତରୀୟ ପ୍ରୋମୋ ମାରାଥନ




ଖୋରଧା,୨୭।୯(ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଆଜି ଜିଲ୍ଲା ସଦର ମହକୁମା ବି .ଜେ .ବି ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଏବଂ ଓ ଏମ ସି କୋଷ୍ଟାଲ ମାରାଥନ୍ ପୁରୀ ଉପଲକ୍ଷେ ପ୍ରୋମୋ ମାରାଥନ୍ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ଖୋରଧା ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଦିବସକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ପ୍ରୋମୋ ମାରାଥନରେ ଯୋଗଦେଇଥିବା ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର ଛାତ୍ରୀ, ଗଣାମାଧ୍ୟାମ ପ୍ରତିନିଧି, କ୍ରୀଡାବିତ୍ ମାନଙ୍କୁ ସାଧୁବାଦ୍ ଜଣାଇଥିଲେ।

ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ବି ଡି ଓ , ସିଦ୍ଧାର୍ଥ ପଟ୍ଟନାୟକ, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର, ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ ଯୋଗଦେଇ ଆମ ପର୍ଯ୍ୟଟନ ଆମ ଅର୍ଥନୀତିକୁ କିଭଳି ସହଯୋଗ ଓ ପ୍ରୋତ୍ସାହନ ଦେଉଛି ସେ ସମ୍ବନ୍ଧରେ ଆଲୋକ ପାତ କରିଥିଲେ। ପ୍ରାୟ ୨୫୦ ପ୍ରତିଯୋଗୀ ମାନେ ପ୍ରୋମୋ ମାରାଥନରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ମାନଙ୍କ ଗହଣରେ ଫ୍ଲାଗ କାର୍ଡ ଦେଖାଇ ମାରାଥନ ର ଶୁଭାରମ୍ଭ କରିଥିଲେ। ମାରାଥନ୍ ପ୍ରତିଯୋଗୀ ମାନେ ବି ଜେ ବି ହାଇସ୍କୁଲରୁ ବାହାରି ଷ୍ଟେଟ୍ ବ୍ୟାଙ୍କ ଛକ, ଭେଟେନାରି ଛକ ଓ ନୂଆ ବସ୍ ଷ୍ଟାଣ୍ଡ ଦେଇ ପୁନଶ୍ଚ ବି ଜେ ବି ହାଇସ୍କୁଲରେ ପହଞ୍ଚି ଥିଲେ। ଏହି ପ୍ରତି ଯୋଗିତାରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅନୱାର ଖାନ୍, ପ୍ରଥମ, ବେଞ୍ଜାମିନ ପ୍ରଧାନ, ଦ୍ୱିତୀୟ ଏବଂ ସଚିନ କୁମାର ପ୍ରଧାନ ତୃତୀୟ ବାଳକ ବିଭାଗରେ କୃତିତ୍ୱ ହାସଲ କରିଥିବା ବେଳେ ବାଳିକା ବିଭାଗରେ ସ୍ୱପ୍ନାରାଣି ନାୟକ, ପ୍ରଥମ, ଜସ୍ମିନ ମହାପାତ୍ର, ଦ୍ୱିତୀୟ, ଏବଂ ଜାଗୃତି କୁମାରୀ, ତୃତୀୟ, ଗୀତା କୃତିତ୍ୱ ହାସଲ କରିଥିଲେ। ଏମାନେ ଡିସେମ୍ବର ୧୩ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା କୋଷ୍ଟାଲ୍ ପର୍ଯ୍ୟଟନ ପ୍ରୋମୋ ମାରାଥନ୍‌ରେ ଯୋଗ ଦେବେ।

## ବନ୍ୟା ଜଳରେ ଭାସିଯାଇଥିବା ଯୁବକ ଉଦ୍ଧାର



ଧାମନଗର,୨୭।୯(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ଦିହୁଡ଼ି ଆନନ୍ଦପୁର ଗ୍ରାମ ପଞ୍ଚାୟତର ପାହାଡ ପୁର ଗ୍ରାମର ଚନ୍ଦ୍ରମଣି ଖୁଣ୍ଟିଆ(୪୪) ବନ୍ୟା ଜଳରେ ବସିଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଚନ୍ଦ୍ରମଣି ଖୁଣ୍ଟିଆ ରବିବାର ମଧ୍ୟାହ୍ନରେ ଗ୍ରାମ ନିକଟସ୍ଥ ଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ତାଙ୍କର ଗୋଡ ଖସି ଯିବାରୁ ନଦୀରେ ଭାସି ଯାଇଥିଲେ। ବିଳମ୍ବ ହେବାରୁ ପରିବାର ତଥା ଗ୍ରାମ ଲୋକେ ଖୋଜାଖୋଜି କରିଥିଲେ। ପରେ ନଦୀରେ ମଧ୍ୟରେ ଥିବା ଏକ ଗଛକୁ ଆଶ୍ରା କରି ରହିଥିବାର ଗାଁ ଲୋକେ ଦେଖିଥିଲେ। ଖବର ପାଇ ଧାମନଗର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଚନ୍ଦ୍ରମଣିକୁ ଉଦ୍ଧାର କରିଥିଲେ।